• Vol.- 46, Issue No.60
• Sunday, 31 May 2026
• ରବିବାର, ୩୧ ମଇ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ଟିଏମ୍‌ସି ନେତା ଅଭିଷେକଙ୍କୁ ଅଣ୍ଡାମାଡ଼

### କହିଲେ, ହତ୍ୟା ଷଡ଼ଯନ୍ତ୍ର କରାଯାଇଛି

କୋଲାକାତା,୩୦।୫ : ପଶ୍ଚିମବଙ୍ଗର ସୋନାରପୁରଠାରେ ଟିଏମସି ନେତା ଅଭିଷେକ ବାନାର୍ଜୀଙ୍କୁ ଶନିବାର ଆକ୍ରମଣ ହୋଇଛି । ଜଣେ କର୍ମୀଙ୍କ ଘରକୁ ସେ ଯାଉଥିବା ସମୟରେ ଏଭଳି ଘଟିଥିଲା । ବାଟରେ କିଛି ଲୋକ ତାଙ୍କୁ ବିରୋଧ କରିବା ସହ ନାରାବାଜି କରିଥିଲେ । ତାଙ୍କ ଉପରକୁ ଅଣ୍ଡା ଓ ଟେକା ମାରିବା ସହ ପୋଷାକ ଚିରି ଦେଇଥିଲେ । ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସୁରକ୍ଷାକର୍ମୀ ଏବଂ ପୁଲିସ ଅଭିଷେକଙ୍କୁ ହେଲମେଟ୍ ପିନ୍ଧାଇ



ଘଟଣାସ୍ଥଳରୁ ଉଦ୍ଧାର କରିଥିଲେ । ଏହି ଆକ୍ରମଣ ପରେ ଅଭିଷେକ ଅଭିଯୋଗ କରିଛନ୍ତି ଯେ ବିଜେପି କର୍ମୀମାନେ ଜାଣିଶୁଣି ତାଙ୍କ ଉପରେ ଆକ୍ରମଣ କରିଛନ୍ତି । ବିଜେପି କର୍ମୀମାନେ ଚୋର ଚୋର କହି ନାରାବାଜି କରିଥିବା ମଧ୍ୟ ଅଭିଯୋଗ କରିଛନ୍ତି । ଅଭିଷେକ କହିଛନ୍ତି, ମୋତେ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରାଯାଇଛି । 'ଏହି ସମ୍ପୂର୍ଣ୍ଣ ଘଟଣା କ୍ୟାମେରାରେ କଏଦ ହୋଇଛି । ଆମେ ଏ ବିଷୟରେ ହାଇକୋର୍ଟଙ୍କୁ ଜଣାଇବୁ । ଆମେ ରାଜ୍ୟପାଳଙ୍କୁ ମଧ୍ୟ ଜଣାଇବୁ । ମୁଁ ନିଶ୍ଚିତ ଭାବରେ କୋର୍ଟଙ୍କ ଦ୍ୱାରସ୍ଥ ହେବି' ଏପରି କହିଛନ୍ତି ଅଭିଷେକ । ଏଥିସହ ସେ କହିଛନ୍ତି ଯେ କର୍ତ୍ତୃପକ୍ଷଙ୍କୁ ପୂର୍ବରୁ ଜଣାଇବା ସତ୍ତ୍ୱେ ତାଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦିଆଯାଇ ନ ଥିଲା ।

### ଦୁର୍ନୀତି ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ଶୂନ୍ୟ ସହନଶୀଳତା

# ପୂର୍ବତନ ଅତିରିକ୍ତ ତହସିଲଦାର ବିଦା

ଭୁବନେଶ୍ୱର ୩୦।୫(ନିପ୍ର): ଦୁର୍ନୀତି ବିରୋଧରେ କଡ଼ା ଆଭିମୁଖ୍ୟ ଜାରି ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରର ପୂର୍ବତନ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପିଲ୍ଲାଙ୍କୁ ଚାକିରିରୁ ବରଖାସ୍ତ କରିଛନ୍ତି ।ଶ୍ରୀ ପିଲ୍ଲା ପୂର୍ବରୁ ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ ଏବଂ ପରେ ଜଗତସିଂହପୁରରେ ଡେପୁଟିକଲେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଇଥିଲେ । ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଥିବାବେଳେ ତାଙ୍କର ଅନେକ ନିଷ୍ପତ୍ତିରେ ଅନିୟମିତତାର ତଥ୍ୟ ଆସିଥିଲା । ଶ୍ରୀ ପିଲ୍ଲାଙ୍କର ଜମିଜମା ସମ୍ପର୍କିତ ଅନେକ ନିଷ୍ପତ୍ତି ସମ୍ବନ୍ଧରେ ବିଭାଗର ବରିଷ୍ଠ ଅଧିକାରୀ



ମାନଙ୍କ ଦ୍ୱାରା ତଦନ୍ତ କରାଯାଇଛି ଏବଂ ଏହି ତଦନ୍ତରୁ ବିଭିନ୍ନ ଅନିୟମିତତା ସ୍ପଷ୍ଟ ଭାବେ ପ୍ରକାଶ ପାଇଛି ।ଏଥିପାଇଁ ମୁଖ୍ୟମନ୍ତ୍ରୀଶ୍ରୀ ମାଝୀ ସମ୍ପୃକ୍ତ ଅଧିକାରୀ ଶ୍ରୀ ପିଲ୍ଲାଙ୍କୁ ସରକାରୀ ସେବାରୁ ବରଖାସ୍ତ କରିଛନ୍ତି । ସୂଚନାଯୋଗ୍ୟ ଯେ,ଦୁର୍ନୀତି ବିରୋଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଆସିଛନ୍ତି । କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛଡାଯିବନାହିଁ ବୋଲି ମୁଖ୍ୟମନ୍ତ୍ରୀ ଅନେକ ସମୟରେ କହି ଆସିଛନ୍ତି ।

### ୨ ତାରିଖରୁ ବିଭାଗ ୱାରୀ ସମୀକ୍ଷା

ଭୁବନେଶ୍ୱର, ୩୦।୫(ନିପ୍ର): ୨ ତାରିଖ ଠାରୁ ବିଭାଗ ୱାରୀ ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ । ଏନେଇ ଶିଳ୍ପ ମନ୍ତ୍ରୀସମ୍ପଦ ସ୍ୱାଇଁ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ୨ବର୍ଷ ମଧ୍ୟରେ ଆମ ବିଭାଗ ବହୁତ କାମ କରିଛି । ପୂର୍ବରୁ ମେଟାଲ ସେକ୍ଟରରେ ଅଧିକ ପୁଞ୍ଜି ନିବେଶ ଆସୁଥିବା ବେଳେ ଏବେ ଅକ୍ଷୟ ଶକ୍ତି,ଆଇଟି, ଖାଦ୍ୟ ପ୍ରକ୍ରିୟାକରଣ, ସେମି କଣ୍ଡକ୍ଟର କ୍ଷେତ୍ରରେ ଅଧିକ ପୁଞ୍ଜି ଆସୁଛି । ପୁଞ୍ଜି ନିବେଶ ଠାରୁ ଗ୍ରାଉଣ୍ଡିଙ୍ଗ ଯାଏଁ ବିଭାଗ ମନିଟରିଂକରୁଛି । ସଫଳତା ଅନେକ ମିଳୁଛି । ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଆ ପିଲାଙ୍କୁ ବିଶ୍ୱ ସ୍ତରରେ ସଫଳତା ମିଳୁଛି । ସମସ୍ତ ଆଇଟିଆଇ କେନ୍ଦ୍ରଗୁଡିକ ସଶକ୍ତ କରାଯାଇଛି । ୨ ତାରିଖ ଠାରୁ ମୁଖ୍ୟମନ୍ତ୍ରୀ ବିଭାଗ ୱାରୀ ସମୀକ୍ଷା କରିବେ । ଆମେ ଆମର ରିପୋର୍ଟ ପ୍ରସ୍ତୁତ କରୁଛୁ ବୋଲି ମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ ଯେ, ଜୁନ୍ ୧୨ରେ ମୋହନ ସରକାରକୁ ୨ ବର୍ଷ ପୂର୍ତ୍ତି ହେବାକୁ ଯାଉଥିବାରୁ ବିଭାଗ ୱାରୀ ସମୀକ୍ଷା ଦ୍ୱାରା ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତା ଜଣାପଡ଼ିବ ବୋଲି କୁହାଯାଇଛି ।

### ବିଶ୍ୱସ୍ତରୀୟ ଆଇଟି କମ୍ପାନୀ ଇଣ୍ଟେଲ

## ଓଡ଼ିଶାରେ ସ୍ଥାପିତ ହେବ ପ୍ରଥମ ୟୁନିଟ

ଭୁବନେଶ୍ୱର, ୩୦।୫ (ନିପ୍ର): ବିଶ୍ୱସ୍ତରୀୟ ଆଇଟି କମ୍ପାନୀ ଇଣ୍ଟେଲର ଭାରତର ଓଡ଼ିଶାରେ ପ୍ରଥମ ୟୁନିଟ୍ ଗଠନ ହେବାକୁ ଯାଉଛି । ସେଥିପାଇଁ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଭୁବନେଶ୍ୱରରେ ସେମି କଣ୍ଡକ୍ଟର ପ୍ୟାକେଜିଙ୍ଗ ୟୁନିଟ୍ ଇଣ୍ଟେଲ ଖୋଲିବ । ରାଜ୍ୟରେ ଆଇଟି ସେକ୍ଟରରେ ଇକୋ ସିଷ୍ଟମ ବୃଦ୍ଧି ପାଇବ । ପ୍ରାୟ ୨୭ହଜାର କୋଟି ଟଙ୍କାର ପୁଞ୍ଜିବିନିଯୋଗରେ ଇଣ୍ଟେଲ ତାର କାରଖାନା ଖୋଲିବା ନିମନ୍ତେ ଇଣ୍ଟେଲ -ଭାରତ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଚୁକ୍ତି ହୋଇଛି । ଆମେରିକାର ଇଣ୍ଟେଲ ମୁଖ୍ୟାଳୟରୁ ମୁଖ୍ୟଶାସନ ସଚିବ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଭୁବନେଶ୍ୱର–ଖୋର୍ଦ୍ଧା ଅଞ୍ଚଳରେ ଏକ ଆଡଭାନ୍ସ ପ୍ୟାକେଜିଂ ଗ୍ଲାସ କୋର୍‌ସବଷ୍ଟ୍ରାକ୍ଟ ମ୍ୟାନୁଫକ୍ଚରିଂ ଫ୍ୟାସିଲିଟି କେନ୍ଦ୍ର ସ୍ଥାପନ ପାଇଁ ଓଡ଼ିଶା ସରକାର ଏବଂ ଇଂଟେଲ କର୍ପୋରେସନ ଓ ୩ ଡିଜିଏସ ଆଇଏନସି ମଧ୍ୟରେ ହୋଇଥିବା ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରରେ ଓଡ଼ିଶା ସାଜୁଛି ଉଦାହରଣ । ଡବଲ୍ ଇଞ୍ଜିନ୍ ସରକାରରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହେଉଛି । ମନ୍ତ୍ରୀ କହିଛନ୍ତି ଯେ, ୨୮ହଜାର କୋଟି ପୁଞ୍ଜି ନିବେଶରେ ହେଉଥିବା ଏହି ପ୍ରକଳ୍ପ ମାଧ୍ୟମରେ ସେମିକଣ୍ଡକ୍ଟର ଉତ୍ପାଦନ ସହ ରାଜ୍ୟରେ ଯୁବବର୍ଗଙ୍କ ଦକ୍ଷତା ବିକାଶ ତଥା ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ଯାହା ଏକ 'ବିକଶିତ ଓଡ଼ିଶା'ତଥା ବିକଶିତ ଭାରତ ଗଠନକୁ ପ୍ରୋତ୍ସାହିତ କରିବ । ଓଡ଼ିଶାକୁ ଏକ ଅଗ୍ରଣୀ ସେମିକଣ୍ଡକ୍ଟର ହବରେ ପରିଣତ କରିବା ନିମନ୍ତେ ଆବଶ୍ୟକ ପ୍ରୋତ୍ସାହନ ସହ ଏଭଳି ପ୍ରକଳ୍ପ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅଶେଷ କୃତଜ୍ଞତା ଜଣାଇଛନ୍ତି ମନ୍ତ୍ରୀ । କାର୍ଯ୍ୟକ୍ରମରେ କେନ୍ଦ୍ର ରେଳ ତଥା ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ ଅଶ୍ୱିନୀବୈଷ୍ଣବ ଉପସ୍ଥିତ ଥିଲେ ।




## ଆଜିଠୁ ୨ ଦିନିଆ କୁଳପତି ସମ୍ମିଳନୀ

ଭୁବନେଶ୍ୱର,୩୦।୫: ରାଜ୍ୟରେ ଉଚ୍ଚଶିକ୍ଷାର ମାନ ବୃଦ୍ଧି ଓ ଆଗାମୀ ଭବିଷ୍ୟତରେ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଅଧିକ ସମୟୋପଯୋଗୀ କରିବା ଉଦ୍ଦେଶ୍ୟରେ ଆୟୋଜିତ ହେବାକୁ ଯାଉଛି ୨ ଦିନିଆ କୁଳପତି ସମ୍ମିଳନୀ । ମେ' ୩୧ରୁ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ଲୋକଭବନରେ କୁଳପତି ସମ୍ମିଳନୀ -୨୦୨୬ ଆୟୋଜିତ ହେବ । ଏହି ଅବସରରେ ପ୍ରଥମ ଦିନ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ପ୍ରସାରିତ ହେବ । ଏଥିରେ ବିକଶିତ ଓଡ଼ିଶା–୨୦୩୬' ଏବଂ 'ବିକଶିତ ଭାରତ–୨୦୪୭' ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଏବଂ ସଫଳତାକୁ ଉପସ୍ଥାପନ କରାଯିବ । ଜାତୀୟସ୍ତରୀୟ ଘଟଣା ଉପରେ ଇଂରାଜୀ ଓ ଓଡ଼ିଆ ବକ୍ତୃତା ଆଧାରିତ ଚାନ୍ସଲର୍ସ କପ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସମ୍ମିଳନୀର ଦ୍ୱିତୀୟ ଦିବସରେ 'ଜାତୀୟ ଶିକ୍ଷାନୀତି–୨୦୨୦' (ଏନଇପି) ଉପରେ ସ୍ୱତନ୍ତ୍ର ଆଲୋଚନା ହେବ । ଏନଇପି ଅଧୀନରେ ପ୍ରଶାସନିକ ସଂସ୍କାର, ବହୁ ବିଭାଗୀୟ ଶିକ୍ଷା ଓ ଗବେଷଣା, ଦକ୍ଷତା ସମନ୍ୱୟ ଏବଂ ନିଯୁକ୍ତି ଯୋଗ୍ୟତା, ଉଚ୍ଚଶିକ୍ଷାରେ ଡିଜିଟାଲ୍ ପରିବର୍ତ୍ତନ, କ୍ରେଡିଟ୍ ଫ୍ରେମୱାର୍କ, ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍ ଏବଂ ପାଠ୍ୟକ୍ରମ ସଂସ୍କାର, ଓଡ଼ିଶାରେ ଉଚ୍ଚଶିକ୍ଷା ପାଇଁ ସରକାରଙ୍କ ଦୃଷ୍ଟିକୋଣ, ବିଶ୍ୱବିଦ୍ୟାଳୟକୁ ଶିଳ୍ପ ସହଯୋଗ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିକ୍ଷା ବିଷୟରେ ଦୀର୍ଘକାଳୀନ ଚର୍ଚ୍ଚା ହେବ ।

### ଚେତାବନୀ ଦେଲା ସଂଘ

## ୧୦ ଦିନରେ ବଢ଼ାଅ ଭଡ଼ା

 କଟକ,୩୦।୫(ନିପ୍ର) : ବସ୍ ଭଡା ନ ବଢିଲେ ରାଜ୍ୟରେ ଘରୋଇ ବସ୍ ଧର୍ମଘଟ ଚେତାବନୀ ଦିଆଯାଇଛି । ଡିଜେଲ ସହ ବସ୍ ବ୍ୟବସାୟରେ ଆନୁଷଙ୍ଗିକ ଜିନିଷର ମୂଲ୍ୟ ବୃଦ୍ଧି ଘଟିଛି । ଏହାସହ ବୀମା ଓ ଟିକସ ମଧ୍ୟ ବଢିଛି । ଏଭଳି ପରିସ୍ଥିତିରେ ସର୍ବନିମ୍ନ ବସ୍ ଭଡା ବୃଦ୍ଧି ନ ହେଲେ ଯାତ୍ରୀ ପରିବହନ ବ୍ୟବସାୟ କରିବା ଅସମ୍ଭବ ବୋଲି କହିଛି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ । କଟକରେ ଆୟୋଜିତ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟକାରିଣୀ ବୈଠକରେ ଏହିଭଳି ନିଷ୍ପତ୍ତି ନିଆଯାଇଛି । ଅଟୋମେଟିକ୍ ମେକାନିଜିମ୍ ମାଧ୍ୟମରେ ଡିଜେଲ ଦର ବଢିଲେ ବା କମିଲେ ବସ୍‌ଭଡା ସଂଶୋଧନ ହେଉଥିଲା । କିନ୍ତୁ ଏବେ ନିୟମିତ ବ୍ୟବଧାନରେ ଡିଜେଲ ଦର ବଢିଚାଲିଥିବା ବେଳେ ସେହି ଅନୁପାତରେ ବସ୍ ଭଡା ବୃଦ୍ଧି କରାଯାଇନଥିବା ବସ୍ ମାଲିକ ସଂଘ କହିଛି । ଏହାସହ ବସ୍ ଚେସିସ୍, ଟାୟାର, ଲୁବ୍ରିକାଣ୍ଟ ଦର ସହ ବୀମା ଓ ଟିକସ୍ ମଧ୍ୟ ଗତ ୧୦ ବର୍ଷ ଭିତରେ ବହୁ ମାତ୍ରାରେ ବଢିଛି । ମାତ୍ର ଗତ ୧୦ ବର୍ଷ ହେବ ଅଟୋମେଟିକ ମେକାନିଜିମରେ ସେ ସବୁ ଦିଗ ପ୍ରତି ଧ୍ୟାନ ଦିଆଯାଇ ନାହିଁ । ତେଣୁ ଡିଜେଲ ଦର ବୃଦ୍ଧି ସହ ଯାତ୍ରୀ ପରିବହନରେ ଆନୁଷଙ୍ଗିକ ଜିନିଷର ଦର ବୃଦ୍ଧିକୁ ନେଇ ବସ୍ ଭଡା ବଢାଇବା ପାଇଁ ବସ୍ ମାଲିକ ସଂଘ ଦାବି କରିଛି । ଏ ନେଇ ରାଜ୍ୟ ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଯଦି ସରକାର ୧୦ ଦିନ ଭିତରେ କୌଣସି ନିଷ୍ପତ୍ତି ନ ନିଅନ୍ତି, ତେବେ ରାଜ୍ୟରେ ଘରୋଇ ବସ୍ ସେବା ବନ୍ଦ

**ନୋହିଲେ ବସ୍ ଚଳାଚଳ ବନ୍ଦ**

କରିବା ପାଇଁ ସଙ୍ଘ ବାଧ ହେବ ବୋଲି କହିଛି । ସେପଟେ ରାଜ୍ୟ ସରକାର କେବଳ ଯଦି ଡିଜେଲ ଉପରୁ ଭାଟ୍ ବା ଭ୍ୟାଲୁ ଆଡେଡ୍ ଟିକସ ଛାଡ କରିଦିଅନ୍ତି, ତେବେ ବସ୍ ଧର୍ମଘଟ ହେବ ନାହିଁ ବୋଲି କହିଛି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ । ଏବେ ରାଜ୍ୟ ସରକାର ଡିଜେଲ ଉପରେ ୧୨ରୁ ୧୮ପ୍ରତିଶତ ଭାଟ୍ ନେଉଛନ୍ତି । ଉଲ୍ଲେଖଯୋଗ୍ୟ ଯେ , ଏବେ ସାଧାରଣ ଘରୋଇ ବସ୍‌ରେ ସର୍ବନିମ୍ନ କିଲୋମିଟର ପିଛା ଭଡା ୯୦ପଇସା ଥିବା ବେଳେ, କିଲୋମିଟର ପିଛା ସର୍ବାଧିକ ଭଡା ୨ଟଙ୍କା ୪୭ପଇସା ରହିଛି ।

## 'ଆଡମିଶନ ପୂର୍ବରୁ କାମ ଦେବ ଆୟୁଷ୍ମାନ'

### ୩ ଦିନ ପୂର୍ବରୁ ସବୁ ଟେଷ୍ଟ: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୫: ଏଣିକି ହସ୍ପିଟାଲରେ ଆଡ୍‌ମିଟ ପୂର୍ବରୁ ଆୟୁଷ୍ମାନ କାର୍ଡରେ ସବୁ ପରୀକ୍ଷା ହେବ । ଆଡ୍‌ମିଟର ୩ ଦିନ ପୂର୍ବରୁ ସବୁ ଟେଷ୍ଟ ଆୟୁଷ୍ମାନ ପ୍ୟାକେଜରେ ଅନ୍ତର୍ଭୁକ୍ତ ହେବ । ଆୟୁଷ୍ମାନ ସେବାକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଏହି ନିର୍ଦ୍ଦେଶନାମାକୁ ସମସ୍ତ ଘରୋଇ ହସ୍ପିଟାଲଗୁଡିକୁ ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ ହସ୍ପିଟାଲ ନ କରିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । ଆୟୁଷ୍ମାନ ଯୋଜନାର ହିତାଧିକାରୀଙ୍କୁ ଭଲ ବ୍ୟବହାର ଓ ଆତିଥ୍ୟ ପ୍ରଦାନ ପୂର୍ବକ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ସମସ୍ତ ବେସରକାରୀ ହସ୍ପିଟାଲଗୁଡିକୁ ମନ୍ତ୍ରୀ କହିଛନ୍ତି । ମେଡିକାଲକୁ ଆସୁଥିବା ଅଧିକ ପ୍ରତିଶତ ଲୋକ ଆୟୁଷ୍ମାନ ଯୋଜନା ହିତାଧିକାରୀ । ସେମାନଙ୍କ ସୁବିଧା ପାଇଁ ହେଲ୍ପ ଡେସ୍କ କରିବାକୁ ସମସ୍ତ ମେଡିକାଲକୁ କହିଥିଲେ । ସାହାଯ୍ୟପୂର୍ଣ୍ଣ ପରିବେଶରେ ଚିକିତ୍ସା ପାଇଲେ ହସ୍ପିଟାଲର ସୁନାମ ବଢିବ । ବୈଠକରେ ଯୋଜନା ଅଧୀନରେ ରୋଗୀମାନଙ୍କୁ ଗୁଣାତ୍ମକ ଏବଂ କ୍ୟାଶଲେସ୍ ଚିକିତ୍ସା ସେବା ନିଶ୍ଚିତ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ରାଜ୍ୟର କୋଟି କୋଟି ଲୋକ ଉପକୃତ ହେଉଛନ୍ତି । ତେଣୁ ଯୋଜନାର ସଫଳତା ପାଇଁ ହସ୍ପିଟାଲ ମାନଙ୍କ ସହଯୋଗ ଅତ୍ୟାବଶ୍ୟକ ।

## ମହାନଦୀ ଜଳ ବିବାଦ: ପରବର୍ତ୍ତୀ ଶୁଣାଣି ଜୁନ୍ ୬ରେ

ଭୁବନେଶ୍ୱର, ୩୦।୫(ନିପ୍ର): ମହାନଦୀ ଜଳ ବିବାଦ ମାମଲାରେ ଟ୍ରିବ୍ୟୁନାଲ୍‌ଙ୍କ ନିକଟରେ ୧୫ଟି ପ୍ରସଙ୍ଗ ଦାଖଲ କରାଯାଇଛି । ୧୫ଟି ପ୍ରସଙ୍ଗରୁ ୧୨ଟିରେ ଦୁଇ ରାଜ୍ୟ ସହମତି ପ୍ରକାଶ କରିଛନ୍ତି । ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ମହାନଦୀ ଜଳ ବିବାଦ ମାମଲାରେ ଟ୍ରିବ୍ୟୁନାଲ୍‌ଙ୍କ ନିକଟରେ ଆଜିର ଶୁଣାଣି ଶେଷ ହୋଇଛି ।୧୨ଟି ପ୍ରସଙ୍ଗରେ ଦୁଇ ରାଜ୍ୟ ସହମତି ପ୍ରକାଶ କରିଛନ୍ତି । ସହମତି ପ୍ରକାଶ ନେଇ ଉଭୟ ରାଜ୍ୟ ଟ୍ରିବ୍ୟୁନାଲଙ୍କୁ ଅବଗତ କରିଛନ୍ତି । ଅନ୍ୟ ପ୍ରସଙ୍ଗରେ ଦୁଇ ରାଜ୍ୟର ବିଭିନ୍ନ ଟିମ୍ ବସି ସମାଧାନ କରିବେ । ଉଭୟ ରାଜ୍ୟର ଟେକ୍ନିକାଲ୍ ଟିମ୍ ଓ ଲିଗାଲ୍ ଟିମ୍ ବସି ସମାଧାନର ବାଟ ବାହାର କରିବେ । ଟ୍ରିବ୍ୟୁନାଲ୍‌ରେ ପାଖାପାଖି ତାରିଖ ପଡୁଥିବା ଏକ ଭଲ ସଂକେତ । ତାରିଖ ପାଖାପାଖି ପଡୁଥିବାରୁ ଶୀଘ୍ର ସହମତି ପ୍ରକାଶ ପାଇବା ଆଶା କରାଯାଉଛି । ମାମଲାର ପରବର୍ତ୍ତୀ ଶୁଣାଣି ଜୁନ୍ ୬ରେ ହେବ ।

## ଭିଜିଲାନ୍ସ ଜାଲରେ ସମବାୟ ଅଧିକାରୀ

### ୩୩ ଲକ୍ଷ ୮୦ ହଜାର ଟଙ୍କା ହଡ଼ପ ଅଭିଯୋଗ

କଟକ,୩୦।୫(ନିପ୍ର): ୩୩ ଲକ୍ଷ ୮୦ ହଜାର ଟଙ୍କା ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ଜଣେ ସମବାୟ ଅଧିକାରୀଙ୍କୁ ଗିରଫ କରିଛି ଭିଜିଲାନ୍ସ । ଅନୁଗୁଳ ଜିଲ୍ଲାର ସମବାୟ ବ୍ୟାଙ୍କିଂ ବ୍ୟବସ୍ଥାରେ ମୋଟ ୩୩ ଲକ୍ଷ ୮୦ ହଜାର ୯୬୩ ଟଙ୍କାର ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି । ମାମଲାରେ ପତିତପାବନ ମାଝୀଙ୍କୁ ଗିରଫ କରିଛି ଭିଜିଲାନ୍ସ । ସେ ଅନୁଗୁଳ ୟୁନାଇଟେଡ୍ ସେଣ୍ଟ୍ରାଲ୍ କୋ-ଅପରେଟିଭ୍ ବ୍ୟାଙ୍କ ମୁଖ୍ୟାଳୟରେ ବ୍ୟାଙ୍କିଂ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟରତ ଥିଲେ । ତଦନ୍ତରୁ ଜଣାପଡ଼ିଛି ଯେ ୨୦୧୭-୧୮ ଆର୍ଥିକ ବର୍ଷରେ ଗଡ଼ସନ୍ତ୍ରୀ ସର୍ଭିସ୍ କୋ-ଅପରେଟିଭ୍ ସୋସାଇଟିର କାର୍ଯ୍ୟନିର୍ବାହୀ ସଚିବ ଭାବେ କାମ କରୁଥିବା ପତିତପାବନ ଦୈନିକ ଆଦାୟ ହେଉଥିବା ଅର୍ଥ ଓ ସରକାରୀ ଜମା ରାଶି ପରିଚାଳନାର ଦାୟିତ୍ୱରେ ଥିଲେ । ଡେ-ବୁକ୍‌ରେ ଜାଲିଆତିପୂର୍ଣ୍ଣ ଓ ମିଥ୍ୟା ଏଣ୍ଟ୍ରି କରି ୩୩ ଲକ୍ଷ ୮୦ ହଜାର ୯୬୩ ଟଙ୍କା ଆତ୍ମସାତ କରିଥିଲେ । କୃଷି ଓ ସମବାୟ ଉନ୍ନୟନ ଯୋଜନା ପାଇଁ ଉଦ୍ଦିଷ୍ଟ ଏହି ଅର୍ଥକୁ ବ୍ୟକ୍ତିଗତ ବ୍ୟବହାର ପାଇଁ ହଡ଼ପ କରାଯାଇଥିବା ଭିଜିଲାନ୍ସରେ ଅଭିଯୋଗ ହୋଇଛି । ଏ ନେଇ କଟକ ଭିଜିଲାନ୍ସ ଥାନାରେ ଗତକାଲି ଏକ ମାମଲା ରୁଜୁ ହୋଇଥିଲା । ଦୁର୍ନୀତି ନିବାରଣ ଆଇନ, ୧୯୮୮ ଓ ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଥିବାବେଳେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅନୁଗୁଳ ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତିଙ୍କ ଅଦାଲତରେ ହାଜର କରାଯାଇଛି ।

### ତ୍ରିକୋଣୀୟ ପ୍ରେମ ସଂପର୍କ ହେଲା କାଳ

# ଥାର୍ ଚଢ଼ାଇ ମାରିଦେଲେ, ୬ ଗିରଫ

### ■ ଥାର୍ ଓ ବାଇକ୍ ଜବତ ■ ପୋଲିସର ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଯୋଗୁଁ ମିଳିଲା ସଫଳତା

ଭୁବନେଶ୍ୱର, ୩୦।୬(ନିପ୍ର): ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏକ ତ୍ରିକୋଣୀୟ ପ୍ରେମ ସଂପର୍କକୁ କେନ୍ଦ୍ର କରି ବରୁଣ ରାଉତରାୟ ହତ୍ୟା ଘଟଣାରେ ୬ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ସେମାନେ ହେଲେ ବାପୁନି ଓରଫ ବ୍ରହ୍ମାନନ୍ଦ ଦାସ (୩୬), ଚିଦାନନ୍ଦ ଦାସ ଓରଫ ପାପୁ (୩୧), ଆଶିଷ ଦେହୁରୀ ଓରଫ ପିଣ୍ଟୁ (୩୦), ସ୍ୱସ୍ତିକ ଭରଦ୍ୱାଜ ଓରଫ ସରୋଜ, ସୂରଜ ବିଶ୍ୱକର୍ମା (୨୩) ଏବଂ ଶ୍ରୀଧର ନାୟକ (୨୦)। ସମସ୍ତ ଅଭିଯୁକ୍ତଙ୍କ ଘର ଚନ୍ଦ୍ରଶେଖରପୁର ଶୈଳଶ୍ରୀବିହାର ଅଞ୍ଚଳରେ । ଅପରାଧରେ ବ୍ୟବହୃତ କଳା ରଙ୍ଗର ଥାର୍ ଗାଡି( ଓଡ଼ି-୧୪-ଜେଡ୍-୨୩୩୮) ଏବଂ ଗୋଟିଏ ଦୁଇଚକିଆ ଯାନକୁ ପୁଲିସ ଜବତ କରିଛି । ଶନିବାର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିସିପି ଜଗମୋହନ ମିନା ସୂଚନା ଦେଇଛନ୍ତି । ପୋଲିସ ସୂଚନା ମୁତାବକ, ମୃତ ବରୁଣ କୁମାର ରାଉତରାୟ ଏବଂ ମୁଖ୍ୟ ଅଭିଯୁକ୍ତ ସୂରଜ ବିଶ୍ୱକର୍ମାଙ୍କ ମଧ୍ୟରେ ଦୀପିକା ମିଶ୍ର ନାମକ ଜଣେ ଯୁବତୀଙ୍କୁ ନେଇ ପୂର୍ବରୁ ବ୍ୟକ୍ତିଗତ ଶତ୍ରୁତା ଥିଲା । ସୂରଜ ଦୀର୍ଘଦିନ ଧରି ଦୀପିକାଙ୍କ ସହ ସଂପର୍କରେ ଥିବା ବେଳେ ପରବର୍ତ୍ତୀ ସମୟରେ ବରୁଣ ତାଙ୍କ ସହ ଘନିଷ୍ଠ ହୋଇଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବାରମ୍ବାର ବିବାଦ ଓ ଝଗଡ଼ା ଲାଗି ରହୁଥିଲା । ଗତ ୨୯ ତାରିଖ ମଧ୍ୟରାତ୍ରି ପ୍ରାୟ ୨ଟା ସମୟରେ ବରୁଣ ତାଙ୍କର ଦୁଇ ସହଯୋଗୀ ଆଲୋକ ମଲ୍ଲିକ ଓ ବଳବନ୍ତ ଓରଫ ଗୋଧିଙ୍କ ସହ ଶୈଳଶ୍ରୀବିହାରସ୍ଥିତ ଏକ ଜୁସ୍ ସେଣ୍ଟରକୁ ଯାଇଥିଲେ । ସେହି ସମୟରେ ସେଠାରେ ସୂରଜ ବିଶ୍ୱକର୍ମା ଏବଂ ତାଙ୍କର ଅନ୍ୟ ସହଯୋଗୀମାନେ ଉପସ୍ଥିତ ଥିଲେ । ଉଭୟଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା । ଉଭୟ ପକ୍ଷ ମଧ୍ୟରେ ଆପୋସ ସମାଧାନ ହୋଇଥିଲା । ବରୁଣ ତାଙ୍କ ସାଙ୍ଗମାନଙ୍କ ସହ ସେଠାରୁ ଚାଲିଯାଇ ଥିଲେ । କିନ୍ତୁ କିଛି ସମୟ ପରେ ସେମାନେ ପୁନର୍ବାର ଘଟଣାସ୍ଥଳକୁ ଫେରି ଆସିବାରୁ ପୁଣି ବଚସା ଆରମ୍ଭ ହୋଇଥିଲା । ବଚସା ଉଗ୍ର ରୂପ ନେଇ ଆକ୍ରମଣ ଓ ପ୍ରତିଆକ୍ରମଣରେ ପରିଣତ ହୋଇଥିଲା । ଏହା ପରେ ସୂରଜ ଏବଂ ତାଙ୍କ ସହଯୋଗୀମାନେ ଏକ କଳା ରଙ୍ଗର ଥାର୍ ଯୋଗେ ବରୁଣ ଏବଂ ତାଙ୍କ ସାଙ୍ଗମାନଙ୍କୁ ପିଛା କରିଥିଲେ । ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟ ନିକଟରେ ଅଭିଯୁକ୍ତମାନେ ଉଦ୍ଦେଶ୍ୟମୂଳକ ଭାବେ ବରୁଣଙ୍କ ମୋଟର ସାଇକେଲକୁ ଜୋରରେ ଧକ୍କା ଦେଇଥିଲେ । ବରୁଣ ତଳେ ପଡିଯିବା ପରେ ଅଭିଯୁକ୍ତମାନେ ତାଙ୍କ ଉପରେ ଥାର୍ ଚଢ଼ାଇ ଦେଇଥିଲେ । ଫଳରେ ବରୁଣଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ତାଙ୍କର ଦୁଇ ସହଯୋଗୀ ଆଲୋକ ମଲ୍ଲିକ ଏବଂ ବଳବନ୍ତ ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଖବରପାଇ ଚନ୍ଦ୍ରଶେଖରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଁଞ୍ଚିଥିଲା । ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା । ବିଭିନ୍ନ ସ୍ଥାନରେ ଚଢଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା । ସମସ୍ତ ଅଭିଯୁକ୍ତ ଏହାକୁ ପ୍ରଥମେ ହତ୍ୟା ନୁହେଁ ବରଂ ଦୁର୍ଘଟଣା ବୋଲି କହିଥିଲେ । ପରେ ପୋଲିସ ମାରାଥନ ଜେରା କରିବା ସହ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ପରେ ସେମାନେ ନିଜ ଅପରାଧ ସ୍ୱୀକାର କରିଥିଲେ । ଅଭିଯୋଗକାରୀ ଅଶୋକ ରାଉତରାୟଙ୍କ ଲିଖିତ ରିପୋର୍ଟ ଆଧାରରେ ଚନ୍ଦ୍ରଶେଖରପୁର ଥାନାରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ।





# ଆତ୍ମ ସଂଯମ ଯୋଗ



**ଆତ୍ମ ସଂଯମ ଯୋଗ ହେଉଛି ମନ ଏବଂ ଇନ୍ଦ୍ରିୟଗୁଡ଼ିକୁ ଏକାଗ୍ର ଧ୍ୟାନ କରିବା ପାଇଁ ସଂଯମ କରିବାର ଅଭ୍ୟାସ। ଏହା ଆତ୍ମ-ଅବଶୋଷଣର ଅବସ୍ଥାରେ ଅନ୍ତ ହୁଏ। ଆତ୍ମାର ଅର୍ଥ ହେଉଛି ଆତ୍ମ। ସଂଯମ ଅର୍ଥ ହେଉଛି ନିୟନ୍ତ୍ରଣ। ଆତ୍ମ ସଂଯମ ଯୋଗ ହେଉଛି ମନକୁ ନିୟନ୍ତ୍ରଣ କରିବା, ସମତା ପାଳନ କରିବା ଏବଂ ଏହାକୁ ଆତ୍ମ ସହିତ ଏକୀକରଣ ପାଇଁ ଆତ୍ମରେ ସ୍ଥିର କରିବା ପାଇଁ ଆତ୍ମ-ସଂଯମର ଯୋଗ।**



ଆତ୍ମ ସଂଯମ ଯୋଗ ହେଉଛି ମନ ଏବଂ ଇନ୍ଦ୍ରିୟଗୁଡ଼ିକୁ ଏକାଗ୍ର ଧ୍ୟାନ କରିବା ପାଇଁ ସଂଯମ କରିବାର ଅଭ୍ୟାସ। ଏହା ଆତ୍ମ-ଅବଶୋଷଣର ଅବସ୍ଥାରେ ଅନ୍ତ ହୁଏ। ଆତ୍ମାର ଅର୍ଥ ହେଉଛି ଆତ୍ମ। ସଂଯମ ଅର୍ଥ ହେଉଛି ନିୟନ୍ତ୍ରଣ। ଆତ୍ମା ସଂଯମ ଯୋଗ ହେଉଛି ମନକୁ ନିୟନ୍ତ୍ରଣ କରିବା, ସମତା ପାଳନ କରିବା ଏବଂ ଏହାକୁ ଆତ୍ମ ସହିତ ଏକୀକରଣ ପାଇଁ ଆତ୍ମରେ ସ୍ଥିର କରିବା ପାଇଁ ଆତ୍ମ-ସଂଯମର ଯୋଗ। ଏହି ଯୋଗରେ, ଶରୀରକୁ ଶୃଙ୍ଖଳିତ ଏବଂ ଶୁଦ୍ଧ କରାଯାଏ, ଇନ୍ଦ୍ରିୟଗୁଡ଼ିକୁ ଦୃଢ଼ ଭାବରେ ସଂଯମ କରାଯାଏ, ଏବଂ ମନକୁ ପ୍ରତ୍ୟାହାର କରି ଆତ୍ମରେ ସ୍ଥିର କରାଯାଏ। ଏହାର ନିୟମିତ ଅଭ୍ୟାସ ଦ୍ୱାରା, ଜଣେ ଯୋଗୀ ଆତ୍ମ କିମ୍ବା ଈଶ୍ୱରଙ୍କ ଚିନ୍ତନରେ ବୁଡ଼ି ରହେ, ଯେତେବେଳେ ତାଙ୍କ ମନ ସ୍ଥିର, ବିଭ୍ରାନ୍ତି ଏବଂ ପରିବର୍ତ୍ତନରୁ ମୁକ୍ତ ରହିଥାଏ।

ଆତ୍ମ ସଂଯମ ଯୋଗର ଉଦ୍ଦେଶ୍ୟ ଦୁଇଟି। ପ୍ରଥମତଃ, ଏହା ଇଚ୍ଛା-ପ୍ରବୃତ୍ତ କାର୍ଯ୍ୟ, ଆସକ୍ତି, ଦ୍ୱୈତତା, ଆକର୍ଷଣ ଏବଂ ବିମୁଖତା, ଅସ୍ଥିରତା, ଭ୍ରମ, ଅହଂକାର ଏବଂ ଏହିପରି ଅନ୍ୟାନ୍ୟ ଅଶୁଦ୍ଧତାକୁ ଦୂର କରିବା। ଦ୍ୱିତୀୟତଃ, ଏହା ଏକତା ଏବଂ ମୁକ୍ତି ହାସଲ କରିବା ପାଇଁ ମନ ଏବଂ ଶରୀରକୁ ଆତ୍ମ ସହିତ ଏକୀକୃତ କରିବା। ଭଗବଦ୍ ଗୀତା ନିଶ୍ଚିତ କରେ ଯେ, ଯୋଗ ଆତ୍ମକୁ (ଆଧାତ୍ମିକର ଉଚ୍ଚ) ଆତ୍ମା ସହିତ ସମନ୍ୱିତ କରିବାରେ, ମନ ଏବଂ ଶରୀରରୁ ରଜ ଏବଂ ତମସ୍‌ର ଅଶୁଦ୍ଧତାକୁ ଦୂର କରିବାରେ ସହାୟକ, ଏବଂ ଏହାଦ୍ୱାରା ଆତ୍ମ-ଶୁଦ୍ଧି, ସମତା, ଏକାଗ୍ରତା, ସ୍ଥିରତା ଏବଂ ସମସ୍ତଙ୍କ ପ୍ରତି ସମାନତାକୁ ସହଜ କରିଥାଏ।

ଏହାର ଅଭ୍ୟାସରେ ତ୍ୟାଗ (ସନ୍ନ୍ୟାସ), ଇଚ୍ଛାହୀନ କାର୍ଯ୍ୟ, ମନ କିମ୍ବା ସମାନତା (ସମତ୍ୱମ୍), ବିଚ୍ଛିନ୍ନତା, ମନ ଏବଂ ଶରୀରର ନିୟନ୍ତ୍ରଣ (ଜିତାତ୍ମା), ଆତ୍ମର ଏକାଗ୍ରତା ଏବଂ ଚିନ୍ତନ (ପରମାତ୍ମା ସମାହିତ) ଅନ୍ତର୍ଭୁକ୍ତ। ଏହା ସହିତ, ସନ୍ତୋଷ (ତୃପ୍ତି), ବ୍ରହ୍ମଚର୍ଯ୍ୟ, ମନର ଏକାଗ୍ର ସଂଯମ (ସଂଯମ), ବ୍ରହ୍ମଚର୍ଯ୍ୟ (ବ୍ରହ୍ମଚର୍ଯ୍ୟ), ସନ୍ତୁଳନ ଏବଂ ସଂଯମତା, ଆତ୍ମ-ଅବଶୋଷଣର ଅଭ୍ୟାସ (ସମାଧି), ସତ୍ୟବାଦୀ, ବିବେଚନା ଏବଂ ଈଶ୍ୱରଙ୍କ ପ୍ରତି ଭକ୍ତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଯୋଗ ଦୁର୍ବଳ ଲୋକଙ୍କ ପାଇଁ ନୁହେଁ ଯେଉଁମାନେ ନିଜକୁ ନିୟନ୍ତ୍ରଣ କରିପାରନ୍ତି ନାହିଁ, କିମ୍ବା ଯାହାର ମନ ଚଞ୍ଚଳ ଏବଂ ଅଶାନ୍ତ। ଯେଉଁମାନେ ପୂର୍ବ ଜନ୍ମରେ ଏହାକୁ ଅଭ୍ୟାସ କରିଛନ୍ତି ଏବଂ ଯେଉଁମାନେ ମହାନ ପୁଣ୍ୟ ଅର୍ଜନ କରିଛନ୍ତି ସେମାନଙ୍କ ପାଇଁ ଯୋଗ ସହଜ ହୋଇଯାଏ। ସେମାନେ ଏହା ପ୍ରତି ଅପ୍ରତିରୋଧୀ ଭାବରେ ଆକର୍ଷିତ ହୁଅନ୍ତି। ଶୃଙ୍ଖଳା ଏହି ଯୋଗର ମୂଳରେ ଅଛି। ଶୃଙ୍ଖଳା ବିନା ଇନ୍ଦ୍ରିୟ କିମ୍ବା ମନକୁ ନିୟନ୍ତ୍ରଣ କରାଯାଇପାରିବ ନାହିଁ। ଏକ ଅସ୍ଥିର ଏବଂ ଅସ୍ଥିର ମନ ଆତ୍ମାର ଶତ୍ରୁ। କେବଳ ଜଣେ ଯୋଗୀ ଯିଏ ନିଜ ମନକୁ ନିୟନ୍ତ୍ରଣ କରନ୍ତି ଏବଂ କଠିନ ପରିଶ୍ରମ କରନ୍ତି ସେ ସମତା କିମ୍ବା ସମାନତାର ଅବସ୍ଥା ପ୍ରାପ୍ତ କରନ୍ତି। ତେଣୁ, ଶୃଙ୍ଖଳା ଏବଂ ସଂଯମ ହେଉଛି ଆତ୍ମାସଂଯମ ଯୋଗର ମୂଳଦୁଆ।

# ଶ୍ରୀରାମଙ୍କ ପଥ: ଅମର ତୀର୍ଥ, ସୀତାବିଞ୍ଜ

**ସୀତାବିଞ୍ଜ ଅର୍ଥାତ୍ ସୀତାଙ୍କର ଆଶ୍ରୟସ୍ଥଳ। ରାମଙ୍କର ବନବାସ ଅଧ୍ୟାୟର ପରିସମାପ୍ତି ପରେ, ତାଙ୍କ ଜୀବନରେ ଆରମ୍ଭ ହୋଇଥିଲା ଆଉ ଏକ ବନବାସ ପର୍ବ। ଏହି ଅଧ୍ୟାୟରେ ରାମ ବନବାସ କରି ନ ଥିଲେ; ବନବାସରେ ଯାଇଥିଲେ ମାତା ସୀତା।**



ସୀତାବିଞ୍ଜ ଅର୍ଥାତ୍ ସୀତାଙ୍କର ଆଶ୍ରୟସ୍ଥଳ। ରାମଙ୍କର ବନବାସ ଅଧ୍ୟାୟର ପରିସମାପ୍ତି ପରେ, ତାଙ୍କ ଜୀବନରେ ଆରମ୍ଭ ହୋଇଥିଲା ଆଉ ଏକ ବନବାସ ପର୍ବ। ଏହି ଅଧ୍ୟାୟରେ ରାମ ବନବାସ କରି ନ ଥିଲେ; ବନବାସରେ ଯାଇଥିଲେ ମାତା ସୀତା। ଯେତେବେଳେ ସେ ଥିଲେ ଅନ୍ତଃସତ୍ତ୍ୱା। 'ରାମାୟଣ'ର ବର୍ଣ୍ଣନା ଅନୁସାରେ, ରାମଙ୍କ ଆଦେଶରେ ଲକ୍ଷ୍ମଣ ମାତା ସୀତାଙ୍କୁ ନେଇ ଅଯୋଧ୍ୟାର ପରିସୀମା ବାହାରେ ଏକ ଘଞ୍ଚ ଜଙ୍ଗଲ ମଧ୍ୟରେ ଛାଡ଼ି ଦେଇ ଆସିଥିଲେ। ସେହି ବନଭୂମି ମଧ୍ୟରେ ଥିଲା ମହର୍ଷି ବାଲ୍ମୀକିଙ୍କର ଆଶ୍ରମ। ଅସହାୟା ସୀତାଙ୍କୁ ବାଲ୍ମୀକି ନେଇ ନିଜ ଆଶ୍ରମରେ ରଖିଥିଲେ ଏବଂ ସେହିଠାରେ ଲବ ଓ କୁଶ ଜନ୍ମଗ୍ରହଣ କରିଥିଲେ। ଲୋକକଥା ଅନୁସାରେ, ଏହି ସ୍ଥାନଟି ଓଡ଼ିଶାର କେନ୍ଦୁଝର ଜିଲାର ସଦରମହକୁମାଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଅବସ୍ଥିତ ସୀତାବିଞ୍ଜ ପାର୍ବତ୍ୟ ଗୁମ୍ଫା। ସୀତାବିଞ୍ଜ ଗୋଟିଏ ପାହାଡ଼ ବା ଗୋଟିଏ ଗୁମ୍ଫା ନୁହେଁ। ବରଂ ଏହା କେତେଗୁଡ଼ିଏ ଛୋଟ-ବଡ଼ ପାହାଡ଼ର ସମଷ୍ଟି। ପ୍ରତ୍ୟେକ ଛୋଟ ପାହାଡ଼ ତଥା ଗୁମ୍ଫା ସହିତ ଯୋଡ଼ି ହୋଇ ରହିଛି ଅନେକ ପୌରାଣିକ ଓ ଐତିହାସିକ ତଥ୍ୟ। ମନ୍ଦିର ଆକାରର ଏକ ପାହାଡ଼ ଗୁମ୍ଫାରେ ରହିଛି ମାତା ସୀତା ଓ ଲବ-କୁଶଙ୍କର ଜନ୍ମସ୍ଥଳୀ। ତାହାକୁ ଆଜି ମଧ୍ୟ ସ୍ଥାନୀୟ ଡାଙ୍ଗୁଆ ପୋଷି ଗ୍ରାମର ଲୋକମାନେ ଯାଇ ପୂଜା କରିଥାନ୍ତି। ସେଠାରେ ତିନୋଟି ପଥର ସହିତ ଅନେକ ଘୋଡ଼ା, ହାତୀ ଇତ୍ୟାଦି ପଥର ଖେଳନା ରହିଛି। ନିକଟରେ ରହିଛି ସୀତା ନଦୀ। ଏଠାରେ ସୀତା ସ୍ନାନ କରିଥିବାର କିଂବଦନ୍ତି ଅଛି। ଗମ୍ବୁଜ ଆକାରର ପ୍ରାୟ ୩୦ ଫୁଟ ଉଚ୍ଚର ଏକ ପାହାଡ଼ ଏଠାରେ ରହିଛି। କୁହାଯାଏ, ଏହା ଥିଲା ଦସ୍ୟୁ ରତ୍ନାକର (ବାଲ୍ମୀକିଙ୍କ ପୂର୍ବନାମ)ର ଭଣ୍ଡାର ଘର। ଏହା ଭିତରକୁ ଯିବାକୁ କୌଣସି ପଥ ନାହିଁ। ନିକଟରେ ଅନେକ ଛୋଟବଡ଼ ମୂର୍ତ୍ତି ଦେଖାଯାଏ। ଚତୁର୍ମୁଖୀ ବ୍ରହ୍ମା, ପଞ୍ଚମୁଖୀ ଶିବ, ସୂର୍ପଣଖା ମନ୍ଦିର (ମନ୍ଦିର ଆକୃତିର ଶିଳାଖଣ୍ଡ) ଏଠାରେ ରହିଛି। ସୀତାଙ୍କ ବାସସ୍ଥାନ ନିକଟରେ ଅନ୍ୟ ଏକ ଛତା ଆକୃତିର ପାହାଡ଼ ଗୁମ୍ଫା ରହିଛି, ଯାହା ଇତିହାସ ପ୍ରସିଦ୍ଧ 'ରାବଣ ଛାୟା' ଭାବରେ ପ୍ରସିଦ୍ଧ। ଏହି ଗୁମ୍ଫାର ଉପରିଭାଗରେ ପ୍ରାକୃତିକ ରଙ୍ଗର ଏକ ବିଶାଳ କଳାକୃତି ଦେଖାଯାଏ। ତାହାକୁ ଗବେଷକମାନେ ଚତୁର୍ଥ-ପଞ୍ଚମ ଶତାବ୍ଦୀର କଳାକୃତି ବୋଲି ମନେ କରନ୍ତି। ଏଥିରେ ପ୍ରାୟ କଳା, ଧଳା, ହଳଦିଆ ଆଦି ରଙ୍ଗର ବ୍ୟବହାର ଦେଖାଯାଏ। ଏଗୁଡ଼ିକ ଭିତ୍ତିଚିତ୍ର ଏବଂ ଗୁମ୍ଫାଟି ମନୁଷ୍ୟକୃତ ବୋଲି ମନେହୁଏ। ଏଥିରେ କେବଳ ମହାରାଜ ଶ୍ରୀ ଦିଶା ଭଞ୍ଜଙ୍କ ଚିତ୍ର ଲେଖା ଥିବା ଦେଖାଯାଏ। ଜଣେ ରାଜା ଏକ ହାତୀ ଉପରେ ଏକ ଅଂକୁଶ ଧରି ବସିଛନ୍ତି। ତାଙ୍କ ସାଥିରେ ଛତ୍ର ଓ ଚାମର ଆଦି ଧରି କେତେକ ଦାସ-ଦାସୀ ଚାଲୁଛନ୍ତି। ଏହି କଳାକୃତି ଅତ୍ୟନ୍ତ ପ୍ରାଚୀନ ହେତୁ ଏହାକୁ ସଂରକ୍ଷିତ କରି ରଖାଯାଇଛି। ପାଖରେ କ୍ଷତ ବିକ୍ଷତ ଅବସ୍ଥାରେ ପଡ଼ିଥିବା ଆଉ କେତେକ ଶିଳାଲେଖ ମିଳିଛି। ଏସବୁ ଦୃଷ୍ଟିରୁ ସୀତାବିଞ୍ଜକୁ ପୁରାଣ ଓ ଇତିହାସର ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ବୋଲି ଗ୍ରହଣ କରାଯାଇଛି।

# ଆଦି-କେଶବ ଘାଟ

ବାରାଣସୀ ସ୍ଥିତ ଚଉରାଅଶି ଘାଟ ମଧ୍ୟରୁ ଯେଉଁ ପାଞ୍ଚଟି ଘାଟକୁ ସବୁଠାରୁ ପବିତ୍ର ବୋଲି ଗ୍ରହଣ କରାଯାଏ, ସେଗୁଡ଼ିକ ହେଲେ–ଅସୀ ଘାଟ, ଦଶାଶ୍ୱମେଧ ଘାଟ, ପଞ୍ଚଗଙ୍ଗା ଘାଟ, ମଣିକର୍ଣ୍ଣିକା ଘାଟ ଓ ଆଦି-କେଶବ ଘାଟ। ଏହାକୁ 'ପଞ୍ଚତୀର୍ଥ' ମଧ୍ୟ କୁହାଯାଏ। ଶ୍ରଦ୍ଧାଳୁମାନେ ପ୍ରାୟତଃ ଏହି ପଞ୍ଚଘାଟ ମଧ୍ୟରୁ କୌଣସି ଏକ ଘାଟରେ ସ୍ନାନ କରି ପିତୃପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରନ୍ତି ଏବଂ ପରେ କାଶୀକ୍ଷେତ୍ରରେ ଥିବା ଦେବଦେବୀଙ୍କୁ ଦର୍ଶନ କରି, ବିଶ୍ୱନାଥଙ୍କ ମନ୍ଦିରରେ ପ୍ରବେଶ କରିଥାନ୍ତି। ଦକ୍ଷିଣବାହିନୀ ଗଙ୍ଗା ଉତ୍ତରରୁ ଆସି ଯେଉଁ ସ୍ଥାନରେ କାଶୀରେ ପ୍ରବେଶ କରିଛନ୍ତି, ସେହି ସ୍ଥାନରେ ପଶ୍ଚିମରୁ ପୂର୍ବାଭିମୁଖୀ ହୋଇ ବହିଆସିଥିବା ବରୁଣ ନଦୀ ଗଙ୍ଗାରେ ମିଳିତ ହୋଇଛି। ବରୁଣ ଓ ଗଙ୍ଗାନଦୀର ଏହି ମହାମିଳନ ସ୍ଥଳକୁ ବରୁଣ-ଗଙ୍ଗା ସଂଗମ ସ୍ଥଳ କୁହାଯାଏ। ଏହି ସଂଗମ ସ୍ଥଳରେ ଥିବା ଘାଟକୁ ଆଦିକେଶବ ଘାଟ କହନ୍ତି। ପୁରାଣର ବର୍ଣ୍ଣନା ଅନୁଯାୟୀ, ଏହି ଘାଟର ମହିମା ଅପାର। ଭଗବାନ ବିଷ୍ଣୁ ଥରେ ଶିବଙ୍କ ଅନୁରୋଧରେ କାଶୀକ୍ଷେତ୍ରକୁ ଆସି ଏଠାରେ ପଦାର୍ପଣ କରିଥିଲେ। ତେଣୁ ଏ ସ୍ଥାନକୁ ଆଦି-କେଶବ ଘାଟ କହନ୍ତି। ବାରାଣସୀ ସ୍ଥିତ ଚଉରାଅଶି ଘାଟ ମଧ୍ୟରୁ ଯେଉଁ ପାଞ୍ଚଟି ଘାଟକୁ ସବୁଠାରୁ ପବିତ୍ର ବୋଲି ଗ୍ରହଣ କରାଯାଏ, ସେଗୁଡ଼ିକ ହେଲେ–ଅସୀ ଘାଟ, ଦଶାଶ୍ୱମେଧ ଘାଟ, ପଞ୍ଚଗଙ୍ଗା ଘାଟ, ମଣିକର୍ଣ୍ଣିକା ଘାଟ ଓ ଆଦି-କେଶବ ଘାଟ। ଏହାକୁ 'ପଞ୍ଚତୀର୍ଥ' ମଧ୍ୟ କୁହାଯାଏ। ଭଗବାନ ଶ୍ରୀବିଷ୍ଣୁଙ୍କର ଚବିଶ ଅବତାର ମଧ୍ୟରୁ କେଶବ ଏକ ଅବତାର। ସେହି ଅବତାରରେ ପୂର୍ଣ୍ଣବ୍ରହ୍ମ ସଂପୂର୍ଣ୍ଣ ଭାବରେ ମର୍ତ୍ତ୍ୟାବରଣ କରିଥିଲେ ଏବଂ ସବୁଠାରୁ ଅଧିକ ସମୟ ମର୍ତ୍ତ୍ୟଲୋକରେ ରହିଥିଲେ। ଏଠାରେ ଆଦି-କେଶବଙ୍କର ମନ୍ଦିର ମଧ୍ୟ ରହିଛି। ଦେବୀ ଗଙ୍ଗା ପ୍ରଥମେ ଏଠାରେ ଭଗବାନ କେଶବଙ୍କର ପାଦ ଧୌତ କରିବାର ସୌଭାଗ୍ୟ ଲାଭ କରିଥିଲେ। ତେଣୁ ଏହି ଘାଟକୁ ପାଦୋଦକ-ତୀର୍ଥ ଭାବରେ ନାମିତ କରାଯାଏ। ଏହାକୁ କାଶୀର ସବୁଘାଟଠାରୁ ଅଧିକ ପବିତ୍ର କୁହାଯାଏ। ତେଣୁ ଏହା ରାଜଘାଟ ନାମରେ ମଧ୍ୟ କଥିତ ହୁଏ। ଆଦି-କେଶବଙ୍କ ମନ୍ଦିର କାଶୀର ସବୁଠାରୁ ପୁରୁଣା ମନ୍ଦିର। ଏହି ମନ୍ଦିରରେ କେଶବଙ୍କ ସହିତ ପଞ୍ଚଦେବତା ପୂଜା ପାଆନ୍ତି। ଏହା ମଧ୍ୟରେ ଥିବା ସଙ୍ଗମେଶ୍ୱର ଲିଙ୍ଗଙ୍କୁ ସ୍ୱୟଂ ବିଷ୍ଣୁ (ଆଦି-କେଶବ) ପ୍ରତିଷ୍ଠା କରିଥିବା କୁହାଯାଏ। ବାମନ ଦ୍ୱାଦଶୀ ଓ ମହାବାରୁଣୀ ମେଳା ଏଠାରେ ମହାସମାରୋହରେ ପାଳିତ ହୁଏ। କଥିତ ଅଛି, ଏଠାର ପୁରାତନ ଜରାଜୀର୍ଣ୍ଣ ମନ୍ଦିରକୁ ରାଣୀ ଅହଲ୍ୟାବାଈ ହୋଲ୍‌କର ୧୭୮୦ ମସିହାରେ ପୁନଃନିର୍ମାଣ କରିଥିଲେ। ସେହିପରି ୧୭୯୦ ମସିହାରେ ସିନ୍ଧିଆ ଷ୍ଟେଟ୍‌ର ଦେଓ୍ୱାନ ଏହି ସୁଦୃଶ୍ୟ ପଥରଘାଟଟିକୁ ନିର୍ମାଣ କରିଥିଲେ। କେତେକ ସୂଚନା ଅନୁଯାୟୀ ଏହି ଘାଟ ଓ ମନ୍ଦିର ପ୍ରାୟ ଚାରି ହଜାର ବର୍ଷର ପୁରାତନ।



# ଶିବ ପୁରାଣ

ହିନ୍ଦୁ ଧର୍ମଗ୍ରନ୍ଥରେ ଭଗବାନ ଶିବଙ୍କୁ ମହାକାଳ କୁହାଯାଏ । ମହାକାଳର ଅର୍ଥ ହେଉଛି 'କାଳ' ଅର୍ଥାତ୍ ମୃତ୍ୟୁ ଯାହାର ଅଧୀନ ଅଟେ । ଭଗବାନ ଶିବଙ୍କ ଜନ୍ମ ମୃତ୍ୟୁରୁ ମୁକ୍ତ ଅଟନ୍ତି । ଭଗବାନ ଶିବ ଶଙ୍କରଙ୍କୁ ନେଇ ଅନେକ ଧର୍ମଗ୍ରନ୍ଥ ରହିଛି । କିନ୍ତୁ ଶିବପୁରାଣ ଏସବୁ ମଧ୍ୟରେ ସର୍ବୋତ୍ତମ । ଶିବପୁରାଣରେ ଭଗବାନ ଶିବଙ୍କ ସହ ଜଡ଼ିତ ଅନେକ ରହସ୍ୟମୟ କଥା ଜଡ଼ିତ ରହିଛି । ଏହି ପୁରାଣରେ ବ୍ୟକ୍ତିର ମୃତ୍ୟୁ ସୂଚନା ସଂପର୍କରେ ଭଗବାନ ଶିବ ମାତା ପାର୍ବତୀଙ୍କୁ ଜଣାଇଛନ୍ତି । ପୁରାଣ ବର୍ଣ୍ଣନା ଅନୁସାରେ ଯେ କେହି ମୃତ୍ୟୁ ସଂପର୍କରେ ସଂକେତ ପାଇପାରିବ: ଶିବପୁରାଣରେ ଭଗବାନ ଶିବ ମାତା ପାର୍ବତୀଙ୍କୁ କହିଛନ୍ତି ଯେ, ଯେଉଁ ମନୁଷ୍ୟ ମୁଣ୍ଡରେ କାଉ, ଶାଗୁଣା ବସି ଯାଏ, ସେହି ବ୍ୟକ୍ତିର ମୃତ୍ୟୁ ୧ ମାସ ଭିତରେ ହୋଇଥାଏ । ଏହି ପୁରାଣରେ ଏହା ମଧ୍ୟ ଉଲ୍ଲେଖ ଅଛି ଯେ, ଯଦି କୌଣସି ବ୍ୟକ୍ତିକୁ ହଠାତ୍ କୌଣସି ନୀଳ ମାଛି ଘେରି ଯାଆନ୍ତି ତ ସେହି ବ୍ୟକ୍ତିର ମୃତ୍ୟୁ ନିକଟତର ହୋଇଥାଏ । ଏହି ପୁରାଣ ଅନୁସାରେ ଯେଉଁ ବ୍ୟକ୍ତିକୁ ଚନ୍ଦ୍ରମା ଏବଂ ସୂର୍ଯ୍ୟ ଆଖପାଖରେ ତେଜୀୟାନ ଦେଖା ଯାଆନ୍ତି ସେ ମଧ୍ୟ ମୃତ୍ୟୁର ନିକଟବର୍ତ୍ତୀ ବୋଲି କୁହାଯାଏ । ଯେଉଁ ବ୍ୟକ୍ତିକୁ ନିଜର ଛାଇ - ଜଳ, ତେଲ, ଘିଅ ତଥା ଦର୍ପଣରେ ଦେଖାଯାଏ ନାହିଁ, ତା'ର ମୃତ୍ୟୁ ସନ୍ନିକଟ ବୋଲି ଧରାଯାଏ । ଯାହାଙ୍କୁ ତାରା ଓ ଚନ୍ଦ୍ରମା ଦୃଶ୍ୟମାନ ହୁଏ ନାହିଁ, ସେହି ବ୍ୟକ୍ତିଙ୍କ ମୃତ୍ୟୁ ମଧ୍ୟ ନିକଟବର୍ତ୍ତୀ ହୋଇଥାଏ ବୋଲି ଶିବପୁରାଣରେ ବର୍ଣ୍ଣନା କରାଯାଇଛି । ଯେଉଁ ବ୍ୟକ୍ତି ତ୍ରିଦୋଷରେ ପଡ଼ନ୍ତି ଅର୍ଥାତ୍ ବାତ, ପିତ ଏବଂ କଫ ଯାହାଙ୍କ ନାକରୁ ବହିଥାଏ ତାଙ୍କର ଆୟୁ ୧୫ ଦିନରୁ ଅଧିକ ହୋଇ ନଥାଏ । ଯେଉଁ ବ୍ୟକ୍ତିଙ୍କୁ ଅଗ୍ନିର ପ୍ରକାଶ ଠିକ୍ ଭାବେ ଦେଖାଯାଏ ନାହିଁ ଓ ଅଗ୍ନିର ଚାରିପଟେ କଳା ଅନ୍ଧକାର ଦେଖାଯାଏ ଏହି ବ୍ୟକ୍ତିଙ୍କ ମୃତ୍ୟୁ ୬ ମାସ ମଧ୍ୟରେ ହୋଇଥାଏ ।








# ସ୍ମୃତି ପାଲଟିଯାଇଛି କରାଟ



ଅତୀତରେ ବୁଢ଼ୀମାଆଙ୍କ ଖୋସଣିରେ ରହିଥିଲା ଏକ ବ୍ୟାଙ୍କ । ତାହା ହେଉଛି ପିତଳରେ ତିଆରି ହୋଇଥିବା କରାଟ। ସେହି କରାଟ ପ୍ରାୟତଃ ଗୋଲାକାର । ତାହା ଭିତରେ ବୁଢ଼ୀମାଆମାନେ ରେଜା ପଇସା ରଖି ସର୍ବଦା କରାଟକୁ ଅଣ୍ଟାରେ ଖୋସିଥାନ୍ତି, ଯାହା ଖୋସଣିକୁ ଟାଣ ମଧ୍ୟ କରିଥାଏ। ସେହି ପଇସାରେ ସେମାନଙ୍କ ନିଜସ୍ୱ ଖର୍ଚ୍ଚ ସହିତ ନାତିନାତୁଣୀଙ୍କ ଅଳିଅର୍ଦ୍ଦଳି ବୁଝିଥାନ୍ତି ।ସେହି ପଇସା ସେମାନେ ପାଇଥାନ୍ତି ଗୃହକର୍ତ୍ତାଙ୍କ ଠାରୁ । ସାମାନ୍ୟ ଖର୍ଚ୍ଚବାର୍ଚ୍ଚ ହୋଇଥାଏ। ବର୍ତ୍ତମାନର ବୁଢ଼ୀମାଆମାନଙ୍କ ମଧ୍ୟରୁ ଅଧିକାଂଶ ଆଧୁନିକତାର ସ୍ପର୍ଶରେ ନିଜକୁ ଫେସନ ଓ ମେକପ କରି କିଏ ଶାଶୁ ଓ କିଏ ବୋହୂ ବାରି ହୁଏ ନାହିଁ। ଏବକାର ବୋହୂ କରାଟର ଅର୍ଥ ବୁଝିବା କଷ୍ଟ । କରାଟ ଯୁଗ ପରେ ଦଶନ୍ଧି ଦଶନ୍ଧି ଧରି ମନିପର୍ସ ମହିଳାମାନେ ଅଧିକ ବ୍ୟବହାର କରି ଆସୁଥିଲେ। ଗତ କିଛି ବର୍ଷ ଧରି ମୋବାଇଲରୁ ଅନଲାଇନ ପେମେଣ୍ଟ ଚାଲି ଆସିଛି। କରାଟ କେତେ ଯୁଗ ତଳର ତାହା କହିବା ମୁସ୍କିଲ। ତେବେ ୫୦ ବର୍ଷରୁ ଅଧିକ ହେବ ସମାଜରୁ ଏହା ପ୍ରାୟ ପାସୋର ହୋଇଗଲାଣି । କହିବାକୁ ଗଲେ ଏହା ବର୍ତ୍ତମାନଇତିହାସ ପାଲଟି ଗଲାଣି। ଏବର ଛୋଟ ପିଲା କି ଯୁବକ ଯୁବତୀ ମାନେ ମଧ ଏହାର ଅର୍ଥ କମ୍ ବୁଝିପାରିବେ ଅବା ବୁଝିପାରିବେ ନାହିଁ କି ଏହାକୁ ଦେଖି ନ ଥିବେ। ଏହି କରାଟ ଆଜି ସ୍ମୃତି ପାଲଟିଯାଇଛି।

**- ସୁଶାନ୍ତ କୁମାର ପଟ୍ଟନାୟକ,ଭାପୁର**

## ଶିଶୁ ପାଇଁ ଦିନଟିଏ ପାଳିତ ଓ ତ୍ରୈମାସିକ ସମୀକ୍ଷା

ପୁରୀ,(ନିପ୍ର): ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷ, ପୁରୀଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ପ୍ରଶାସନ ତରଫରୁ ଶିଶୁ ପାଇଁ ଦିନଟିଏ ତଥା ଜିଲ୍ଲା ଶିଶୁ କଲ୍ୟାଣ ଓ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ମିଶନ ବାତ୍ସଲ୍ୟ ଯୋଜନାର ଅଗ୍ରଗତି



ଉପସ୍ଥାପନା କରିଥିଲେ। ଏହି ବୈଠକରେ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ, ସାମାଜିକ ସଂଗଠନ ପ୍ରତିନିଧିଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ପଦାଧିକାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ସୁରକ୍ଷା ଯତ୍ନ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଇତି ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ୧୦୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଆସ ସ୍କୁଲଯିବା ଅଭିଯାନରେ ପୁରୀ ସଦର ବ୍ଲକ ଓ ମ୍ୟୁନିସିପାଲିଟି ଅଂଚଳର ୧୮୯ ଜଣ ଅଧାରୁ ପାଠ ଛାଡ଼ିଥିବା ଶିଶୁଙ୍କୁ ବିଦ୍ୟାଳୟକୁ ଅଣାଯାଇଛି। ସେହିପରି ୨୦୨୬-୨୭ ବର୍ଷ ଆରମ୍ଭରୁ ୫ଟି ବାଲ୍ୟ ବିବାହକୁ ବନ୍ଦ କରାଯାଇଛି ଓ ନିଷିଦ୍ଧ ଔଷଧ ବିକ୍ରିବଟା ନିମନ୍ତେ ଜିଲ୍ଲା ଡ୍ରଗ୍ସ ନିୟନ୍ତ୍ରଣ ବିଭାଗ ତରଫରୁ ୫ ଟି କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ଏବଂ ୨ ଟି ଶିଶୁ ଶ୍ରମରେ ନିୟୋଜିତ ଶିଶୁଙ୍କୁ ଉଦ୍ଧାର କରି ଥଇଥାନ କରାଯାଇଛି। ରେଳବାଇ ଚାଇଲ୍ଡ ହେଲ୍ପ ଲାଇନ କର୍ମକର୍ତ୍ତାଙ୍କ ପ୍ରଶିକ୍ଷଣ ନିମନ୍ତେ ଆରପିଏଫ୍ ଏବଂ ଜିଆରପି ପୋଲିସଙ୍କ ସହଯୋଗରେ ମକଡ୍ରିଲ କରାଯାଇଛି। ସଡ଼କ ନିରାପତ୍ତା ସଚେତନତା ମାଧ୍ୟମରେ ଶିଶୁ ମାନଙ୍କୁ ଟ୍ରାଫିକ ନିୟମ ଶିଖାଇବା, ୧୮ ବର୍ଷ ପୂର୍ବରୁ ଗାଡି ଚାଳନା ନ କରିବାକୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ସଚେତନତା ସୃଷ୍ଟି କରାଯାଇଛି। ସେହିପରି ଜିଲାରେ ପୃଷ୍ଠପୋଷକ ସହାୟତା ପାଇଥିବା ଶିଶୁଙ୍କ ସ୍ଥିତି ସମୀକ୍ଷା କରି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ରିପୋର୍ଟ ଦେବାକୁ କୁହାଯାଇଛି।

ଆଜିର ବୈଠକରେ କିଶୋର ନ୍ୟାୟ ବୋର୍ଡ ସଦସ୍ୟା ରୋଜାଲିନ ସାହୁ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତାରାଜସ୍ମିନ ଗୁରିଆ, ଡଃ ନାରାୟଣ ପ୍ରସାଦ ନନ୍ଦ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁସ୍ମିତା ବେହେରା ଆଞ୍ଚଳିକ ପରିବହନ ଅଧିକାରୀ, ରୀନା ସରିତା ବେଉରା ଅତିରିକ୍ତ ଯୋଗାଣ ଅଧିକାରୀ, ଅତିରିକ୍ତ ଶ୍ରମ ଅଧିକାରୀ ଆଶୁତୋଷ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ନମିତା ଚାନ୍ଦ ନାୟକ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୁହାଗୀ ହେମ୍ବ୍ରମ ପ୍ରୋଟେକ୍ସନ ଅଫିସର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କରଦା ସେବା ସମବାୟ ସମିତି ପକ୍ଷରୁ ସାଧାରଣ ସଭା ଓ ଋଣ ବିତରଣ କାର୍ଯ୍ୟକ୍ରମ

ଧାମନଗର,(ନିପ୍ର): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ କରଦା ସେବା ସମବାୟ ସମିତି ପକ୍ଷରୁ ଏକ ସାଧାରଣ ସଭା ସହ ଋଣ ବିତରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ସଭାରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଗଣେଶ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମବାୟ ସମିତିର ଅଧିକାରୀଙ୍କ ସୂଚନା ଅନୁଯାୟୀ, କୃଷକ ମାନଙ୍କୁ ସୁବିଧାରେ ଋଣ ଯୋଗାଇ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଭଦ୍ରକର ଉପ-ସହ ନିବନ୍ଧକ ପ୍ରାତୀତା ଜେନା, ମଣ୍ଡଳ ଅଧିକାରୀ ସଞ୍ଜୟ କୁମାର ମହାନ୍ତି, ଏରିଆ ଅଫିସର ସୁବ୍ରତ ତ୍ରିପାଠୀ, ଉପ ସଭାପତି ମଧୁସ୍ମିତା ସାମଲ ଏବଂ ଧାମନଗର ଶାଖା ପରିଚାଳକ ସୁଶାନ୍ତ କୁମାର ପୁହାଣ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କରଦ ସେବା ସମବାୟ ସମିତି ର ସଫଳତା ସମ୍ପର୍କ ରେ କହିଥିଲେ, ସୁଚନା ଥାଉକି ଭଦ୍ରକ ଜିଲ୍ଲାର ୧୦୮ ଟି ସମିତି ମଧ୍ୟରୁ ୬ ଟି ସମିତି ଲାଭାଂଶରୁ କରଦା ସମିତି ପ୍ରଥମ ହୋଇଛି। ଉକ୍ତ ସମିତିରେ ୬୧,୮୮,୮୧୮,୦୦ ଟଙ୍କା ଲାଭଂଶ ହୋଇ ଥିବା ବେଳେ ସମିତି ର ୨୨୮୯ ଜଣ ଚାଷୀଙ୍କୁ ୭,୮୫,୬୫୯ ଲାଭାଂଶ ପ୍ରଦାନ କରାଯିବ ବୋଲି ସୂଚନା ଦିଆ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମିତିର ସହ ସମ୍ପାଦକ ବିକାଶ ମହାପାତ୍ର ସ୍ୱାଗତ ଭାଷଣ ଓ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସମ୍ପାଦକ ଜ୍ୟୋତି ଶଙ୍କର ଦାସ ସମିତିର ବିବରଣୀ ପାଠ କରିଥିଲେ। ସମିତିର ସଭାପତି ଦଶରଥ ଜେନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ପରିଚାଳନା କମିଟିର ସଦସ୍ୟ,ପୂର୍ବତନ ସଭାପତି ଓ ପ୍ରତିଷ୍ଠାତା ସଦସ୍ୟଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପୋଲିସ ଆଇନ ୩୦ ଧାରା ୯୦ ଦିନ ବଳବତ୍ତର

ପୁରୀ,(ନିପ୍ର): ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦିବ୍ୟ ଜ୍ୟୋତି ପରିଡାଙ୍କ ଆଦେଶ କ୍ରମେ ପୋଲିସ ଆଇନର ୩୦ ଧାରା ପୁରୀ ଜିଲ୍ଲାରେ ଲାଗୁ କରାଯାଇଛି। ଏହା ମଇ ମାସ ୨୨ ତାରିଖ ଠାରୁ ଅଗଷ୍ଟ ୧୯ ତାରିଖ ୯୦ ଦିନ ପର୍ଯ୍ୟନ୍ତ ପୁରୀ ଜିଲ୍ଲାର ସମସ୍ତ ପୋଲିସ ଷ୍ଟେସନ ଅଞ୍ଚଳ, ପୁରୀ ମହାନଗର ନିଗମ, ପିପିଲି, କୋଣାର୍କ ଓ ନିମାପଡା ଏନଏସି ଅଞ୍ଚଳରେ ବଳବତ୍ତର ରହିବ ବୋଲି ଏସପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

# ରଣପୁର : ଅଘୋଷିତ ବିଜୁଳି କାଟ୍ ନେଇ ଗର୍ଜିଲା କଂଗ୍ରେସ

ରଣପୁର,(ନିପ୍ର): ରଣପୁର ବ୍ଲକରେ ଟାଟାପାୱାର କମ୍ପାନୀ ଅଘୋଷିତ ବିଦ୍ୟୁତକାଟ, ଲୋ-ଭୋଲଟେଜ ଓ ଉପଭୋକ୍ତାଙ୍କୁ ଶୋଷଣା କରିବା ବନ୍ଦ କରିବା ଦାବିରେ କଂଗ୍ରେସ କମିଟି ପକ୍ଷରୁ ସଭାପତି ଶତୃଘ୍ନ ପାଇକରାଙ୍କ ନେତୃତ୍ୱରେ ଟାଟା ପାୱର କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ରଣପୁର ବ୍ଲକ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ କାଟ ଦ୍ୱାରା ଲୋକଙ୍କ ଜନଜୀବନ ଅସ୍ତବ୍ୟସ୍ତ କରିସାରିଲାଣି । ଉପଭୋକ୍ତାଙ୍କୁ ସର୍ବନିମ୍ନ ନିରନ୍ତର ବିଦ୍ୟୁତ ସେବା ଯୋଗାଇବାରେ ଟାଟା ପାୱାର ବିଫଳ ହୋଇ ରାଜ୍ୟସରକାରଙ୍କ ଶକ୍ତିବିଭାଗ ସହିତ କରିଥିବା ଚୁକ୍ତି ସର୍ତ୍ତାବଳୀ ଉଲ୍ଲଙ୍ଘନ କରିଥିବା ଏବଂ ରାଜ୍ୟର ସର୍ବାଧିକ ଆବଶ୍ୟକତା ୮୦୦୦ମେଗା ୱାଟ ହେଇଥିବାବେଳେ ଅନୁମୋଦନ ହୋଇଛି ମାତ୍ର ୬୩୫୦ମେଗାୱାଟ । ଏହା ଟାଟାପାୱାର ଏକ ଷଡଯନ୍ତ୍ର ।

ରାଜ୍ୟସରକାର, ଗ୍ରୀଡ଼କୋ ଓ ବିଦ୍ୟୁତ୍ ନିୟାମକ ଆୟୋଗ ତୁରନ୍ତ ହସ୍ତକ୍ଷେପ କରିବା ପାଇଁ ପୂର୍ବତନ ନୟାଗଡ ଜିଲ୍ଲାକଂଗ୍ରେସ ସଭାପତି ସତ୍ୟବ୍ରତ ନାୟକ ଦାବି କରିଛନ୍ତି । ତୁରନ୍ତ ଟାଟାପାୱାର ଚୁକ୍ତି




ବାତିଲ କରାଯାଉ ଏବଂ ଉପୋଭୋକ୍ତାଙ୍କ ଚାହିଦା ମୁତାବକ ପ୍ରତ୍ୟକ ବିଦ୍ୟୁତ୍ ଟ୍ରାନ୍ସଫର୍ମର କିଲୋୱାଟ କ୍ଷମତା ବୃଦ୍ଧି କରାଯାଉ, ପୁରୁଣା ଟ୍ରାନ୍ସଫର୍ମର ବଦଳାଯାଉ ପ୍ରତିବାଦ ବିକ୍ଷୋଭରେ ରଣପୁର ନଗର ସଭାପତି ପ୍ରଭାତ ଦେଲେ, ଜିଲ୍ଲାକଂଗ୍ରେସ ଉପସଭାପତି ବାଳକୃଷ୍ଣ ଷଡ଼ଙ୍ଗୀ,ସାଧାରଣ ସମ୍ପାଦକ ପ୍ରତିମା ଜେନା, ମହେଶ ସାହୁ, ପ୍ରସନ୍ନ ସାମନ୍ତରାୟ, ଜିତେନ୍ଦ୍ର ପ୍ରଧାନ, ଅନିଲ ପରିଡା, ପ୍ରକାଶ ଚନ୍ଦ୍ର ନାୟକ, ସୁଦର୍ଶନ, ମିର ଆବୁବାକର ସିଦିକି, ସୁଦର୍ଶନ ପ୍ରଧାନ, କୃଷ୍ଣ ଚନ୍ଦ୍ର ସେଠି, ଦ୍ୱିତୀକୃଷ୍ଣ ସାମନ୍ତରା, ସର ମହାପାତ୍ର,ଉମ୍ବରୁଧର ମହାପାତ୍ର, ଶ୍ରୀଧର ଜେନା, ମାନସ ମାନସିଂହ, ହାଡିବନ୍ଧୁ ପ୍ରଧାନ, ବ୍ରଜ ଶାସମଲ ପ୍ରଭାତ ଦଳେଇ ସମେତ ବହୁ କଂଗ୍ରେସ ନେତା ବିକ୍ଷୋଭରେ ସାମିଲ ହୋଇଥିଲେ ।

## 'ମହେନ୍ଦ୍ର ସୁରକ୍ଷା - ଆମ ସ୍ୱାଭିମାନର ରକ୍ଷା'

ପାରଳାଖେମୁଣ୍ଡି,(ନିପ୍ର): ମହେନ୍ଦ୍ରଗିରିରେ ଜୁନ୍ ୧ ତାରିଖରୁ ଆରମ୍ଭ ହେବାକୁ ଥିବା ୯ ଦିନିଆ ମହେନ୍ଦ୍ର ମେଳାକୁ ନେଇ ଗଜପତି ଜିଲ୍ଲାରେ ବିବାଦ ଥମିବାର ନା ନେଉନି। ଗୋଟିଏ ପକ୍ଷରେ ପୌରାଣିକ ପରମ୍ପରା ଓ ଧାର୍ମିକ ଆସ୍ଥାର ଦାବି, ଅନ୍ୟପକ୍ଷରେ ପରିବେଶ ସୁରକ୍ଷା, ଆଦିବାସୀ ଅଧିକାର ଓ ସଂସ୍କୃତିର ଅସ୍ତିତ୍ୱ ନେଇ ଉଠୁଛି ପ୍ରଶ୍ନ ମେଳା ପାଇଁ ପ୍ରଶାସନିକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା




ବେଳେ ଆଦିବାସୀ ସଂଗଠନ ଓ ପରିବେଶପ୍ରେମୀ ଏହାକୁ ବିରୋଧ କରି ଆନ୍ଦୋଳନକୁ ତୀବ୍ର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶତାଧିକ ଆଦିବାସୀ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।ଆଦିବାସୀଙ୍କ ଅଭିଯୋଗ ଅନୁଯାୟୀ ମହେନ୍ଦ୍ରଗି ପର୍ବତ ଏକ ସଂରକ୍ଷିତ ଓ ସଂବେଦନଶୀଳ ପରିବେଶୀୟ ଅଞ୍ଚଳ ହୋଇଥିବା ବେଳେ ବ୍ୟାପକ ଭାବେ ମେଳା ଆୟୋଜନ ଦ୍ୱାରା ଜଙ୍ଗଲ, ଜଳସ୍ରୋତ ଓ ପ୍ରାକୃତିକ ପରିବେଶ ନଷ୍ଟ ହେଉଛି । ମହେନ୍ଦ୍ରଗିରି ସହ ଜଡ଼ିତ ଆଦିବାସୀ ପରମ୍ପରା, ଆସ୍ଥା ଓ ସଂସ୍କୃତିକୁ ମଧ୍ୟ କ୍ଷୁଣ୍ଣ କରାଯାଉଥିବା ଅଭିଯୋଗ ହେଉଛି। ଏଣୁ, ମହେନ୍ଦ୍ରଗିରିରେ ସମସ୍ତ ବେଆଇନ ଖନନ ଓ ନିର୍ମାଣ କାମ ତୁରନ୍ତ ବନ୍ଦ କରାଯାଉ, ମହେନ୍ଦ୍ର ମେଳାକୁ ବାତିଲ କରାଯାଉ, ପ୍ରାଚୀନ ମୂର୍ତ୍ତି ଓ ଶିବଲିଙ୍ଗ ଚୋରାଚାଲାଣ ଘଟଣାର ନିରପେକ୍ଷ ତଦନ୍ତ କରାଯାଉ, ଶବର ଆଦିବାସୀଙ୍କର ଜମି, ଜଙ୍ଗଲ ଓ ପାଣି ଉପରେ ଅଧିକାରକୁ ସୁନିଶ୍ଚିତ କରାଯାଉ, ୧୯୮୭ରେ ଗଠିତ ମହେନ୍ଦ୍ରଗିରି ମହାପ୍ରଭୁ ଏଣ୍ଡୋମେଣ୍ଟ ଟ୍ରଷ୍ଟକୁ ପୁନଃସକ୍ରିୟ କରାଯାଉ, ଆଦି ଦାବି ସ୍ମାରକ ପତ୍ରରେ ଉଲ୍ଲେଖ ରହିଛି।

ଦୀର୍ଘଦିନ ଧରି ପ୍ରଶାସନ ନିକଟରେ ଅଭିଯୋଗ ଓ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ଏଯାଏଁ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ଏଭଳିକି, ବିବାଦର ସମାଧାନ ପାଇଁ ହୋଇଥିବା ଆଲୋଚନା ମଧ୍ୟ ସଫଳ ହୋଇନାହିଁ। ଏଣୁ, ପରିସ୍ଥିତି ଗମ୍ଭୀର ହେବା ଦେଖି ଆଦିବାସୀ ସଂଗଠନମାନେ ଏବେ ଆଇନର ଆଶ୍ରୟ ନେଇଛନ୍ତି । ମାମଲା ହାଇକୋର୍ଟରେ ପହଞ୍ଚିଥିବା ବେଳେ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆଦିବାସୀ ନେତାମାନେ କହିଛନ୍ତି।

## ଏସଆଇଆର ସମ୍ବନ୍ଧୀୟ କୌଣସି ଗୁଜବ କିମ୍ବା ମିଥ୍ୟା ଖବରରେ ବିଶ୍ୱାସ ନ କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

ଯାଜପୁର,(ନିପ୍ର): ଯାଜପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସଆଇଆର ପ୍ରକ୍ରିୟା ଆରମ୍ଭ ହେଉଥିବା ବେଳେ ଏ ସମ୍ପର୍କରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଶ୍ରୀ କର ଏସଆଇଆର୍ ସମୟ ସାରଣୀ, ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ, ବିଏଲଓ ଏବଂ ବିଏଲଓ ସୁପରଭାଇଜରଙ୍କ ଦାୟିତ୍ୱ, ଫର୍ମ ପୂରଣ ପ୍ରକ୍ରିୟା, ଆପତ୍ତି ଦାଖଲ ଏବଂ ସମାଧାନ, ବିଏଲଓଙ୍କ ପ୍ରଶିକ୍ଷଣ, ହେଲ୍ପଲାଇନ୍ ଡେସ୍କ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ବୈଠକରେ ଜିଲ୍ଲାରେ ମୋଟ ମତଦାତାଙ୍କ ସଂଖ୍ୟା, ନିୟୋଜିତ ବିଏଲଓଙ୍କ ସଂଖ୍ୟା, ନିର୍ବାଚନ ମଣ୍ଡଳୀ ଅନୁଯାୟୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଅଯୋଗ୍ୟ ଏବଂ ଅନଧିକୃତ ବ୍ୟକ୍ତିଙ୍କୁ ହଟାଇବା ସହ ଯୋଗ୍ୟ ମତଦାତାଙ୍କ ନାମ ସମ୍ମିଳିତ କରି ଭୋଟର ତାଲିକାକୁ ସଠିକ୍, ନିର୍ଭୁଲ ଏବଂ ପାରଦର୍ଶୀ କରିବା ଦିଗରେ ଏସଆଇଆର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ଏହାକୁ ସୁଚାରୁରୂପେ ସମ୍ପାଦନ କରିବା ଆମର ଏକ ପ୍ରମୁଖ ଦାୟିତ୍ୱ ଏବଂ ଜନସାଧାରଣଙ୍କୁ ଏସଆଇଆର ସମ୍ପର୍କରେ ସଚେତନ କରିବା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲ୍ଲାପାଳ କହିଥିଲେ। ସୂଚନାଯୋଗ୍ୟ, ଜିଲ୍ଲାରେ ଏସଆଇଆର କାର୍ଯ୍ୟରେ ୧୬୩୯ ଜଣ ବିଏଲଓ ଏବଂ ୧୬୪ ଜଣ ବିଏଲଓ ସୁପରଭାଇଜର ନିୟୋଜିତ ଅଛନ୍ତି। ଚଳିତ ବର୍ଷ ମଇ ୩୦ ରୁ ଜୁନ ୨୮ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ପରିଦର୍ଶନ କରିବେ। ପ୍ରତ୍ୟେକ ମତଦାତାଙ୍କୁ ଦୁଇଟି ପରିଗଣନା ଫର୍ମ ପ୍ରଦାନ କରିବେ। ଏହି ଫର୍ମଗୁଡିକ ସତର୍କତାର ସହିତ ପୂରଣ କରିବାକୁ ହେବ । ଏଥିରେ ମତଦାତାଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଏବଂ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବାକୁ ପଡିବ । ନିର୍ବାଚନ ଫର୍ମ ଦୁଇଟି ପୂରଣ କରିସାରିଲା ପରେ, ଗୋଟିଏ ଫର୍ମକୁ ବିଏଲଓ ସଂଗ୍ରହ କରି ଆର ଫର୍ମଟିରେ ପ୍ରାପ୍ତିସ୍ୱୀକାର ପ୍ରଦାନ କରିବେ । ନିର୍ବାଚକମାନଙ୍କ ଠାରୁ ପ୍ରାପ୍ତ ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ କରାଯିବ। ଜନସାଧାରଣ ଏସଆଇଆର ସମ୍ବନ୍ଧୀୟ କୌଣସି ଗୁଜବ କିମ୍ବା ମିଥ୍ୟା ଖବରରେ ବିଶ୍ୱାସ ନ କରିବା ସହ ଅଧିକ ସୂଚନା ପାଇଁ ନିକଟସ୍ଥ ନିର୍ବାଚନ ପଞ୍ଜୀକରଣ ଅଧିକାରୀ କିମ୍ବା ବିଡ଼ିଓ, ତହସିଲଦାରଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ। ଏହାସହ ଟୋଲ୍ ଫ୍ରି ନମ୍ବର ୧୯୫୦ ରେ କଲ୍ କରିପାରିବେ।

## କୁକୁଡ଼ା ଫାର୍ମରେ ଖାଦ୍ୟ ଟ୍ରଲି ଖସି ୩ ଗୁରୁତର ଶ୍ରମିକ ସୁରକ୍ଷା ନିୟମକୁ ଖାତିର ନାହିଁ !

ଆସିକା,(ନିପ୍ର): ଆସିକା ବ୍ଲକ କୋଟିନଡ଼ା ଥାନା ବଡଖୋଲି ପଞ୍ଚାୟତ ଅଧୀନ ଏକ କୁକୁଡ଼ା ଫାର୍ମରେ କୁକୁଡ଼ା ମାନଙ୍କୁ ଖାଦ୍ୟ ବିତରଣ କରୁଥିବା ଟ୍ରଲି ଖସିଯିବାରୁ ତିନି ଜଣ ଶ୍ରମିକ ଗୁରୁତର ହୋଇ ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରକାଶ ଥାଉକି ବଡଖୋଲି ପଞ୍ଚାୟତ ଅଧୀନ ଆସିକା ବାଲିପଦର ମୁଖ୍ୟ ରାସ୍ତା କଡରେ ଥିବା ଏକ ଫାର୍ମରେ ପ୍ରତିଦିନ ଭଳି ଆଜି ମଧ୍ୟ କୁକୁଡ଼ା ମାନଙ୍କୁ ଏକ ଖାଦ୍ୟ ଦେବା ପାଇଁ ଲଗାଯାଇଥିବା ଟ୍ରଲିରେ ୪ କୁଇଣ୍ଟାଲ ଖାଦ୍ୟ ଭର୍ତ୍ତି କରି ଥିବା ବେଳେ ହଠାତ ଟ୍ରଲିଟି ଅସାବଧାନତା ଯୋଗୁଁ ଖସି ଯାଇଥିଲା ଫଳରେ ଉକ୍ତ କାର୍ଯ୍ୟରେ ନିୟୋଜିତ ତିନି ଜଣ ଶ୍ରମିକ ପାଣ୍ଡିଆ ପଥର ଗ୍ରାମର ସତ୍ୟ ଗୌଡ଼ (୪୦), ଯୁଧିଷ୍ଠିର ସେଠି (୫୮)ଓ ଭେଟନଇ ଗ୍ରାମର ସୂର୍ଯ୍ୟ ଦାସ ଗୁରୁତର ଆହତ ହୋଇ ପ୍ରଥମେ ଆସିକା ଓ ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତରିତ କରାଯାଇଛି। ପ୍ରକାଶ ଥାଉକି ସମ୍ପୃକ୍ତ କୁକୁଡ଼ା ଫାର୍ମ ମାଲିକ ଶ୍ରମିକ ସୁରକ୍ଷା ଆଇନକୁ ଫୁ କରି ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିଲେ କି ତାହା ବର୍ତ୍ତମାନ ବଡ଼ ପ୍ରଶ୍ନ। ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଫାର୍ମ ମାଲିକ ବିରୁଦ୍ଧରେ କଡା ପଦକ୍ଷେପ ନେବାକୁ ଦାବି ହେଉଛି।

## ୧୫ବର୍ଷୀୟ ନାବାଳିକା ଗର୍ଭବତୀ, ଅଭିଯୁକ୍ତ ଗିରଫ

ଆସିକା,(ନିପ୍ର): ଆସିକା ଥାନା ଅଧୀନ କମାଗଡ଼ ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା ଜଣେ ୧୫ ବର୍ଷୀୟ ନାବାଳିକାକୁ ଗର୍ଭବତୀ କରିବା ଘଟଣାରେ ଉକ୍ତ କମାଗଡ଼ ଗ୍ରାମର ଜଣେ ଯୁବକକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଥାଉକି ଆସିକା ଥାନା ଅଧୀନ କମାଗଡ଼ ଗ୍ରାମର ଚନ୍ଦନ ନାୟକ(୨୦) ନାମକ ଜଣେ ଯୁବକ ପାଞ୍ଚ ମାସ ତଳେ ସମ୍ପୃକ୍ତ ନାବାଳିକାକୁ ତାଙ୍କ ଘରେ କେହି ନ ଥିବାର ସୁଯୋଗ ପାଇ ଜୋରଜବରଦସ୍ତ ଘରେ ପଶି ବଳାତ୍କାର କରିବା ପରେ ଉକ୍ତ ନାବାଳିକାକୁ ଘଟଣା ପ୍ରଘଟ ହେଲେ ଜୀବନରୁ ମାରିଦେବି ବୋଲି ଧମକ ଦେଇଥିଲା। ନାବାଳିକା ଜଣକ ଉକ୍ତ ଘଟଣା କାହାକୁ ନ କହି ଚୁପ ରହିଥିଲେ। କିଛି ଦିନ ପରେ ନାବାଳିକାର ମା ଝିଅ ଗର୍ଭବତୀ ଥିବାର ଜାଣିବାକୁ ପାଇଲେ। ସେ ଘଟଣା ସମ୍ପର୍କରେ ନିଜ ଝିଅକୁ ପଚାରିବାରୁ ନାବାଳିକା ଜଣକ ସବୁ କଥା ନିଜ ମାକୁ କହିବା ପରେ ସମ୍ପୃକ୍ତ ନାବାଳିକାର ମା ଏନେଇ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ ପରେ ଥାନା ପକ୍ଷରୁ ଥାନା କେସ ନମ୍ବର ୨୨୬/୨୬ରେ ମାମଲା ରୁଜୁ କରି ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଆସିକା ଥାନା ମହିଳା ଶିଶୁ ଡେସ୍କ ଅଧିକାରୀ ଆଲିସ୍ମିତା ଜେନା ଘଟଣାର ତଦନ୍ତ କାରି ଅଧିକାରୀ ଭାବେ ତଦନ୍ତ କରି ଚନ୍ଦନ ନାୟକକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଚନ୍ଦନକୁ ଜେଲ ପଠାଯାଇଛି ଅନ୍ୟପଟେ ସମ୍ପୃକ୍ତ ନାବାଳିକାକୁ ବାଳାଶ୍ରମକୁ ପଠାଇ ଦିଆଯାଇଛି।

## ୭ମ ଯୋଗାସନ ପ୍ରତିଯୋଗିତାରେ ପୁରୀ ଜିଲ୍ଲା ଚାମ୍ପିୟାନ

ପୁରୀ,(ନିପ୍ର): ରାୟଗଡ ଜିଲ୍ଲା ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ଠାରେ ଚଳିତ ମାସ ୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ୭ମ ରାଜ୍ୟ ସ୍ତରୀୟ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଯୋଗାସନ ସ୍ପୋର୍ଟ୍ସ ଆସୋସିଏସନ ଅଫ ଓଡିଶା ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୨୦ଟି ଜିଲ୍ଲାର ୩୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ପୁରୀ ଜିଲ୍ଲାର ପ୍ରାୟ ୬୦ ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶ ଗ୍ରହଣ କରି ନିଜର ଯୋଗ ପ୍ରତିଭା ପ୍ରଦର୍ଶନ କରିଥିଲେ। ସାମୁହିକ ଭାବେ ପୁରୀ ଜିଲ୍ଲା ଚମ୍ପିୟାନ ଅଫ ଚମ୍ପିୟାନ ଟ୍ରଫି ହାସଲ କରିଥିଲେ। ଏଥିରେ କେନ୍ଦ୍ରାପଡା ଜିଲ୍ଲା ପ୍ରଥମ ରନରସ ଅଫ ଓ ରାୟଗଡ଼ ଜିଲ୍ଲା ଦ୍ୱିତୀୟ ରନରସ ଅଫ ହୋଇ ଥିଲେ। ଏହି ସଫଳତା ପାଇଁ ଜିଲ୍ଲାପାଳ, ଜିଲ୍ଲା ଏସପି, ଜିଲ୍ଲା କ୍ରିଡା ଅଧିକାରୀ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମସ୍ତ ପ୍ରତିଯୋଗୀଙ୍କ ସହ ମନୋଜ ମୁଖାର୍ଜୀ, ବିଥିକା ମହାନ୍ତି, ଆଲୋକ ସ୍ୱାଇଁ, ରମାବଲ୍ଲଭ ମହାପାତ୍ର ପ୍ରମୁଖ ଜିଲ୍ଲାପାଳ, ଏସପି ପ୍ରମୁଖଙ୍କୁ ସାକ୍ଷାତ କରିଥିଲେ।

## ହତ୍ୟା ଅପରାଧୀଙ୍କୁ ଆଜୀବନ ଜେଲ

ଭଦ୍ରକ,(ନିପ୍ର): ବାସୁଦେବପୁର ଥାନା ଖେମେଶ୍ୱରପୁର ଗ୍ରାମର ଆରତୀ ଦାସ ହତ୍ୟା ଅଭିଯୁକ୍ତ ସୁରେନ୍ଦ୍ର ଦାସଙ୍କ ପୁତ୍ର ମଧୁସୂଦନ ଦାସଙ୍କୁ ଭଦ୍ରକ ଜିଲ୍ଲା ତଥା ଦୌରାଜଜ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ପୁନଶ୍ଚ ୬ ମାସ ଜେଲ ଦଣ୍ଡ ଭୋଗିବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ବାସୁଦେବପୁର ଥାନା ବ୍ରାହ୍ମଣୀଗାଁ ଖେମେଶ୍ୱରପୁର ଗ୍ରାମର ନାରାୟଣ ଦାସଙ୍କ ପତ୍ନୀ ଆରତୀ ଗତ ୨୦୨୧ ମସିହା ଜୁଲାଇ ମାସ ୨୨ ତାରିଖରେ ବିଲରୁ କାମ କରି ଫେରୁଥିବା ବେଳେ , ସେହି ଗାଁର ୩ ଛକି ପାଖରେ ତାଙ୍କର ପଡୋଶୀ ମଧୁସୂଦନ ଦାସ ପୂର୍ବ ଶତ୍ରୁତା କାରଣରୁ ହାତରେ ଧରିଥିବା ସାବଳ ଦ୍ୱାରା ତାଙ୍କ ମୁଣ୍ଡକୁ ଲକ୍ଷ କରି ନିର୍ମମ ଭାବରେ ପିଟି ଥିଲେ। ଆରତୀ ଗୁରତରର ହୋଇ ସେଠାରେ ପଡି ରହିଥିବା ବେଳେ ତାଙ୍କ ସ୍ୱାମୀ ଖବର ପାଇ ସେଠାରେ ପହଂଚି ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନା ନେଇ ଯାଇଥିଲେ, ସେଠାରୁ ଭଦ୍ରକ ଓ ପରେ କଟକ ବଡ଼ ଡାକ୍ତରଖାନା ରେ ଚିକିତ୍ସା ହେଉଥିବା ବେଳେ ଆରତୀ ମୃତ୍ୟୁ ବରଣ କରିଥିଲା।

ନାରାୟଣଙ୍କ ଲିଖିତ ଅଭିଯୋଗ ମୂଳେ ବାସୁଦେବପୁର ଥାନା କେସ ନଂ ୨୧୯/୨୧ ଦଫା ୩୦୨ ରେ ଏକ କେସ ହୋଇ ଅଭିଯୁକ୍ତ ମଧୁସୂଦନକୁ ପୋଲିସ ସେହି ମାସ ୧୪ ତାରିଖରେ ଗିରଫ କରି କୋର୍ଟ ପଠାଇ ଦେଇଥିଲା। ସେହି ଦିନରୁ ସେ ବିଚାରାଧୀନ ବନ୍ଦୀ ଭାବରେ ଜେଲରେ ଅଟକ ଅଛି। ଜିଲ୍ଲା ଜଜଙ୍କ କୋର୍ଟରେ ଏସ୍‌ଟି ନଂ- ୧୯/୨୧ ମୂଳେ ବିଚାର ହୋଇ ତାଙ୍କର ରାୟ ପ୍ରକାଶ ପାଇ ଉପରୋକ୍ତ ଦଣ୍ଡ ପ୍ରଦାନ କରାଯାଇଛି।

## ଏନ୍‌ଟିପିସି ପକ୍ଷରୁ ସ୍ୱଚ୍ଛତା ସଚେତନତା

ଭୁବନେଶ୍ୱର : ଚଳିତ ସ୍ୱଚ୍ଛତା ପକ୍ଷ ୨୦୨୬ ପାଳନର ଏକ ଅଂଶ ଭାବରେ,ଏନ୍‌ଟିପିସି ବୋଙ୍ଗାଇଗାଓଁ, ବାରଦ୍ୱି ଶିକଳା ଲେଡିଜ୍ କ୍ଲବ୍ ସହିତ ମିଳିତ ଭାବରେ, ଏହାର ସିଏସ୍‌ଆର୍ ପଦକ୍ଷେପ ଅଧୀନରେ ପାୱାର



ଷ୍ଟେସନ୍ ଏବଂ ନିକଟସ୍ଥ ସମ୍ପ୍ରଦାୟର ୪୦୦ ରୁ ଅଧିକ ଯୁବକଙ୍କୁ ଲାଭ ପହଞ୍ଚାଇବା ପାଇଁ ସଚେତନତା ଏବଂ ପ୍ରସାର କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ହାତକୁ ନେଇଛି ।ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ, ପାୱାର ଷ୍ଟେସନ୍ ର ବାରଦ୍ୱି ଶିକଳା ଲେଡିଜ୍ କ୍ଲବ୍ ସହିତ ମିଳିତ ଭାବରେ ଯୁବ ଛାତ୍ରୀମାନଙ୍କ ମଧ୍ୟରେ ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା ଏବଂ ପରିଷ୍କାର ପରିଚ୍ଛନ୍ନତାକୁ ପ୍ରୋତ୍ସାହିତ କରିବା ପାଇଁ ସଲାକାଟି ଏମ୍.ଇ ସ୍କୁଲର ୧୦୦ ଜଣ ଛାତ୍ରୀଙ୍କୁ ସ୍ୱଚ୍ଛତା ଏବଂ ପରିଷ୍କାର ପରିଚ୍ଛନ୍ନତା କିଟ୍ ବଣ୍ଟନ କରାଯାଇଥିଲା। ପୂର୍ବରୁ, ଏନ୍‌ଟିପିସି ବୋଙ୍ଗାଇଗାଓଁ ସ୍କୁଲର ଷଷ୍ଠ ରୁ ଅଷ୍ଟମ ଶ୍ରେଣୀର ଛାତ୍ରୀମାନଙ୍କ ପାଇଁ ସ୍ୱଚ୍ଛତା ଏବଂ ପରିବେଶ ସଚେତନତା ବିଷୟବସ୍ତୁ ଉପରେ ଏକ ଚିତ୍ରକଳା ପ୍ରତିଯୋଗିତା ମଧ୍ୟ ଆୟୋଜନ କରିଥିଲା, ଯେଉଁଥିରେ ସ୍କୁଲ ପିଲାମାନେ ଉତ୍ସାହୀ ଅଂଶଗ୍ରହଣ କରିଥିଲେ। ସ୍ୱଚ୍ଛତା ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ସଚେତନତାକୁ ଆହୁରି ସୁଦୃଢ଼ କରିବା ପାଇଁ, ପାୱାର ଷ୍ଟେସନ୍ ନିକଟରେ ଅବସ୍ଥିତ ନିକଟସ୍ଥ ସ୍କୁଲଗୁଡ଼ିକରେ ସେଲ୍ଫି ବୁଥ୍, ଦସ୍ତଖତ ଅଭିଯାନ ଏବଂ ବିଭିନ୍ନ ସ୍ୱଚ୍ଛତା-ଥିମ୍ କାର୍ଯ୍ୟକଳାପ କରାଯାଇଥିଲା, ଯାହା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସମ୍ପ୍ରଦାୟରେ ସ୍ୱଚ୍ଛତାର ଦୂତ ହେବାକୁ ଉତ୍ସାହିତ କରିଥିଲା। ଏନ୍‌ଟିପିସି ବୋଙ୍ଗାଇଗାଓଁ ହସ୍ପିଟାଲର ଶିଶୁ ରୋଗ ବିଶେଷଜ୍ଞ ଡକ୍ଟର ଓଲି ମିତ୍ର ଏକ ସ୍ୱତନ୍ତ୍ର ସ୍ୱଚ୍ଛତା ସଚେତନତା ଅଧିବେଶନ ଆୟୋଜନ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା, ପରିମଳ ଏବଂ ସୁସ୍ଥ ଜୀବନଶୈଳୀ ଅଭ୍ୟାସର ଗୁରୁତ୍ୱ ବିଷୟରେ ସଚେତନ କରାଯାଇଥିଲା।

# ଧନୁଆ - କୁଶଭଦ୍ରା ନଦୀର ପୁନରୁଦ୍ଧାର କେବେ ?

### ନଦୀ ଶଯ୍ୟାରେ ପ୍ରବାହ ହେଉନି ଜଳ, ଧନୁଆ ବନ୍ୟାର ସ୍ଥାୟୀ ପ୍ରତିକାର କେବଳ ଭାଷଣରେ !

ବାଲିପାଟଣା,(ନିପ୍ର): ରାଜଧାନୀ ଉପକଣ୍ଠ ବାଲିପାଟଣା ବାଲିଅନ୍ତା ବ୍ଲକକୁ ନେଇ ଗଠିତ ଜୟଦେବ ନିର୍ବାଚନ ମଣ୍ଡଳୀ। ଏହା ମଧ୍ୟଦେଇ ପ୍ରବାହିତ ପୁଣ୍ୟତୋୟା ପ୍ରାଚୀ ନଦୀ। ଏଥିସହିତ କୁଶଭଦ୍ରା ଏବଂ ଧନୁଆ ନଦୀ । ଆଜି ଏସବୁ ଅସ୍ତିତ୍ୱ ସଙ୍କଟରେ । ଏହି ସଙ୍କଟ ମଧ୍ୟ ଦେଇ ଗତି କରୁଥିବା ପ୍ରାଚୀ ନଦୀ କେବଳ ନାମ ବହନ କରୁଛି ହେଲେ ହରାଇଲାଣି ଅସ୍ତିତ୍ୱ। ନଦୀ ଶଯ୍ୟା ପୋତି ହେବା ସହିତ ପ୍ରବାହ ହେଉନି ଜଳ। କେଉଁଠି ଜବରଦଖଲ ହୋଇଛି ତ କେଉଁଠି ଅଳିଆ ଆବର୍ଜନାରେ ଭରପୂର ହେଲାଣି । ଆଉ ନାହିଁ ସେ ପୂର୍ବର ଧାର୍ମିକସ୍ଥଳ। ବାଜୁନି ଘଣ୍ଟ କି ଶୁଭୁନି ଶଙ୍ଖ । ଅଧିକାଂଶ ଭାଗ ପରିତ୍ୟକ୍ତ । ଏହାର ଆବଶ୍ୟକ ପଡୁଛି ପୁନରୁଦ୍ଧାର ।
ସେହିପରି ଏହି ଅଞ୍ଚଳ ଦେଇ ପ୍ରବାହିତ କୁଶଭଦ୍ରା ନଦୀର ଅବସ୍ଥା ମଧ୍ୟ ତଦ୍ରୂପ । ବାଲିଅନ୍ତା ଠାରୁ ଏହି ଅଞ୍ଚଳ ଦେଇ ପ୍ରବାହିତ ନଦୀର ଶଯ୍ୟା ପଡିଛି ଶୁଖିଲା । ପ୍ରାୟ ଏକ ଦଶନ୍ଧି ଧରି ଏଥିରେ ଜଳ ପ୍ରବାହ ନାହିଁ।



ଶୁଖିଲା ପଡିଛି ନଦୀ ଶଯ୍ୟା। ଦିନଥିଲା ଏହି ନଦୀର ଶଯ୍ୟାରେ ତଟ ବର୍ତ୍ତୀ ଚାଷୀମାନେ ପନିପରିବା ଚାଷ କରି ନିଜର ରୋଜଗାର କରୁଥିଲେ। କିନ୍ତୁ ଏବେ ଏହି ପରିବା ଚାଷ ସ୍ୱପ୍ନ ପାଲଟିଛି । ନଦୀ ଶଯ୍ୟା ଶୁଖିଲା ପଡିବା ଫଳରେ ମାଫିଆ ମାନେ ଶଯ୍ୟାରୁ ବାଲି, ମାଟି ଚୋରାଚାଲାଣରେ ବ୍ୟସ୍ତ । ନଦୀରେ ଜଳ ପ୍ରବାହ ନ ହେବା ଫଳରେ ଭୂତଳ ଜଳସ୍ତର ମଧ୍ୟ ଉଦ୍‌ବେଗଜନକ ଭାବରେ କମୁଛି । ବିଶେଷ କରି ଖରାଦିନେ ଏହି ସଙ୍କଟ ଅଧିକ । ଦିନେ ଯୋଉ ନଦୀରେ ଜଳ ପ୍ରବାହ ସବୁବେଳେ ହୋଇ ଚାଲିଥିଲା। ଏହାର ଶଯ୍ୟା ସବୁଜିମାରେ ହସୁଥିଲା । ଏବେ ତାହା ପଡିଛି ଶୁଖିଲା ।
ଧନୁଆ ନଦୀ ହେଉଛି ଏହି ଅଂଚଳର ଦୁଃଖ। ଭାର୍ଗବୀ ନଦୀର ଉଦ୍‌ବୃତ୍ତ ଜଳ ଅଚ୍ୟୁତପୁର ଠାରେ କାଜ ଦେଇ ଧନୁଆ ନଦୀରେ ପ୍ରବେଶ କରି ବାଲିଅନ୍ତା ବିଶେଷ କରି ବାଲିପାଟଣାର ୮ ରୁ ୧୦ଟି ପଞ୍ଚାୟତ ଏହି ନଦୀର ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥାନ୍ତି । ହଜାର ହଜାର ହେକ୍ଟର ଜମି ଜଳମଗ୍ନ ହୋଇ ଫସଲ ନଷ୍ଟ ହୋଇଥାଏ । ଲୋକମାନେ ଜଳବନ୍ଦୀ ଅବସ୍ଥାରେ ରହିଥାନ୍ତି । ଏହି ଅବସ୍ଥା ସବୁ ବର୍ଷ ବନ୍ୟା ଆସିବା ସମୟରେ ହୋଇଥାଏ । କିନ୍ତୁ ଏହି ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ କୌଣସି ଆଖିଦୃଶିଆ ଉଦ୍ୟମ ହୋଇନାହିଁ । ହେବ ବୋଲି କେବଳ ଶୁଣାଯାଏ । କିନ୍ତୁ କୌଣସି ଫଳପ୍ରଦ ଉଦ୍ୟମ ହୋଇ କାର୍ଯ୍ୟକାରୀ ହେଉନାହିଁ ବୋଲି ଅଭିଯୋଗ ତଥା ଆଲୋଚନା ହେଉଛି । ୧୦ ଟି ପଞ୍ଚାୟତର ହଜାର ହଜାର ଜନତାଙ୍କ ଆବଶ୍ୟକତାକୁ ଉପଲବ୍ଧି କରି ବିହିତ ପଦକ୍ଷେପ ସରକାରୀ ସ୍ତରରେ ନେବାକୁ ସାଧାରଣରେ ଦାବି ହେଉଛି ।

ସେହିପରି କୁଶଭଦ୍ରା ନଦୀର ନାଳିଅନ୍ତା ଠାରୁ ନଦୀ ଶଯ୍ୟା ଖନନ କରି ଜଳ ପ୍ରବାହ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲେ ମଧ୍ୟ କାର୍ଯ୍ୟକାରୀ ହେଉନାହିଁ ।
ସେହିପରି ପ୍ରାଚୀ ନଦୀର ପୁନରୁଦ୍ଧାର ହେବ ଐତିହ କରିଡର ହେବ। ପୁଣି ପ୍ରାଚୀ ନଦୀରେ ନୌକା ଚାଲିବ । ହସି ଉଠିବ ପ୍ରାଚୀ ତଟବର୍ତ୍ତୀ ଧାର୍ମିକ ସ୍ଥଳ। ଏପରି କେତେ ସ୍ୱପ୍ନ ତଟବର୍ତ୍ତୀ ଲୋକ ଦେଖୁଛନ୍ତି, ଦେଖାଇ ଦିଆଯାଉଛି । ହେଲେ ବାସ୍ତବ ଚିତ୍ର ଭିନ୍ନ । ଧାର୍ମିକ ଭାବାବେଗ ସହିତ ଜଡିତ ଏହି ପ୍ରାଚୀ ନଦୀର ପୁନରୁଦ୍ଧାର ପାଇଁ ପ୍ରତି ବର୍ଷ ସାଧୁସନ୍ଥଙ୍କ ଦ୍ୱାରା ପ୍ରାଚୀ ପରିକ୍ରମା ଅନୁଷ୍ଠିତ ହେଉଛି । ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ। କିନ୍ତୁ ପଡୁନି କୌଣସି ଫରକ । ସ୍ଥିତି ଯାହା ଥିଲା ସେଇଆ । ସରକାର ଗଲା ନୂତନ ସରକାର ଆସିଲା। ଏହି ଅଂଚଳର ସରକାରରେ ପ୍ରତିନିଧିତ୍ୱ କରୁଥିବା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପ୍ରାଚୀ ସମେତ ଧନୁଆ, କୁଶଭଦ୍ରା ନଦୀର ପୁନରୁଦ୍ଧାର ପାଇଁ ପ୍ରାରମ୍ଭିକ ଉଦ୍ୟମ କରିଥିବା ଗଣମାଧ୍ୟମରୁ ସୂଚନା ମିଳିଥିଲା । ସାଂସଦ ଅପରାଜିତା ଷଡ଼ଙ୍ଗୀ ମଧ୍ୟ ପ୍ରାଚୀ ନଦୀର ପୁନରୁଦ୍ଧାର ପାଇଁ ୩୦୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ଗଣମାଧ୍ୟମରେ କହିଥିଲେ। ହେଲେ ଏହି ସବୁ ଉଦ୍ୟମ ପ୍ରତିଶ୍ରୁତି କେବେ କାର୍ଯ୍ୟକାରୀ ହେବ ତାହା ଦେଖିବାକୁ ବାକି ରହିଲା ବୋଲି ସ୍ଥାନୀୟ ବିଭିନ୍ନ ମହଲରେ ଆଲୋଚନା ହେଉଛି ।

ତିଥି :(ପୂର୍ଣ୍ଣିମା): (ଅନୁରାଧା)
ଅମୃତ ବେଳା: ଦିବା ଘ ୬।୪୭ ଗତେ ଘ ୯।୧୧ ମଧ୍ୟେ

## ଆଜିର ଅନୁଚିନ୍ତନ

ପ୍ରକୃତି ଓ ପୁରୁଷ ଦୁହିଁଙ୍କୁ ତୁମେ ଅନାଦି ବୋଲି ଜାଣ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ନିଟ୍ ପ୍ରସଙ୍ଗ

ନିଟ୍- ୟୁଜି -୨୦୨୬ ପ୍ରଶ୍ନପତ୍ର ପ୍ରଘଟ ଘଟଣା ନେଇ ସୁପ୍ରିମକୋର୍ଟ ନିକଟରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ଙ୍କୁ ଭର୍ତ୍ସନା କରି ପ୍ରଶ୍ନ କରିଛନ୍ତି ଉଚ୍ଚସ୍ତରୀୟ ପରୀକ୍ଷା ପରିଚାଳନା ସତ୍ତ୍ୱେ ପରୀକ୍ଷା ପ୍ରଶ୍ନପତ୍ର କିପରି ପ୍ରଘଟ ହେଲା ? ଏ ପ୍ରଶ୍ନର ଉତ୍ତର ଆସିଲେ ଜଣାପଡ଼ିବ କିପରି ଅସହାୟତା ଏ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ ପ୍ରଚ୍ଛନ୍ନ ହୋଇରହିଛି। ତାହାଛଡ଼ା ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଏହି ବିଫଳତା ପାଇଁ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ଦାୟୀ କରାଯିବା ଆବଶ୍ୟକ। ଏହି ବାକ୍ୟଟିରୁ ଯେ କେହି ଅନୁମାନ କରିପାରିବେ ଯେ ଏନ୍‌ଟିଏରେ କିଛି ପୁରୁଣା ମୂଷା ବରାବର ଗାଡ଼ କରି ଚାଲିଥିବା ହେତୁ ଏ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଯାହାର ବାଟ ଦେଇ ଶିକ୍ଷା ମାଫିଆମାନେ ଅକ୍ଳେଶରେ ପ୍ରବେଶ କରିପାରୁଛନ୍ତି। ଅନ୍ୟ ଏକ ଦିଗ ଏହି ଏନ୍‌ଟିଏର ନିଷ୍କ୍ରିୟତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରେ। ତାହା ହେଉଛି ଏନ୍‌ଟିଏକୁ ରଦ୍ଦ କରାଯାଉ, ଏପରି ମର୍ମରେ ସୁପ୍ରିମକୋର୍ଟରେ ନିକଟ ଅତୀତରେ ଏକ ପିଟିସନ ଦାଖଲ ହୋଇଥିଲା ଯାହାର ପରିଣାମ ଏ ପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ।

କୁହାଯାଇପାରେ ଯେ ସଂସଦରେ ମେଡିକାଲ ପ୍ରବେଶିକା ପରୀକ୍ଷା ପାଇଁ ଆଇନ ପ୍ରଣୟନ ପୂର୍ବକ ବୈଧାନିକ ଜାତୀୟସ୍ତରୀୟ ଟେଷ୍ଟିଂ ସଂସ୍ଥା ଗଠନ କରାଯିବାର ଆବଶ୍ୟକତା ରହିଛି। କାରଣ ଆଇନ ପ୍ରଣୀତ ହେଲେ ଉତ୍ତରଦାୟୀ ବ୍ୟବସ୍ଥା ପ୍ରସ୍ତୁତ ହୋଇପାରିବ। ସଦ୍ୟ ସୁପ୍ରିମକୋର୍ଟ କହିଛନ୍ତି ପରୀକ୍ଷା ପରିଚାଳନା ବ୍ୟବସ୍ଥା ପାଇଁ ସ୍ଥାୟୀ ଭିତ୍ତିଭୂମି ଓ ଅଭିଜ୍ଞ ବିଶେଷଜ୍ଞ ରହିବା ଆବଶ୍ୟକ। କାରଣ ବର୍ତ୍ତମାନର ଆଡହକ୍ ବ୍ୟବସ୍ଥାରେ ଏହା ଚାଲୁଥିବାରୁ ଏଭଳି ସମସ୍ୟା ଉପୁଜିଛି। ଏସବୁ କଥା ଏବେ ଯାହା ସାମ୍ନାକୁ ଆସୁଛି ଯଦି ପ୍ରଶ୍ନପତ୍ର ପ୍ରଘଟ ହୋଇନଥାନ୍ତା, ତେବେ ଏସବୁ ଲୁଚି ରହିଥାନ୍ତା।

ସୁତରାଂ ଏସବୁ ଦର୍ଶାଏ ଯେ ବ୍ୟବସ୍ଥାଗତ ଦୁର୍ବଳତା ଏନ୍‌ଟିଏରେ କିଛି କମ୍ ନୁହେଁ। ବ୍ୟବସ୍ଥାଗତ ଦୁର୍ବଳତା ସୃଷ୍ଟି କରିବାରେ ଶିକ୍ଷା ମାଫିଆମାନେ ଏହି ପରୀକ୍ଷା ଜରିଆରେ କୋଟି କୋଟି ଟଙ୍କା ଅବୈଧ ଭାବରେ ଉପାର୍ଜନ କରିଥିବା ଏକ ପ୍ରକାର ଥୟ। ଶିକ୍ଷା ମାଫିଆଙ୍କ ଦଲାଲିର ଏକ ଦୃଷ୍ଟାନ୍ତ ଦିଆଯାଇପାରେ। ରାଜସ୍ଥାନ ସିକର ଅଞ୍ଚଳର ଜନୈକ ନିଜ ପୁଅ ନିଟ୍‌ର ଗେସ୍ ପରୀକ୍ଷା ପେପର ପାଇବା ପାଇଁ ଏକଦା ୧୦ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ଯେବେ ଖାତା ମୂଲ୍ୟାୟନ ହେଲା ମୋଟ ୭୨୦ ନମ୍ବରରୁ ପ୍ରାର୍ଥୀ ଜଣଙ୍କ ପାଇଥିଲେ ୧୦୭। ଏଭଳି ପିଲାଙ୍କୁ ଡାକ୍ତର କରାଇବାରେ ବିଭୋର ବାପାମାଙ୍କୁ କି ପ୍ରକାର ବିଶେଷଣ ଦିଆଯାଇପାରେ ? ଶିକ୍ଷା ମାଫିଆମାନେ ଯାହା ମନେ ହୁଏ ଏନ୍‌ଟିଏର କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ କରାୟତ୍ତ କରି ବିଷାକ୍ତ ଚକ୍ରବ୍ୟୂହ ଚଳାଇଛନ୍ତି। ସୁତରାଂ ଯେପର୍ଯ୍ୟନ୍ତ ଭିତ୍ତିଭୂମିରେ ଉଚିତ ପରିବର୍ତ୍ତନ ଅଣାନଯାଇଛି ସେପର୍ଯ୍ୟନ୍ତ ବିପଦ ଘନେଇବା ଏକ ପ୍ରକାର ନିଶ୍ଚିତ।

# ଓଡ଼ିଆ ଜାତିର ସ୍ୱାଭିମାନ ଓ ବ୍ୟାସକବି

ଅଖିଳ ତରାଇ

ଆଜିର ଆଧୁନିକ, ପ୍ରଗତିଶୀଳ ଓ ସାର୍ବଭୌମ ଓଡ଼ିଶାର ଭିତ୍ତିଭୂମି ଯେଉଁ ମନୀଷୀମାନଙ୍କ ତ୍ୟାଗ, ଅକ୍ଳାନ୍ତ ସାଧନା ଓ ରକ୍ତରଞ୍ଜିତ ସଂଗ୍ରାମର ସ୍ଥାପତ୍ୟ ଉପରେ ଦଣ୍ଡାୟମାନ, ସେମାନଙ୍କ ମଧ୍ୟରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ସ୍ଥାନ ସର୍ବୋଚ୍ଚ ଓ ଅଗ୍ରଗଣ୍ୟ। ଓଡ଼ିଆ ଜାତିର ସ୍ୱାଭିମାନ ରକ୍ଷା, ଓଡ଼ିଆ ଭାଷାର ସୁରକ୍ଷା ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସେ ଥିଲେ ଜଣେ ପ୍ରମୁଖ ସୂତ୍ରଧର ତଥା ଯୁଗପୁରୁଷ। ମାତ୍ର ସାମ୍ପ୍ରତିକ ସମୟର ବିଡ଼ମ୍ବନାକୁ ଦେଖିଲେ ମନରେ ଗଭୀର କ୍ଷୋଭ ଜାତ ହୁଏ। ଆଜି ସ୍ୱାର୍ଥପର ରାଜନୀତି, କ୍ଷମତାର ଅହଙ୍କାର ଓ ନିଜସ୍ୱ ସଫଳତାର ଅନ୍ଧଗଳିରେ ହଜିଯାଉଥିବା କିଛି ବ୍ୟକ୍ତି ନିଜର ସଂକୀର୍ଣ୍ଣ ସ୍ୱାର୍ଥ ସାଧନ ପାଇଁ ଏହି ମହାନାୟକଙ୍କ ପ୍ରତି ଅପମାନ କରିବାକୁ ପଛାଉ ନାହାନ୍ତି। ଯେଉଁମାନେ ପିଲାଦିନେ ବିଦ୍ୟାଳୟ ପାଠ୍ୟପୁସ୍ତକର ପ୍ରତିଟି ପୃଷ୍ଠାରୁ ଫକୀରମୋହନଙ୍କ ମହାନତା, ତାଙ୍କ ସଂଗ୍ରାମର କାହାଣୀ ଓ ସାହିତ୍ୟିକ କୃତି ବିଷୟରେ ପଢ଼ି ଜ୍ଞାନ ଆହରଣ କରିଥିଲେ, ସେମାନେ ଆଜି କ୍ଷମତା କିମ୍ବା ବ୍ୟକ୍ତିଗତ ଲାଭ ପାଇଁ ତାଙ୍କର ଅବଦାନକୁ ବିସ୍ମୃତ ହେବା କିମ୍ବା ତାଙ୍କ ନୀତିକୁ ସମାଲୋଚନା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ଲଜ୍ଜାଜନକ ଏବଂ ଏକ ଅକ୍ଷମଣୀୟ ଅପରାଧ। ଇତିହାସକୁ ବିକୃତ କରି ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବାର ଏହି ଦୁର୍ଗନ୍ଧମୟ ପ୍ରବୃତ୍ତି ଆମ ଜାତୀୟ ଚରିତ୍ର ପ୍ରତି ଏକ ବଡ଼ କୁଠାରାଘାତ। ଆଜି ସମୟ ଆସିଛି ଆମକୁ ପଛକୁ ଫେରି ଚାହିଁବାକୁ ପଡ଼ିବ, ନିଜର ଅତୀତକୁ ଖୋଜିବାକୁ ହେବ ଏବଂ ଏକ ସଚେତନ ଆତ୍ମସମୀକ୍ଷା କରିବାକୁ ହେବ ଯେ, କେଉଁମାନଙ୍କ ତ୍ୟାଗ ଓ ନିଷ୍ଠା ପାଇଁ ଆମ ଜାତି ଆଜି ଏତେ ଦୂର ଆସିପାରିଛି ଏବଂ ଇତିହାସର ସେହି ସଂକଟକାଳରେ ସେମାନଙ୍କ ଐତିହାସିକ ଭୂମିକା କ'ଣ ଥିଲା।

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ସେତେବେଳେ ଓଡ଼ିଆ ଭାଷା ଓ ଜାତି ଏକ ଚରମ ଅସ୍ତିତ୍ୱର ସଙ୍କଟ ଦେଇ ଗତି କରୁଥିଲା। ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣ ଭାବେ ବିଲୋପ କରିବା ପାଇଁ ପଡ଼ୋଶୀ ଭାଷାଭାଷୀ ଏବଂ କିଛି କୁଟିଳ ପ୍ରଶାସକଙ୍କ ପକ୍ଷରୁ ଚକ୍ରାନ୍ତର ଜାଲ ବିଛାଯାଇଥିଲା। 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ' ବୋଲି ପ୍ରମାଣ କରିବାକୁ ଅପଚେଷ୍ଟା ଚାଲିଥିଲା। ସେହି ଅନ୍ଧକାରମୟ ଓ ନୈରାଶ୍ୟଜନକ ସମୟରେ ଫକୀରମୋହନ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଏକ ଅଜେୟ ଦୁର୍ଗ ସଦୃଶ ଦଣ୍ଡାୟମାନ ହୋଇଥିଲେ। ବାଲେଶ୍ୱରର ମାଟିରେ 'ଉତ୍କଳ ପ୍ରେସ' ଭଳି ଏକ ସାରସ୍ୱତ କାରଖାନା ସ୍ଥାପନ କରି, ସେଠାରୁ ବିଭିନ୍ନ ପତ୍ରପତ୍ରିକା ପ୍ରକାଶନ ମାଧ୍ୟମରେ ସେ ସୁପ୍ତ ଓଡ଼ିଆ ଜାତି ମଧ୍ୟରେ ଜାଗରଣର ନୂତନ ସୂର୍ଯ୍ୟୋଦୟ ଆଣିଥିଲେ। କେବଳ ଭାଷା ସୁରକ୍ଷା ଆନ୍ଦୋଳନ ନୁହେଁ, ଓଡ଼ିଆ ଭାଷାକୁ ଏକ ଅତି ସମୃଦ୍ଧ, ବାସ୍ତବବାଦୀ ଓ ଆଧୁନିକ ସାହିତ୍ୟିକ ରୂପ ଦେବା ପାଇଁ ସେ କଥାସାହିତ୍ୟକୁ ନିଜର ପ୍ରମୁଖ ଆୟୁଧ କରିଥିଲେ। ତାଙ୍କ ଲେଖନୀରୁ ନିଃସୃତ ହୋଇଥିଲା 'ଛମାଣ ଆଠଗୁଣ୍ଠ', 'ମାମୁଁ', 'ପ୍ରାୟଶ୍ଚିତ' ଓ 'ଲଛମା' ଭଳି କାଳଜୟୀ ଉପନ୍ୟାସ ଏବଂ 'ରେବତୀ' ଭଳି ସର୍ବପ୍ରଥମ ଆଧୁନିକ କ୍ଷୁଦ୍ରଗଳ୍ପ। ଏହି ସାହିତ୍ୟିକ କୃତିଗୁଡ଼ିକ ମାଧ୍ୟମରେ ସେ ତତ୍କାଳୀନ ସମାଜରେ ପ୍ରଚଳିତ ଥିବା କୁସଂସ୍କାର, ନାରୀ ଶିକ୍ଷାର ବିରୋଧ, ଅନ୍ଧବିଶ୍ୱାସ, ଶୋଷଣ ଓ ଜମିଦାରୀ ପ୍ରଥାର ନିଷ୍ଠୁରତା ବିରୋଧରେ ଏକ ପ୍ରଚଣ୍ଡ ସାମାଜିକ ବିପ୍ଳବର ସୂତ୍ରପାତ କରିଥିଲେ। ସାଧାରଣ ଖଟିଖିଆ ମଣିଷର ମୁହଁର ଭାଷାକୁ, ହାଟ-ବଜାରର କଥିତ ଶବ୍ଦକୁ ସେ ସାହିତ୍ୟର ସିଂହାସନରେ ବସାଇ ପ୍ରମାଣିତ କରିଥିଲେ ଯେ ଓଡ଼ିଆ ଭାଷାର ପ୍ରକାଶନ ଶକ୍ତି ପୃଥିବୀର ଯେକୌଣସି ସମୃଦ୍ଧ ଭାଷାଠାରୁ ମଧ୍ୟ ଅଧିକ। ଏହି ଭାଷାଭିତ୍ତିକ ସଚେତନତା ଓ ଆତ୍ମସମ୍ମାନବୋଧ ହିଁ ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୂଳଦୁଆ ଏବଂ ସବୁଠାରୁ ଶକ୍ତିଶାଳୀ ଭିତ୍ତିଭୂମି ସାଜିଥିଲା।

ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ପ୍ରକ୍ରିୟାରେ ଫକୀରମୋହନଙ୍କ ସାଂଗଠନିକ ଓ ବୌଦ୍ଧିକ ଭୂମିକା ଥିଲା ଅନନ୍ୟ ଏବଂ ଅତୁଳନୀୟ। ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଭଳି ପ୍ରାତଃସ୍ମରଣୀୟ ମହାନେତାମାନଙ୍କ ସହ ସେ କାନ୍ଧରେ କାନ୍ଧ ମିଳାଇ 'ଉତ୍କଳ ସମ୍ମିଳନୀ'ର ପ୍ରତିଷ୍ଠା କରିଥିଲେ । ଏହାର ଅଭିଯାନକୁ ଓଡ଼ିଶାର ପ୍ରତ୍ୟେକ କୋଣ ଅନୁକୋଣକୁ ବ୍ୟାପ୍ତ କରାଇଥିଲେ। ବିକ୍ଷିପ୍ତ ହୋଇ ରହିଥିବା ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଏକତ୍ରୀକରଣ କରିବା ପାଇଁ ସେ ନିଜର ସମସ୍ତ ଲେଖନୀ, ଚିନ୍ତାଧାରା ଓ ସର୍ବୋପରି ନିଜର ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ ଭାବେ ଉତ୍ସର୍ଗ କରିଦେଇଥିଲେ। ବିଭିନ୍ନ ଗଡ଼ଜାତ ରାଜ୍ୟଗୁଡ଼ିକରେ ଜଣେ ଦକ୍ଷ ଦେୱାନ ବା ପ୍ରଶାସକ ଭାବେ କାର୍ଯ୍ୟ କରିବା ସମୟରେ ମଧ୍ୟ, ସେ ଶାସନ ଗଦିରେ ବସି ଓଡ଼ିଆ ଶିକ୍ଷା, ସଂସ୍କୃତି ଓ ସ୍ଥାନୀୟ ଲୋକଙ୍କ ଅଗ୍ରଗତି ପାଇଁ ସର୍ବଦା ଚେଷ୍ଟିତ ଥିଲେ।

ଫକୀରମୋହନ କେବଳ ଜଣେ ଐତିହାସିକ ବ୍ୟକ୍ତି ନୁହନ୍ତି, ସେ ହେଉଛନ୍ତି ଓଡ଼ିଆ ଅସ୍ମିତା, ଜାତୀୟତା ଓ ଆମ ଭାଷାର ପ୍ରାଣକେନ୍ଦ୍ର। ତେଣୁ ନିଜର ସାମୟିକ ରାଜନୈତିକ ଫାଇଦା କିମ୍ବା ଅହଂକାର ପାଇଁ ତାଙ୍କ ପ୍ରତି ଆକ୍ଷେପ କରିବା ଅତ୍ୟନ୍ତ ନିନ୍ଦନୀୟ। ଆଜିର ଯୁବପିଢ଼ି ଓ ସମଗ୍ର ଓଡ଼ିଆ ସମାଜକୁ ଫକୀରମୋହନଙ୍କ ସେହି ସ୍ୱାଭିମାନୀ ଆଦର୍ଶରେ ପୁନର୍ବାର ଅନୁପ୍ରାଣିତ ହେବାକୁ ପଡ଼ିବ। ଆମ ମାତୃଭାଷାର ପ୍ରଚାର, ପ୍ରସାର ଏବଂ ଏହି ମାଟିର ପ୍ରଗତିରେ ତାଙ୍କର ଯେଉଁ ଅକ୍ଷୟ କୀର୍ତ୍ତି ରହିଛି, ତାହା ଓଡ଼ିଶାର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ଏବଂ ସଂକୀର୍ଣ୍ଣ ଚିନ୍ତାଧାରାର କୌଣସି ବି ଝଡ଼ ଏହି ମହାନ କୀର୍ତ୍ତିକୁ ଓଡ଼ିଆଙ୍କ ହୃଦୟରୁ କେବେ ହେଲେ ଲିଭାଇ ପାରିବ ନାହିଁ।

ଗଞ୍ଜାମ, ମୋ-୭୭୮୭୦୦୧୦୦୧

# ତମାଖୁ ବର୍ଜନ, ସୁସ୍ଥ ଜୀବନ

ଚିତ୍ତରଞ୍ଜନ ପୃଷ୍ଟି

**ବିଶ୍ୱରେ ତମାଖୁ ବର୍ଜନ ଦିବସ ସ୍ୱାସ୍ଥ୍ୟ ଉପରେ ତମାଖୁ ସେବନର କ୍ଷତିକାରକ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥାଏ । ଶିକ୍ଷାଗତ ଅଭିଯାନ, ଗଣମାଧ୍ୟମ ପ୍ରସାରଣ ଏବଂ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ତମାଖୁ ସେବନ ଦ୍ୱାରା କର୍କଟ, ହୃଦ୍ ରୋଗ, ଶ୍ୱାସରୋଗ ଏବଂ ଅନ୍ୟାନ୍ୟ ବିଷୟରେ ସୂଚନା ଦିଆଯାଏ ।ତମାଖୁ ସେବନ ଏକ ଗୁରୁତର ବିଶ୍ୱ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି, ଯାହା ବାର୍ଷିକ ଲକ୍ଷ ଲକ୍ଷ ଲୋକଙ୍କୁ ମୃତ୍ୟୁମୁଖରେ ପକାଇବା ସହ ବ୍ୟକ୍ତି, ପରିବାର ଓ ସମାଜ ପାଇଁ ଭାରୀ ଆର୍ଥିକ ତଥା ସାମାଜିକ ବୋଝ ପାଲଟିଛି।**

କର୍ମମୟ ଜୀବନ ଭିତରେ ମଣିଷ ଚାହେଁ ଟିକିଏ ସୁଖଶାନ୍ତି । ମଣିଷ ଧନର କୁହୁକ ଇନ୍ଦ୍ରଜାଲରେ ନ ପଡ଼ି ନୀରୋଗ ଓ ସୁସ୍ଥ ରହିବା ପାଇଁ ଚାହେଁ । କିନ୍ତୁ ନିଶା ସେବନ ଦ୍ୱାରା ମଣିଷ ନିଜର ସୁନ୍ଦର ସ୍ୱାସ୍ଥ୍ୟ ଓ ସୁସ୍ଥ ମାନସିକତା ହରାଇ ବସିଥାଏ । ନିଶା ଗୋଟିଏ ଛଦ୍ମବେଶୀ ବନ୍ଧୁପରି ଉଭାହୁଏ ମଣିଷ ପାଖରେ । ଶେଷରେ ସର୍ବସ୍ୱାନ୍ତ କରି ମୃତ୍ୟୁର ଅନ୍ଧକୂପ ଭିତରକୁ ଠେଲିଦେଇଥାଏ । ଆଜିକାଲିର ଯୁବପିଢ଼ିରୁ ଏକ ଗୋଷ୍ଠୀ ନିଶାଦ୍ରବ୍ୟକୁ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ କରିସାରିଲେଣି ।

ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ । ତମାଖୁର ଆମ ସ୍ୱାସ୍ଥ୍ୟ ଉପରେ ଥିବା ବିଭିନ୍ନ ଖରାପ ପ୍ରଭାବ ତଥା ଏହାର ଅନେକ ନକାରାତ୍ମକ ଦିଗ ବିଷୟରେ ଜନସଚେତନତା ସୃଷ୍ଟି କରିବା ଏହି ଦିବସର ପ୍ରମୁଖ ଉଦ୍ଦେଶ୍ୟ । ମେ' ୩୧ ତାରିଖରେ ବିଶ୍ୱ ପାଳୁଛି ତମାଖୁ ବର୍ଜନ ଦିବସ। ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ବାବଦରେ ଲୋକଙ୍କୁ ସଚେତନ କରିବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଉଛି।ତେବେ ପ୍ରତିବର୍ଷ ଏକ ଲକ୍ଷ୍ୟ ନେଇ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରାଯାଇଥାଏ। ଚଳିତ ବର୍ଷର ଥିମ୍ ରହିଛି 'ଆକର୍ଷଣକୁ ଉନ୍ମୋଚନ କରିବା - ନିକୋଟିନ୍ ଏବଂ ତମାଖୁ ନିଶାକୁ ମୁକାବିଲା କରିବା'। ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ପରିଚାଳିତ ଏହି ଅଭିଯାନ ନୂଆ ପିଢ଼ି (ବିଶେଷକରି ଶିଶୁ ଓ କିଶୋର)ଙ୍କୁ ଲକ୍ଷ୍ୟ କରି ଇ-ସିଗାରେଟ୍ ଓ ନିକୋଟିନ୍ ଶିଳ୍ପର ପ୍ରତାରଣାମୂଳକ ବିକ୍ରିର ରହସ୍ୟକୁ ପଦାରେ ପକାଇବା ଉପରେ ଧ୍ୟାନ ଦେଇଥାଏ।ତମାଖୁ ଶିଳ୍ପ ଭ୍ରାମକ, ଆକର୍ଷଣୀୟ ଡିଜାଇନ୍ (ଯଥା, ଇ-ସିଗାରେଟ୍ ଏବଂ ସ୍ୱାଦଯୁକ୍ତ ନିକୋଟିନ୍ ପାଉଚ୍) ବ୍ୟବହାର କରି କିଶୋରମାନଙ୍କୁ ନିକୋଟିନ୍ ପ୍ରତି ଆକର୍ଷିତ କରିବା ପାଇଁ ଲକ୍ଷ୍ୟ ରଖିଥାଏ।ଏହି ଅଭିଯାନ ସରକାରମାନଙ୍କୁ ସ୍ୱାଦଯୁକ୍ତ ନିକୋଟିନ୍ ଉତ୍ପାଦ ଉପରେ ରୋକ୍ ଲଗାଇବା, ଡିଜିଟାଲ୍ ବିଜ୍ଞାପନକୁ ନିୟନ୍ତ୍ରଣ କରିବା ଏବଂ ନିଶା ନିବାରଣ ପଦକ୍ଷେପକୁ ବୃଦ୍ଧି କରିବାକୁ ଆହ୍ୱାନ ଦେଇଥାଏ।

ତମାଖୁ ସେବନର କ୍ଷତିକାରକ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ତମାଖୁମୁକ୍ତ ବିଶ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ନବୀକରଣ କରିବା ଏହି ଦିବସର ଲକ୍ଷ୍ୟ ଅଟେ। ସର୍ବଭାରତୀୟ ସର୍ବେକ୍ଷଣ ଅନୁଯାୟୀ ୧୩-୧୫ ବର୍ଷ ବୟସର



କିଶୋରମାନଙ୍କ ମଧ୍ୟରେ ତମାଖୁ ଏବଂ ନିକୋଟିନ୍ ଉତ୍ପାଦ ବ୍ୟବହାରର ବୃଦ୍ଧି ପାଉଛି । ଏହା କେବଳ ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରେ ନାହିଁ ବରଂ ଆଜୀବନ ନିଶା ଏବଂ ସମ୍ଭାବ୍ୟ ସ୍ୱାସ୍ଥ୍ୟ ଜଟିଳତା ପାଇଁ ମଧ୍ୟ ପଥ ପରିଷ୍କାର କରେ ।ବିଶ୍ୱବ୍ୟାପୀ, ୧୩-୧୫ ବର୍ଷ ବୟସରେ ଅତି କମ୍‌ରେ ୩୭ ନିୟୁତ ଯୁବକ ଅନେକ ପ୍ରକାରର ତମାଖୁ ବ୍ୟବହାର କରନ୍ତି ।ବହୁକ୍ଷେତ୍ରରେ ଯୁବଗୋଷ୍ଠୀ ସେମାନଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇ ଧୂମପାନ କରିଥାନ୍ତି । ତମାଖୁ ବ୍ୟବହାର ପଛରେ ଅନେକ କାରଣ ରହିଛି ଯଥା ମାନସିକ ଚାପ, ସାମାଜିକ ବ୍ୟବସ୍ଥା, ବଜାର ପ୍ରଭାବ, ବିଜ୍ଞାପନ ଏବଂ ତମାଖୁ ସାମଗ୍ରୀର ସହଜ ଉପଲବ୍ଧତା ।

ବିଶ୍ୱରେ ତମାଖୁ ବର୍ଜନ ଦିବସ ସ୍ୱାସ୍ଥ୍ୟ ଉପରେ ତମାଖୁ ସେବନର କ୍ଷତିକାରକ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥାଏ । ଶିକ୍ଷାଗତ ଅଭିଯାନ, ଗଣମାଧ୍ୟମ ପ୍ରସାରଣ ଏବଂ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ତମାଖୁ ସେବନ ଦ୍ୱାରା କର୍କଟ, ହୃଦ୍ ରୋଗ, ଶ୍ୱାସରୋଗ ଏବଂ ଅନ୍ୟାନ୍ୟ ବିଷୟରେ ସୂଚନା ଦିଆଯାଏ ।ତମାଖୁ ସେବନ ଏକ ଗୁରୁତର ବିଶ୍ୱ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି, ଯାହା ବାର୍ଷିକ ଲକ୍ଷ ଲକ୍ଷ ଲୋକଙ୍କୁ ମୃତ୍ୟୁମୁଖରେ ପକାଇବା ସହ ବ୍ୟକ୍ତି, ପରିବାର ଓ ସମାଜ ପାଇଁ ଭାରୀ ଆର୍ଥିକ ତଥା ସାମାଜିକ ବୋଝ ପାଲଟିଛି। ଖଣ୍ଡିଏ ପାନ ଚୋବାଇଦେଲେ କିମ୍ବା ବିଡି ଖଣ୍ଡେ ଟାଣିଦେଲେ ଆମର କିଛି କ୍ଷତି ହୁଏନାହିଁ ବୋଲି ଭାବୁଥାଏ ,କିନ୍ତୁ କଥାରେ ଅଛି : 'ପାନ ବିଡି ନୁହେଁ ଛୋଟିଆ ନିଶା
ଜଣା ପଡେନାହିଁ ଟାଣେ ପଇସା ।'

ତେଣୁ ତମାଖୁ ସେବନର ବ୍ୟାପକତା ଓ ଜନସ୍ୱାସ୍ଥ୍ୟ ଉପରେ ଏହାର ନକାରାତ୍ମକ ପ୍ରଭାବକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୧୯୮୭ ମସିହାରୁ ତମାଖୁ ବର୍ଜନ ଦିବସ ପାଳନର ପରିକଳ୍ପନା କରିଥିଲା ।ତମାଖୁ ସେବନ ବ୍ୟକ୍ତିର ମାନସିକ ସ୍ୱାସ୍ଥ୍ୟ ସହିତ ଶାରୀରିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ତମାଖୁ ସେବନ ଦ୍ୱାରା କେବଳ କର୍କଟ ନୁହେଁ ହୃଦ୍‌ଘାତ, ଟେନ୍‌ସନ, ଗ୍ୟାଷ୍ଟ୍ରିକ୍, ଆଲର୍ଜି, ଦୃଷ୍ଟିଶକ୍ତି ହରାଇବା ଭଳି ରୋଗର ସମ୍ମୁଖୀନ ହେବାକୁ ପଡ଼ିଥାଏ।

କେବଳ ସେତିକି ନୁହେଁ ଲୋକମାନେ ନିଜର ରୋଗପ୍ରତିରୋଧକ ଶକ୍ତି ମଧ୍ୟ ହରାଇ ବସନ୍ତି। ମାଂସପେଶୀ ଜନିତ ରୋଗ, ମାନସିକ ରାଗ ଓ ଗର୍ଭବତୀ ମହିଳାଙ୍କଠାରେ ଗର୍ଭପାତ ଭଳି ସମସ୍ୟା ମଧ୍ୟ ଦେଖାଯାଏ ।ସିଗାରେଟ୍ ଏବଂ ବିଡି ଧୂଆଁ କେବଳ ବ୍ୟକ୍ତି ଉପରେ ନୁହେଁ ବରଂ ଏହାର ଆଖପାଖରେ ରହୁଥିବା ଶିଶୁ, ମହିଳା ଏବଂ ବୃଦ୍ଧ ବ୍ୟକ୍ତିଙ୍କ ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପକାଇଥାଏ। ଫଳରେ ବ୍ୟବହାରକାରୀଙ୍କ ଉପରେ କ୍ୟାନସର ଭଳି ରୋଗ ଦେଖାଯାଉଥିବା ବେଳେ ଛୋଟଛୁଆଙ୍କ ଉପରେ ସ୍ମୃତିଶକ୍ତି ହରାଇବା ଏବଂ ଶ୍ୱାସରୋଗ ଭଳି ସମସ୍ୟା ଦେଖାଯାଇଥାଏ।

ଧୂଆଁଯୁକ୍ତ ଟୋବାକୋ(ବିଡି, ସିଗାରେଟ) ଓ ଧୂଆଁମୁକ୍ତ ଟୋବାକୋ(ଗୁଟଖା, ପାନ ମସଲା) ସେବନ ଦିନକୁ ଦିନ ଯୁବପିଢିଙ୍କଠାରୁ ଆରମ୍ଭ କରି ସମସ୍ତ ବୟସର ବର୍ଗଙ୍କୁ ପ୍ରଭାବିତ କରୁଥିବାବେଳେ ସାମାଜିକ, ଆର୍ଥିକ କ୍ଷେତ୍ରରେ ମଧ୍ୟ ପ୍ରଭାବ ପକାଉଛି । କାରଣ ତମାଖୁ ସେବନ ଦ୍ୱାରା ଯେତେବେଳେ କ୍ୟାନ୍ସର ଭଳି ରୋଗ ହୁଏ ଓ ବ୍ୟକ୍ତିଙ୍କର ଚିକିତ୍ସା ହୁଏ, ସେତେବେଳେ ଆର୍ଥିକ ବୋଝ ପଡ଼େ । ଓଡ଼ିଶା କଥା କହିବାକୁ ଗଲେ ପ୍ରାୟ ୫୨ ପ୍ରତିଶତ ପୁରୁଷ ଓ ୩୩ ପ୍ରତିଶତ ମହିଳା ଧୂଆଁମୁକ୍ତ ଟୋବାକୋର ସେବନ କରୁଛନ୍ତି । ଦିନକୁ ଦିନ ଯୁବପିଢିଙ୍କ ମଧ୍ୟରେ ଟୋବାକୋ ସେବନର ପରିମାଣ ବଢ଼ି ବଢ଼ି ଚାଲିଥିବାବେଳେ ପାଖାପାଖି ୧୪ ପ୍ରତିଶତ ସ୍କୁଲ ଓ କଲେଜ ଯାଉଥିବା ଛାତ୍ରମାନେ ଏବେ ଟୋବାକୋ ସେବନ କରୁଛନ୍ତି ।ସରକାରୀ ଆଇନ ଓ କଟକଣା ପାଇଁ ସର୍ବସାଧାରଣ ସ୍ଥାନରେ ସିଗାରେଟ୍ ଟାଣିବା ପ୍ରାୟତଃ କମିଯାଇଥିଲେ ବି ଗୁଟ୍‌ଖା ଖିଆ ଖୋଲାଖୋଲି ଚାଲିଛି। ସ୍କୁଲ୍, କଲେଜ ଭଳି ଶିକ୍ଷାନୁଷ୍ଠାନ ନିକଟରେ ଗୁଟ୍‌ଖା ବିକ୍ରି ନିଷିଦ୍ଧ କରାଯାଇଛି ସତ, କିନ୍ତୁ ଲୁଚାଚୋରାରେ ସବୁ ଚାଲିଛି। ସମ୍ପ୍ରତି ଯୁବପିଢ଼ି ଗୁଟ୍‌ଖା କବଳରେ କବଳିତ ।ବର୍ତ୍ତମାନ ବାର୍ ଏବଂ କ୍ୟାଫେରେ ହୁକା ଧୂମପାନ ବିଶେଷ ଭାବରେ ଯୁବ ପିଢ଼ି ମଧ୍ୟରେ ପ୍ରଚଳିତ ହେଉଛି ।ଆଧୁନିକତାର ଛାପରେ ସାଧାରଣ ଯୁବପିଢି ତମାଖୁ ସେବନ କରି ଧୀରେ ଧୀରେ ତମାଖୁର ବଶବର୍ତ୍ତୀ ହୁଏ ଏବଂ ପରେ ତାର ପରିଣତି ଭୟାବହ ହୁଏ ।ତମାଖୁ ନିୟନ୍ତ୍ରଣ ପାଇଁ କିଛି ବର୍ଷ ହେବ ସର୍ବସାଧାରଣ ସ୍ଥାନରେ ଧୂମପାନ କରିବା, ବିଦ୍ୟାଳୟଠାରୁ ୧୦୦ ମିଟର ଦୂରରେ ତମାଖୁ ଦୋକାନ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଜରିମାନା ଆଦାୟର ନିୟମ କରାଯାଇଛି। କିନ୍ତୁ ତାହା ସଠିକ ଭାବରେ କାର୍ଯ୍ୟକାରୀ ହେଉନାହିଁ ।ତମାଖୁ ବଜାରରେ ଅତି ସହଜରେ ମିଳୁ ଥିବାରୁ ଆଜିର ଯୁବପିଢ଼ି ଏହାକୁ ଅତିସହଜରେ ପାଇପାରୁଛନ୍ତି। ନିୟମରେ କଠୋରତା କମ୍ ରହିଥିବାରୁ ପ୍ରତିବର୍ଷ ଏହାର ସେବନ ଦ୍ୱାରା ଅନେକ ସୁନ୍ଦର ସଂସାର ,ଘର ଉଜୁଡି ଯାଉଛି। ଅଭିଭାବକମାନଙ୍କ ଠାରୁ ଏହାର ବ୍ୟବହାର ଶିଖିବା କିମ୍ବା ସାଙ୍ଗସାଥିଙ୍କ ସହ ମିଶି ମଜା ମଜଲିସ କରିବା ଆଳରେ ତମାଖୁ ଗ୍ରହଣ ଆରମ୍ଭ ହୋଇ, ଶେଷରେ ଆତ୍ମହତ୍ୟା, ଅପରାଧ ଏବଂ ଦୁଃସାଧ୍ୟ ରୋଗରେ ଶେଷ ହେଉଛି ।

'ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ' ଅନୁଯାୟୀ ତମାଖୁ ତା'ର ବ୍ୟବହାରକାରୀଙ୍କ ମଧ୍ୟରୁ ପ୍ରାୟ ଅଧା ଲୋକଙ୍କୁ ମାରି ଦେଇଥାଏ । ପ୍ରତିବର୍ଷ ସାରା ଦୁନିଆରେ ପ୍ରାୟ ୮ ମିଲିୟନ୍ ଲୋକ ତମାଖୁ ଦ୍ୱାରା ଜୀବନ ହରାଉଛନ୍ତି । ତମାଖୁ, ମାନବ ହତ୍ୟାର ସବୁଠାରୁ ବଡ କାରଣ ଅଟେ । ବିଶ୍ୱରେ ସମସ୍ତ କର୍କଟ ମୃତ୍ୟୁର ୨୫% କେବଳ ତମାଖୁ ସେବନ ଦ୍ୱାରା ହୋଇଥାଏ। ଭାରତ ସେଥିମଧ୍ୟରୁ ୭ ମିଲିୟନ ଲୋକ ତମାଖୁର ପ୍ରତ୍ୟକ୍ଷ ବ୍ୟବହାରକାରୀ ହୋଇଥାନ୍ତି । ଏହି ୮ ମିଲିୟନ ତମାଖୁ ସେବନକାରୀଙ୍କ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ଲୋକ ନିମ୍ନ ଏବଂ ମଧ୍ୟବିତ୍ତ ଦେଶମାନଙ୍କର ନାଗରିକ ଅଟନ୍ତି । ଯେହେତୁ ଅଧିକ ତମାଖୁ ସେବନକାରୀ ଲୋକ ଗରିବ ଦେଶର ନାଗରିକ, ତେଣୁ ତମାଖୁ ଦ୍ୱାରା ହେଉଥିବା ସମସ୍ୟା ମଧ୍ୟ ଖୁବ୍ ଗମ୍ଭୀର ଅଟେ ।ଭାରତରେ, ତମାଖୁ ପ୍ରତିଦିନ ପ୍ରାୟ ୨୫୦୦ ଲୋକଙ୍କୁ ମାରିଥାଏ।

ତମାଖୁମୁକ୍ତ ଜୀବନଯାପନ ପାଇଁ ଆବଶ୍ୟକ ଉପକରଣ ଏବଂ ସମ୍ବଳକୁ ସମସ୍ତଙ୍କ ପାଖରେ ପହଞ୍ଚିବା ସୁନିଶ୍ଚିତ କରିବା ପାଇଁ ରାଷ୍ଟ୍ରମାନଙ୍କ ମଧ୍ୟରେ ଏକତା ଗୁରୁତ୍ୱପୂର୍ଣ୍ଣ ଅଟେ ।ଯୁବଗୋଷ୍ଠୀଙ୍କୁ ସୁସ୍ଥ ରଖିବା ନିମନ୍ତେ ତମାଖୁ ସେବନର କୁପ୍ରଭାବ ସମ୍ପର୍କରେ ସେମାନଙ୍କୁ ସଚେତନ କରାଇବା, ତମାଖୁ ନିୟନ୍ତ୍ରଣ ନିମନ୍ତେ ଥିବା ଆଇନ ସିଗାରେଟ ଏବଂ ଅନ୍ୟ ତମାଖୁ ସାମଗ୍ରୀ ଆଇନ ବିଷୟରେ ସେମାନଙ୍କୁ ଅବଗତ କରାଇବା, ତମାଖୁ ମୁକ୍ତ ପରିବେଶ ନିମନ୍ତେ ଯୁବଗୋଷ୍ଠୀଙ୍କ ଅଭିଯାନକୁ ମଜଭୁତ କରିବା ତଥା ତମାଖୁ ନିୟନ୍ତ୍ରଣ ନିମନ୍ତେ ବିଭିନ୍ନ ସ୍ତରରେ ଯୁବକ ଯୁବତୀ ମାନଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ଯୁବଗୋଷ୍ଠୀ ପାଇଁ ତମାଖୁ ନିୟନ୍ତ୍ରଣ ସଚେତନତା କର୍ମଶାଳା ଆୟୋଜନ କରାଯିବାର ଆବଶ୍ୟକତା ରହିଛି ।

ନିମାପଡା, ପୁରୀ,
ମୋ-୯୭୭୮୧୭୭୫୦୧

# ଭାରତୀୟ ମୌସୁମୀ ବାୟୁର ପରିବର୍ତ୍ତନ ଚିନ୍ତାଜନକ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

**ମୌସୁମୀ ତାପମାତ୍ରା ଉପରେ ନିର୍ଭର କରେ । ତେବେ ପୃଥିବୀର ଏହି ତାପବୃଦ୍ଧି ଓ ହ୍ରାସ କ'ଣ ? ବିଗତ ଦଶନ୍ଧି ମଧ୍ୟରେ ସହରୀକରଣ, ଶିଳ୍ପସ୍ଥାପନ ଏବଂ ଜନସଂଖ୍ୟା ବୃଦ୍ଧି ଯୋଗୁଁ ବାୟୁମଣ୍ଡଳ ବିଷାକ୍ତ ହୋଇଯାଇଅଛି । ମନୁଷ୍ୟର କାର୍ଯ୍ୟକଳାପ ଯୋଗୁଁ ବାୟୁମଣ୍ଡଳର କାର୍ବନଡାଇଅକ୍ସାଇଡ, କ୍ଲୋରୋଫ୍ଲୋରୋ କାର୍ବନ ଅନ୍ୟ ହାନିକାରକ ଗ୍ୟାସର ପରିମାଣ ବଢିଯାଇଅଛି । ପ୍ରାୟ ସୂର୍ଯ୍ୟତାପର ୫୧% ଭାଗ ଭୂପୃଷ୍ଠ ଗ୍ରହଣ କରୁଛି ଯାହାକି ଏହାର ତାପକୁ ବୃଦ୍ଧିକରି ଦେଉଅଛି । ତାପର ବାକି ଅଂଶ ପ୍ରତିଫଳିତ ହୋଇ ବାୟୁମଣ୍ଡଳକୁ ଫେରିଆସୁଛି । ଏହା ତାପକୁ ବଢାଇ ଦେବାରେ ସାହାଯ୍ୟ କରୁଛି । ବର୍ତ୍ତମାନ ବାୟୁମଣ୍ଡଳ କଳୁଷିତ ହେବା ଯୋଗୁଁ ପ୍ରତିଫଳିତ ତାପର କେତେ ଅଂଶ ଗ୍ରୀନହାଉସ ଗ୍ୟାସଦ୍ୱାରା ଅଟକିଯାଉଛି, ପ୍ରଧାନତଃ କାର୍ବନଡାଇଅକ୍ସାଇଡ ଭୂପୃଷ୍ଠର ତାପକୁ ବଢାଇଦିଏ ।**

ମୌସୁମୀ ବାୟୁ ଯାହାକି ବଂଗୋପସାଗରରୁ ଗତିକରେ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଉତ୍ତରପୂର୍ବ ରାଜ୍ୟ ସମୂହ ଏବଂ ପଶ୍ଚିମବଙ୍ଗର ଉପକୂଳ ଅଞ୍ଚଳକୁ ଛୁଇଁ ଜୁଲାଇମାସ ୧୫ ତାରିଖ ସୁଦ୍ଧା ସମୁଦାୟ ଭାରତ ଉପରେ ଆଚ୍ଛାଦିତ ହୋଇଯାଏ ଏବଂ ଏହା ଭୀଷଣ ବର୍ଷା କରାଏ । ଯେତେବେଳେ ଏହା ପଶ୍ଚିମକୁ ଉତ୍ତରସ୍ଥ ସମତଳ ଭୂମି ଉପରଦେଇ ଗତିକରେ, ବର୍ଷାର ପରିମାଣ କମିଯାଏ । ଉଦାହରଣ କୋଲକାତାରେ ୧୨୦ ସେ.ମି. ଆହ୍ଲାବାଦରେ ୯୧ ସେ.ମି. ଏବଂ ଦିଲ୍ଲୀରେ ୫୬ ସେ.ମି. ବୃଷ୍ଟିପାତ ହୁଏ । ମୌସୁମୀ ଯେତେବେଳେ ବର୍ଷାକୁ ଆଗେଇ ଆସେ ଏବଂ ଶୁଷ୍କତା ମଧ୍ୟରେ ଆର୍ଦ୍ରତା ସୃଷ୍ଟି କରେ । ତାପମାତ୍ରାକୁ କମାଇ ଦିଏ । ଜୁନ ମଧ୍ୟଭାଗରୁ ଜୁଲାଇ ମଧ୍ୟଭାଗ ମଧ୍ୟରେ ସେଣ୍ଟିଗ୍ରେଡରୁ ସେଣ୍ଟିଗ୍ରେଡକୁ କମିଯିବାର ଦେଖାଯାଏ । ଏହି ସମୟରେ ଭାରତର ଅନେକ ଅଂଶରେ ବନ୍ୟା ସମସ୍ୟା ଦେଖାଯାଏ । ଭୀଷଣ ବୃଷ୍ଟିପାତ ଯୋଗୁଁ ଏପରି ହୁଏ ଆହୁରି ଆମର ଜଳ ସମ୍ପଦକୁ ଠିକ୍ ଭାବରେ ପରିଚାଳନାର ଅଭାବ ଥିବାରୁ, ଆହୁରି ଏହି ଋତୁରେ ଅନେକ ଅଞ୍ଚଳରେ ମରୁଡି ଅନୁଭୂତ ହୁଏ ।

ପରିବ୍ୟାପ୍ତ, ଉଚ୍ଚ ଓ ଜଟିଳ ଭୂଗଠନ ଯୋଗୁଁ ହିମାଳୟର ବିଭିନ୍ନ ଅଂଶରେ ଭିନ୍ନ ଜଳବାୟୁ ଅନୁଭୂତ ହୋଇଥାଏ । ନିମ୍ନ ଦେଶରେ ଆର୍ଦ୍ର ଉପକ୍ରାନ୍ତୀୟ ଓ ତିବ୍ବତ ପଟେ ଶୁଷ୍କ ଶୀତଳ ମରୁଭୂମି ଦେଖିବାକୁ ମିଳେ । ପଶ୍ଚିମାଂଶକୁ ଛାଡ଼ିଦେଲେ ହିମାଳୟ ପର୍ବତମାଳାର ଦକ୍ଷିଣ ପଟର ଭୂଭାଗ ମୌସୁମୀ ପ୍ରବାହର ବଳୟରେ ଆସେ । ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବାହ ଯୋଗୁଁ ଏଠାରେ ଜୁନ୍ ମାସରୁ ନେଇ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇଥାଏ । ହିମାଳୟରେ ବର୍ଷ ଯୋଗୁଁ ଗମନାଗମନ ଓ ପରିବହନ ବାଧାପ୍ରାପ୍ତ ହୋଇଥାଏ ଓ ସ୍ଥାନେ ସ୍ଥାନେ ଅତଡ଼ା ଧସିଯାଏ । ତେଣୁ ମୌସୁମୀ ସମୟରେ (ଅପ୍ରେଲ୍-ମଇରୁ ସେପ୍ଟେମ୍ବର-ଅକ୍ଟୋବର ପର୍ଯ୍ୟନ୍ତ) ପର୍ଯ୍ୟଟନ, ପର୍ବତାରୋହଣ, ଟ୍ରେକିଂ ଇତ୍ୟାଦି କାର୍ଯ୍ୟକଳାପ ବାଧାପ୍ରାପ୍ତ ହୁଏ । ନେପାଳ ଓ ସିକିମର ଲୋକେ ୫ଟି ଋତୁ ଥିବା ବିଶ୍ୱାସ କରନ୍ତି – ଗ୍ରୀଷ୍ମ, ବର୍ଷା, ଶରତ, ଶୀତ ଓ ବସନ୍ତ । କୋପ୍ପେନ୍ ଜଳବାୟୁ ବର୍ଗୀକରଣ ଅନୁସାରେ ହିମାଳୟର ନିମ୍ନ ଓ ମଧ୍ୟ ଦେଶରେ ଆର୍ଦ୍ର ଉପକ୍ରାନ୍ତୀୟ ଜଳବାୟୁ ଓ ଶୀତ ଦିନରେ ଶୁଷ୍କ ଜଳବାୟୁ ଅନୁଭୂତ ହୁଏ । ଉଚ୍ଚ ଦେଶରେ ଉପକ୍ରାନ୍ତୀୟ ଉଚ୍ଚଭୂମି ଜଳବାୟୁ ଅନୁଭୂତ ହୋଇଥାଏ । ପଶ୍ଚିମ ପାର୍ଶ୍ୱର ସିନ୍ଧୁ ଓ କାଶ୍ମୀର ଉପତ୍ୟକାରେ ମୌସୁମୀ ପ୍ରବାହ ଯୋଗୁଁ ଅଧିକ ବୃଷ୍ଟିପାତ ହୋଇନଥାଏ ବରଂ ବସନ୍ତ ସମୟରେ ଅଧିକ ବର୍ଷା ହୋଇଥାଏ । ଉତ୍ତର ପଟର ତିବ୍ବତୀୟ ହିମାଳୟ ଶୁଷ୍କ ଶୀତଳ ମରୁ ଅଞ୍ଚଳ ଓ ଏହାର ପଶ୍ଚିମାଂଶରେ ବାୟୁ ପ୍ରବାହର ମାତ୍ରା ଅଧିକ । ଏଠାରେ ସବୁଜିମାର ଅଭାବ ଦେଖାଯାଏ ଓ ଶୀତ ଦିନେ ଅସହ୍ୟ ଥଣ୍ଡା ହୁଏ । ଶୀତ ଋତୁର ଶେଷ ଓ ବସନ୍ତ ଋତୁରେ ଏଠାରେ ତୁଷାରପାତ ରୂପେ ବର୍ଷା ହୁଏ ।

ଭାରତୀୟ ଉପମହାଦେଶ ଓ ତିବ୍ବତୀୟ ମାଳଭୂମିର ଜଳବାୟୁ ଉପରେ ହିମାଳୟର ଗଭୀର ପ୍ରଭାବ ରହିଛି । ହିମାଳୟ ଯୋଗୁଁ ଦକ୍ଷିଣମୁଖୀ ଶୀତଳହରି ଭାରତୀୟ ଉପମହାଦେଶରେ ପ୍ରବେଶ କରିପାରେ ନାହିଁ, ତେଣୁ ଦକ୍ଷିଣ ଏସିଆର ଜଳବାୟୁକୁ ଉଷ୍ମ ରଖିବାରେ ସହାୟକ ହୁଏ । ପୁଣି ହିମାଳୟ ଯୋଗୁଁ ଉତ୍ତରମୁଖୀ ମୌସୁମୀ ପ୍ରବାହ ଭାରତ ବାହାରକୁ ଯାଇପାରେ ନାହିଁ । ହିମାଳୟ ଯୋଗୁଁ କେନ୍ଦ୍ରୀୟ ଏସିଆରେ ତାକ୍‌ଲାମାକାନ୍ ଓ ଗୋବି ମରୁଭୂମି ସୃଷ୍ଟି ହୋଇଥିବା ବିଶ୍ୱାସ କରାଯାଏ। ମୌସୁମୀ ବାୟୁ ଚିରନ୍ତନ ବାୟୁ ପ୍ରବାହ ନୁହେଁ । ଏହା ଅନିୟମିତ ଅଟେ । ବିଭିନ୍ନ ବାୟୁମଣ୍ଡଳୀୟ ଅବସ୍ଥା ଏହାକୁ ପ୍ରଭାବିତ କରେ, ତାହା ଆଞ୍ଚଳିକ ଜଳବାୟୁଗତ ଅବସ୍ଥା । ମୌସୁମୀ ସମାନ ଭାବରେ ବାଣ୍ଟିହୁଏ ନାହିଁ । କେରଳ, ପଶ୍ଚିମବଙ୍ଗ, ଓଡିଶାର ଉପକୂଳ ଅଞ୍ଚଳ ଅଧିକ ବର୍ଷା ପାଉଥିବାବେଳେ ମଧ୍ୟବର୍ତ୍ତୀ ଅଞ୍ଚଳ ହରିୟାଣା, ମଧ୍ୟପ୍ରଦେଶ କମ୍ ବର୍ଷା ପାଇଥାଏ । ଯେତେବେଳେ ମୌସୁମୀ ପହଞ୍ଚେ ଏହା ଅଧିକ ବୃଷ୍ଟି କରାଏ ଏବଂ ଏହା ଅନେକ ଦିନ ପର୍ଯ୍ୟନ୍ତ ବୃଷ୍ଟିପାତ କରାଏ । ଏହାକୁ ମୌସୁମୀର ପାଗଳାମୀ କୁହାଯାଏ । ଏହା ପ୍ରଧାନତଃ କେରଳ ଉପକୂଳରେ ହୋଇଥାଏ ଯେଉଁଠାରେ କି ମୌସୁମୀ ପ୍ରଥମେ ପହଞ୍ଚେ ।

ତେବେ ଏହି ମୌସୁମୀ ତାପମାତ୍ରା ଉପରେ ନିର୍ଭର କରେ । ତେବେ ପୃଥିବୀର ଏହି ତାପବୃଦ୍ଧି ଓ ହ୍ରାସ କ'ଣ ? ବିଗତ ଦଶନ୍ଧି ମଧ୍ୟରେ ସହରୀକାରଣ, ଶିଳ୍ପସ୍ଥାପନ ଏବଂ ଜନସଂଖ୍ୟା ବୃଦ୍ଧି ଯୋଗୁଁ ବାୟୁମଣ୍ଡଳ ବିଷାକ୍ତ ହୋଇଯାଇଅଛି । ମନୁଷ୍ୟର କାର୍ଯ୍ୟକଳାପ ଯୋଗୁଁ ବାୟୁମଣ୍ଡଳର କାର୍ବନଡାଇଅକ୍ସାଇଡ, କ୍ଲୋରୋଫ୍ଲୋରୋ କାର୍ବନ ଅନ୍ୟ ହାନିକାରକ ଗ୍ୟାସର ପରିମାଣ ବଢିଯାଇଅଛି । ପ୍ରାୟ ସୂର୍ଯ୍ୟତାପର ୫୧% ଭାଗ ଭୂପୃଷ୍ଠ ଗ୍ରହଣ କରୁଛି ଯାହାକି ଏହାର ତାପକୁ ବୃଦ୍ଧିକରି ଦେଉଅଛି । ତାପର ବାକି ଅଂଶ ପ୍ରତିଫଳିତ ହୋଇ ବାୟୁମଣ୍ଡଳକୁ ଫେରିଆସୁଛି । ଏହା ତାପକୁ ବଢାଇ ଦେବାରେ ସାହାଯ୍ୟ କରୁଛି । ବର୍ତ୍ତମାନ ବାୟୁମଣ୍ଡଳ କଳୁଷିତ ହେବା ଯୋଗୁଁ ପ୍ରତିଫଳିତ ତାପର କେତେ ଅଂଶ ଗ୍ରୀନହାଉସ ଗ୍ୟାସଦ୍ୱାରା ଅଟକିଯାଉଛି, ପ୍ରଧାନତଃ କାର୍ବନଡାଇଅକ୍ସାଇଡ ଭୂପୃଷ୍ଠର ତାପକୁ ବଢାଇଦିଏ । ଆମେ ଭଲଭାବରେ ଜାଣିଛୁ ଯେ ୭୦% ଭାରତୀୟ କୃଷିର ବିଭିନ୍ନ କ୍ଷେତ୍ରରେ କାମ କରୁଛନ୍ତି । ତାପମାତ୍ରାରେ ଯେକୌଣସି ପରିବର୍ତ୍ତନ କୃଷିକ୍ଷେତ୍ରରେ ବିପରୀତ ପ୍ରଭାବ ପକାଇବ । ଏହା ଭାରତର ସାମାଜିକ ଏବଂ ଆର୍ଥିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ ।

ମାନବର ଜୀବନଯାପନ ପ୍ରଣାଳୀରେ ଜଳବାୟୁର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଅଛି । ଆମ ଖାଦ୍ୟ, ଆମ ପର୍ବପର୍ବାଣି ଆମ ଅର୍ଥନୀତି ଆଉ ସବୁକିଛି ଋତୁଚକ୍ର ସହିତ ଜଡିତ ଅଛି । ଯଦି ଋତୁଗୁଡିକ ଅନୁକୂଳ ହୁଏ ମନୁଷ୍ୟର ଜୀବନ ସୁଖମୟ ଏବଂ ଆରାମଦାୟକ ହେବ । ତେଣୁ ସଠିକ ମୌସୁମୀ ପ୍ରଭାବ କୃଷି, ସ୍ୱାସ୍ଥ୍ୟ, ପରିବହନ କ୍ଷେତ୍ରରେ ପ୍ରଭାବ ପକାଇଥାଏ । ଏହା ଗୁରୁତ୍ୱପୂର୍ଣ୍ଣ ଯେ ଆମେ ସମସ୍ତେ କାର୍ବନ ଡାଇଅକ୍ସାଇଡ ଓ ଅନ୍ୟ କ୍ଷତିକାରକ ଗ୍ୟାସକୁ କମାଇବା ପାଇଁ ଜୀବନଧାରଣ ପଦ୍ଧତିରେ କିଛି ପରିବର୍ତ୍ତନ ଆଣିବା ଉଚିତ, ଏହା ହୋଇପାରିଲେ ମୌସୁମୀ ନିୟମିତ ହେବା ସହିତ ଆମ ଜୀବନ ପ୍ରଣାଳୀ ସୁଖମୟ ହେବ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ – ୯୯୩୮୯୦୬୦୭୦

# ୧୯ ଠିପି ବନ୍ଦ ବିଦେଶୀ ମଦ ଦୋକାନ ପାଇଁ ଲଟେରି

## ୧୮ ପାଇଲେ, ସେମାନଙ୍କ ମଧ୍ୟରେ ଅଛନ୍ତି ୬ ମହିଳା

ପାରଳାଖେମୁଣ୍ଡି,୩୦।୫ (ନିପ୍ର); ଗଜପତି ଜିଲ୍ଲାରେ ନୂତନ ଅବକାରୀ ନୀତି ଅନୁସାରେ ଗଜପତି ଜିଲ୍ଲାରେ ୧୯ଟି ଠିପି ବନ୍ଦ ବିଦେଶୀ ମଦ ଦୋକାନ ଖୋଲିବା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଲଟେରି ହୋଇଛି। ୧୯ଟି ଠିପି ବନ୍ଦ ମଦ ଦୋକାନ ମଧ୍ୟରୁ ୧୮ଟି ଦୋକାନ ପାଇଁ ୪୬୨ ଜଣ ଆବେଦନ କରିଥିବା ବେଳେ ପାରଳାଖେମୁଣ୍ଡି ସହରରେ ଥିବା ୨ ନମ୍ବର ମଦ ଦୋକାନ ପାଇଁ କେହି ଆବେଦନ କରିନାହାନ୍ତି। ଏହି ବିଦେଶୀ ଠିପି ବନ୍ଦ ମଦଦୋକାନ ପାଇଁ ଦରଖାସ୍ତ ମାଧ୍ୟମରେ ସରକାରଙ୍କୁ ୧୩ କୋଟି ୮୬ ୮୬ ଲକ୍ଷ ଟଙ୍କା ରାଜସ୍ୱ ମିଳିଛି। ଆବେଦନ କରିଥିବା ବ୍ୟକ୍ତିମାନଙ୍କ ପାଇଁ ଲଟେରି ମାଧ୍ୟମରେ ୪୬୨ ଜଣ ଜଣଙ୍କ ମଧ୍ୟରୁ ୧୮ଟି ଦୋକାନ ପାଇଁ ୧୮ ଜଣଙ୍କୁ ମନୋନୀତ କରାଯାଇଛି। ପାରଳାଖେମୁଣ୍ଡି ସ୍ଥିତ ସପ୍ ନଂ. ୧ ପାଇଁ ସୁରେଶ ମହାନ୍ତି, ସପ୍ ନଂ. ୩ ପାଇଁ ସନ୍ତୋଷ ମହାପାତ୍ର ସପ୍ ନଂ. ୪ ପାଇଁ ନରେନ୍ଦ୍ର ସାହୁ, ସପ୍ ନଂ. ୫ ପାଇଁ ମାଲା ଦୀପିକା, ସପ୍ ନଂ. ୬ ପାଇଁ ରାବଡା ସୁରେଶ, ସପ୍ ନଂ ୮ ପାଇଁ ତ୍ରିପତି ସାହୁକାର, ସପ୍ ନଂ.୯ ପାଇଁ ତ୍ରିଲୋଚନ ପ୍ରଧାନ, ଗୁରାଣ୍ଡିସ୍ଥିତ ସପ୍ ନଂ. ୧୮ ପାଇଁ ରାଜକିଶୋର ସାହୁକାର, ଗାରାବନ୍ଧସ୍ଥିତ ସପ୍ ନଂ. ୭ ପାଇଁ ସିନ୍ଦିରି ରବି କୁମାର, କାଶୀନଗରସ୍ଥିତ ସପ୍ ନଂ. ନଂ. ୧୨ ପାଇଁ ଏସ. ରାଜେଶ୍ୱର ରାଓ, ଉଦୟଗିରିସ୍ଥିତ ସପ୍ ନଂ.୧୪ ପାଇଁ ଶ୍ରୀତୁନ ସାହୁ, ଅଡବା ସ୍ଥିତ ସପ୍ ନଂ. ୧୫ ପାଇଁ ସୂର୍ଯ୍ୟକାନ୍ତ ପୃଷ୍ଟି, ରାୟଗଡସ୍ଥିତ ସପ୍ ନଂ. ୧୦ ପାଇଁ ଏମ. ଚିନ୍ନାମୁଡୁ, ଉପଲଡାସ୍ଥିତ ସପ୍ ନଂ. ୧୧ ପାଇଁ ଉମାରାଣୀ ସାହୁ, ହାଡୁଭାଙ୍ଗିସ୍ଥିତ ସପ୍ ନମ୍ବର ୧୩ ପାଇଁ ପାଟା ଜୟା, ରାଣୀପେଣ୍ଟସ୍ଥିତ ସପ୍ ନଂ. ୧୭ ପାଇଁ ଭେଙ୍କଟ ସତ୍ୟ ସୁରିୟନାରାୟଣା ରାଜୁ ଦାଣ୍ଡୁ, ମହେନ୍ଦ୍ରଗଡ ଲବାରସିଂସ୍ଥିତ ସପ୍ ନ. ୧୩ ପାଇଁ ରତ୍ନାଲା ପାର୍ବତୀ, ମୋହନାସ୍ଥିତ ସପ୍ ନଂ. ୧୯ ପାଇଁ ସ୍ୱର୍ଣ୍ଣଲତା ସାହୁଙ୍କ ନାମ ଲଟେରି ମାଧ୍ୟମରେ ରେ ଉଠାଣ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ତେବେ ଏହି ଲଟେରି ଧମରେ ଆବଣ୍ଟନ ହୋଇଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନ ମଧ୍ୟରୁ ୬ ଜଣ ମହିଳାଙ୍କ ନାମରେ ରହିଥିବା ଜଣାପଡିଛି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲା।

# ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଓ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଉଲ୍ଲାସ ସଚେତନତା ଅଭିଯାନ

ବେଲଗୁଣ୍ଠା,୩୦।୫ (ନିପ୍ର); ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଚଳିତ ବର୍ଷ "ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ"କୁ ଅଧିକ ସୁଦୃଢ଼ ଓ ବ୍ୟାପକ କରିବା ପାଇଁ ସମଗ୍ର ରାଜ୍ୟରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଚାଲିଛି । ସମାଜର ପ୍ରତ୍ୟେକ ଅଶିକ୍ଷିତ ବ୍ୟକ୍ତିଙ୍କୁ ସାକ୍ଷରତାର ମୂଳ ସ୍ରୋତ ସହ ଯୋଡ଼ିବା ଏବଂ ସାମାଜିକ, ଆର୍ଥିକ ଓ ବୈଚାରିକ ଉନ୍ନତି ଦିଗରେ ଆଗକୁ ନେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଅଟେ । ଗଞ୍ଜାମ ଜିଲ୍ଲାରେ ମଧ୍ୟ ଏହି କାର୍ଯ୍ୟକ୍ରମକୁ ଫଳପ୍ରଦ କରିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପଞ୍ଚାୟତ, ବିଦ୍ୟାଳୟ ଓ ଗ୍ରାମ ସ୍ତରରେ ସଚେତନତା ଅଭିଯାନ ଜୋରଦାର ଭାବେ ଚାଲିଛି । ଏହାର ଅଂଶସ୍ୱରୂପ ଆଜି ବେଲଗୁଣ୍ଠା ଅଞ୍ଚଳରେ ଏକ ବ୍ୟାପକ ଉଲ୍ଲାସ ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା ।ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼କ୍ଟର ପ୍ରଭାତୀ ମହାପାତ୍ର ବେଲଗୁଣ୍ଠା ଗସ୍ତ କରି ଗୋଷ୍ଠୀ ଶିକ୍ଷାଧିକାରୀ ଲୋପାମୁଦ୍ରା ରଥଙ୍କ ସହ ମିଶି ସ୍ଥାନୀୟ ଅଞ୍ଚଳରେ ଘରକୁ ଘର ବୁଲି ସଚେତନତା ସୃଷ୍ଟି କରିଥିଲେ । ଏହି ଅବସରରେ ସେମାନେ ଲୋକମାନଙ୍କୁ ସାକ୍ଷରତାର ଆବଶ୍ୟକତା, ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଏହାର ସାମାଜିକ ଉପକାରିତା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ । ବିଶେଷକରି ବୟସ୍କ ଅଶିକ୍ଷିତ ବ୍ୟକ୍ତିମାନଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଉତ୍ସାହିତ କରାଯାଇଥିଲା । ସଚେତନତା ଅଭିଯାନ ସମୟରେ ଅଭିଭାବକ, ସ୍ଥାନୀୟ ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ସାଧାରଣ ଜନସାଧାରଣ ଏହି ପ୍ରୟାସକୁ ସ୍ୱାଗତ କରିଥିଲେ । ସେମାନଙ୍କ ମତାନୁସାରେ, ଏପରି ଘରକୁ ଘର ବୁଲି ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଲୋକମାନଙ୍କ ମନରେ ସାକ୍ଷରତା ପ୍ରତି ଆଗ୍ରହ ବୃଦ୍ଧି ପାଇବା ସହ ଅଧିକ ସଂଖ୍ୟକ ଲୋକ ଏହି ଯୋଜନାରେ ସାମିଲ ହେବେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ସେମାନେ ମଧ୍ୟ ଗ୍ରାମବାସୀଙ୍କୁ ସାକ୍ଷରତାର ଉପକାରିତା ସମ୍ପର୍କରେ ବୁଝାଇବା ସହ ଏହି ଅଭିଯାନକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ ।ପ୍ରକାଶ ଥାଉ କି, ଚଳିତ ବର୍ଷ ସମଗ୍ର ଗଞ୍ଜାମ ଜିଲ୍ଲାରେ ପ୍ରାୟ ୨ ଲକ୍ଷ ୮୦ ହଜାର ପ୍ରଶିକ୍ଷାର୍ଥୀଙ୍କୁ "ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ"ରେ ସାମିଲ କରାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

# ପାରଳାଖେମୁଣ୍ଡି ରଥଯାତ୍ରା ପାଇଁ ପ୍ରସ୍ତୁତି

ପାରଳାଖେମୁଣ୍ଡି,୩୦।୫ (ନିପ୍ର): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଆସନ୍ତା ରଥ ଯାତ୍ରା ପାଳନ ଉପଲକ୍ଷେ ପ୍ରାକ୍-ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଧାୟକ ପାରଳାଖେମୁଣ୍ଡି ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭାପତି ଜି.ତିରୁପତି ରାଓ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଉପଖଣ୍ଡ ପୋଲିସ ଅଧିକାରୀ ମାଧବ ନନ୍ଦ ନାୟକ, ପାରଳା ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ,ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ଓ ବରିଷ୍ଠ ନାଗରିକ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରସ୍ତୁତି ବୈଠକରେ ପ୍ରଥମେ ଉପ-ଜିଲ୍ଲାପାଳ ଅନୁପ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି ପୂର୍ବ ବର୍ଷର ଆଦାୟ ଓ ଖର୍ଚ୍ଚ ବିଷୟରେ ବିବରଣୀ ପାଠ କରି କହିଥିଲେ ଗତ ଥର ସମସ୍ତଙ୍କ ସହଯୋଗରେ ଅତ୍ୟନ୍ତ ସଫଳତାର ସହ ରଥ ଯାତ୍ରା ଏବଂ ଯାତ୍ରା ସହ ସମ୍ପୃକ୍ତ ଥିବା ସମସ୍ତ କମିଟି ମେମ୍ବର ମାନଙ୍କୁ ସାଧୁବାଦ ଜଣାଇଥିଲେ । ପରେ ପରେ ରଥ ନିର୍ମାଣ ଓ ମରାମତି ସମ୍ପର୍କରେ ସବିଶେଷ ଭାବେ ଆଲୋଚନା ହୋଇଥିଲା ।

ଏଥିନିମନ୍ତେ କେଉଁ ଠାରୁ କାଠ ଆସିବ ଏବଂ କେତେ ପରିମାଣର ନୂତନ କାଠ ଆବଶ୍ୟକ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅସ୍ଥାୟୀ ଦୋକାନ ବ୍ୟବସ୍ଥା ଓ ମୀନା ବଜାର ପାଇଁ ନିରୂପଣ ଏବଂ ନିଲାମ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଯାତ୍ରାର ମୁଖ୍ୟ ବିଷୟ ବସ୍ତୁ ଶୁଖିଲା ଭୋଗ ଓ ଅନ୍ନଭୋଗ ବିଷୟରେ ଆଲୋଚନା ହେବା ସହ ଏହାର ଦାୟିତ୍ୱ ଓ ଏଥିନିମନ୍ତେ କେତେ ପରିମାଣର ଖର୍ଚ୍ଚ ହେବ ସେ ବିଷୟରେ କମିଟି ସଦସ୍ୟ ଓ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ମଧ୍ୟରେ ଆଲୋଚନା ହୋଇ ତାର ସମ୍ପୂର୍ଣ୍ଣ ବିବରଣୀ ପ୍ରସ୍ତୁତ ହୋଇଥିଲା । ରଥଯାତ୍ରାରେ ଜନସମାଗମକୁ ଦୃଷ୍ଟିରେ ରଖି ସହରର ପରିମଳ ବ୍ୟବସ୍ଥା ଓ ସୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଆମ୍ବୁଲାନ୍ସ ଓ ଅଗ୍ନିଶମ ବ୍ୟବସ୍ଥା ଉପରେ ମଧ୍ୟ ଆଲୋଚନା ହେବା ସହ ଉକ୍ତ ବିଭାଗକୁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ସେହିପରି ବିଦ୍ୟୁତ ବ୍ୟବସ୍ଥା ରାସ୍ତାଘାଟ ମରାମତି ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା ।

# ଶଙ୍ଖ ଛାଡ଼ି ପଦ୍ମ ଧରିଲେ ଶତାଧିକ କର୍ମୀ

ପାରଳାଖେମୁଣ୍ଡି,୩୦।୫ (ନିପ୍ର); ଆଉ କିଛି ମାସ ପରେ ଓଡ଼ିଶାରେ ଆଗାମୀ ପଞ୍ଚାୟତ ନିର୍ବାଚନ ତା ପୂର୍ବରୁ ତୃଣମୂଳ ସ୍ତରରେ ଗଜପତି ବିଜେଡିକୁ ଏକ ବଡ଼ ଝଟକା ଲାଗିଛି। ଜିଲ୍ଲାର କାଶୀନଗର ବ୍ଲକ, ଗୋଷାଣୀ ବ୍ଲକ, ଗୁମ୍ମା ବ୍ଲକ ଅଞ୍ଚଳର ସରପଞ୍ଚ, ନାଏବ ସରପଞ୍ଚ,ସମିତି ସଦସ୍ୟ , ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଏବଂ ଶତାଧିକ କର୍ମୀ ବିଜୁ ଜନତା ଦଳ ଛାଡ଼ି ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟି (ବିଜେପି) ରେ ଯୋଗଦେଇଛନ୍ତି। ଆଜି କାଶୀନଗର ଜୋନ୍ ନଂ ୧ର ଜିଲ୍ଲାପରିଷଦ ସଦସ୍ୟା ରକମ ରାଜଲକ୍ଷ୍ମୀ ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି। ଗୋଷାଣୀ ବ୍ଲକ ସ୍ଥିତ ଲିଙ୍ଗପୁର ଠାରେ ଏକ ମେଗା ଆୟୋଜିତ ମିଶ୍ରଣ ପର୍ବରେ ସେ ତାଙ୍କ ସମର୍ଥକଙ୍କୁ ନେଇ ପଦ୍ମ ଶିବିରରେ ଯୋଗ ଦେଇଥିବା ବେଳେ ବିଜେପିର ବରିଷ୍ଠ ନେତା ତାଙ୍କୁ ସ୍ୱାଗତ କରିଛନ୍ତି। ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟା ରାଜଲକ୍ଷ୍ମୀ କହିଛନ୍ତି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶ ଓ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ ତାଙ୍କୁ ଆକୃଷ୍ଟ କରିଛି ତେଣୁ ସେ ବିଜେଡି ଛାଡ଼ି ବିଜେପି ରେ ଯୋଗଦେଲେ। ଆଗାମୀ ସମୟରେ ପ୍ରଧାନମନ୍ତ୍ରୀ ହାତକୁ ଦୃଢ କରିବା ସହ ଭାରତୀୟ ଜନତା ପାର୍ଟିର ବିକାଶର ଗାଥାକୁ ନେଇ ଲୋକଙ୍କ ପାଖରେ ପହଞ୍ଚିବେ ବୋଲି କହିଛନ୍ତି।

# କ୍ରସର୍ ପାଇଁ ଧନ ଜୀବନ ନଷ୍ଟ

## ବନ୍ଦ ନିମନ୍ତେ ଉପଜିଲ୍ଲାପାଳଙ୍କ ଠାରେ ୫ ଦଫା ଦାବି

ରେଢ଼ାଖୋଲ,୩୦।୫ (ନିପ୍ର): ରେଢ଼ାଖୋଲ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ବଂଶାଜାଲ ପଞ୍ଚାୟତ ହେଲେଇ ଗ୍ରାମରେ ଥିବା କ୍ରସରକୁ ସବୁଦିନ ପାଇଁ ବନ୍ଦ କରିବାକୁ ଉପଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ । ଲଗାତାର ୨ଜଣଙ୍କ ମୃତ୍ୟୁ ଓ ଦିନ ରାତ୍ରି ଉଡୁଥିବା ଡଷ୍ଟ ଯାହା ଅସୁବିଧାର କାରଣ ପାଲଟିଛି । ଏନେଇ ରେଢାଖୋଲ ଉପଖଣ୍ଡର ବାରବାଙ୍କ, ହେଲେଇ, ସରପାଲ ଓ ରତ୍ନାବଡମାଳ ଗ୍ରାମର ଗ୍ରାମବାସୀମାନେ ଶନିବାର ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଂଜନ ମହାନ୍ତଙ୍କୁ ୫ଦଫା ଦାବି ନେଇ ଅଭିଯୋଗ କରିଛନ୍ତି ।ହେଲେଇ ୨୦୦ରୁ ୩୦୦ ମିଟର ମଧ୍ୟରେ ଏହି କ୍ରସର ଅହରହ ଚାଲିଥାଏ ।ଫଳରେ ପଥର ବ୍ଲାଷ୍ଟିଙ୍ଗ ଯୋଗୁଁ ବଡ ବଡ ଓ ଛୋଟ ଛୋଟ ପଥର ଖଣ୍ଡ ଉଡିଆସି ଚାଷ ଜମି ଉପରେ ପଡୁଥିବାରୁ ଚାଷ ଜମି ଗୁଡିକ ନଷ୍ଟ ହେଉଅଛି । ଏହାଛଡା ଗାଇ, ଗୋରୁ ଇତ୍ୟାଦି ଗୃହ ପାଳିତ ପଶୁ ଚରିବା ସମୟରେ ପଥର ଖଣ୍ଡ ମାନ ବାଜି ଆଘାତ ହେଉଛନ୍ତି । ବ୍ଲାଷ୍ଟିଙ୍ଗ ହେବାଫଳରେ ଘର ଗୁଡିକି



ଦୋହଲି ଯାଉଥିବା ହେତୁ ଗ୍ରାମ ବାସୀ ଭୟରେ ରହୁଥିବା କହିଛନ୍ତି । କ୍ରସର୍ ଯୋଗୁଁ ପରିଶେଷ ଦୂଷିତ ହେବା ଦ୍ୱାରା ଗ୍ରାମବାସୀ ମାନେ କିଡନୀ ଓ ଅନ୍ୟାନ୍ୟ ରୋଗରେ ପୀଡିତ ହେଉଛନ୍ତି । ଅନେକ କିଡନୀ ରୋଗୀ ଗ୍ରାମ ଗୁଡିକରେ ଥିବା ବେଳେ, କିଡନୀ ରୋଗରେ ୫୦,୬୦ ଜଣଙ୍କ ମୃତ୍ୟୁ ହେଲାଣି । ସ୍କୁଲ ଛାତ୍ରଛାତ୍ରୀ ମାନେ ହେଲେଇ ଗ୍ରାମରୁ ବାରବାଙ୍କ ହାଇସ୍କୁଲକୁ ପଢ଼ିବା ପାଇଁ ଯିବା ଆସିବା ସମୟରେ ହାଇୱା ଗାଡି ଗୁଡିକରୁ ପଥର ଖଣ୍ଡ ଗୁଡିକ ରାସ୍ତା ଉପରେ ପଡୁଥିବାରୁ ଛାତ୍ର ଛାତ୍ରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଗ୍ରାମ ଗୁଡିକର ଜଳସ୍ତର କମିଯାଇ ବନ୍ଧ, ପୋଖରୀ, କୂଅ ଗୁଡିକ ଶୁଖି ଯାଉଅଛି । ଫଳରେ ଜଳ ସମସ୍ୟା ମଧ୍ୟ ଦେଖା ଯାଉଛି ।ଏନେଇ ୨୦୨୫ରେ ନଭେମ୍ବର ମାସରେ ଗାଁ ଲୋକେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ୫ଦଫା ଦାବି ନେଇ ଉପଜିଲ୍ଲାପାଳଙ୍କୁ ଜଣାଇଥିବା ଲୋକଙ୍କ ସୂତ୍ରରୁ ପ୍ରକାଶ।

# ତମାଖୁ ଛାଡ଼ି ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା ପାଇଁ ପରାମର୍ଶ

ରାୟଗଡା,୩୦।୫ (ନିପ୍ର): ବିଶ୍ୱ ତମାଖୁ ବିରୋଧୀ ଦିବସ ଅବସରରେ ଡିଏଚଏଚ ରାୟଗଡାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେଞ୍ଚୁରିଅନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ, ପିତାମହଲ, ରାୟଗଡାସ୍ଥିତ ସ୍କୁଲ ଅଫ୍ ନର୍ସିଂର ବି.ଏସ୍.ସି. ନର୍ସିଂ ଚତୁର୍ଥ ସେମିଷ୍ଟର ଛାତ୍ରଛାତ୍ରୀମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ) ରାୟଗଡାର କ୍ୟାନ୍ସର ୱାର୍ଡରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି ଅବସରରେ ସାଧାରଣ ଚିକିତ୍ସା ବିଶେଷଜ୍ଞ ଡା. ସୁରେଶ ଦେବ ଉପସ୍ଥିତ ରହି ତମାଖୁ ସେବନର କୁପ୍ରଭାବ ଓ ଏହା ଦ୍ୱାରା ସୃଷ୍ଟି ହେଉଥିବା ବିଭିନ୍ନ ପ୍ରାଣଘାତୀ ରୋଗ ସମ୍ପର୍କରେ ରୋଗୀମାନଙ୍କୁ ଅବଗତ କରାଇଥିଲେ। ସେ ତମାଖୁ ଛାଡି ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ। ନର୍ସିଂ ଛାତ୍ରଛାତ୍ରୀମାନେ ତମାଖୁ ସେବନ ଜନିତ ସ୍ୱାସ୍ଥ୍ୟ ପ୍ରଭାବ ବିଷୟରେ ସୂଚନାମୂଳକ ପୋଷ୍ଟର ପ୍ରସ୍ତୁତ କରିଥିଲେ ଏବଂ କ୍ୟାନ୍ସର ୱାର୍ଡରେ ଚିକିତ୍ସାଧୀନ ୨୫ ଜଣ ରୋଗୀ ଓ ସେମାନଙ୍କ ସହଯୋଗୀଙ୍କୁ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ତମାଖୁ ସେବନର କ୍ଷତି, କ୍ୟାନ୍ସର ସହିତ ଅନ୍ୟାନ୍ୟ ରୋଗର ବିପଦ ଏବଂ ତମାଖୁ ତ୍ୟାଗର ଉପକାରିତା ବିଷୟରେ ବିସ୍ତୃତ ଭାବେ ବୁଝାଯାଇଥିଲା। ରୋଗୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ଏହି ସଚେତନତା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀମାନଙ୍କ ଉଦ୍ୟମକୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମ ନର୍ସିଂ ଛାତ୍ରଛାତ୍ରୀମାନଙ୍କ ସମାଜସେବା ପ୍ରତି ନିଷ୍ଠା ଏବଂ ସାମୁଦାୟିକ ସ୍ୱାସ୍ଥ୍ୟ ଶିକ୍ଷାର ବ୍ୟାବହାରିକ ପ୍ରୟୋଗକୁ ପ୍ରତିଫଳିତ କରିଛି।

## ବିଜୁ ସ୍ୱାଭିମାନ ମଞ୍ଚ ମହାସମାବେଶ

# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଶକ୍ତି ପ୍ରଦର୍ଶନ କଲେ ବରିଷ୍ଠ ନେତା

ରାୟଗଡା,୩୦।୫ (ନିପ୍ର): ଜିଲ୍ଲାର କୋଲନରା ବ୍ଲକରେ ନିଜର ହଜାର ହଜାର ସମର୍ଥକଙ୍କ ସହ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ବିଜେଡି ଛାଡିବା ପରେ ଏବେ ବ୍ଲକସ୍ତରର ନେତା ଓ ଶୁଭେଚ୍ଛୁମାନଙ୍କୁ ଏକଜୁଟ୍ କରିଛନ୍ତି ଭାସ୍କର ରାଓ। ବିଜୁ ସ୍ୱାଭିମାନ ମଞ୍ଚ ନାମରେ ଗଢିଥିବା ଏହି ସଂଗଠନ ଆଗାମୀ ତ୍ରିସ୍ତରୀୟ ନିର୍ବାଚନରେ ସମସ୍ତ ବ୍ଲକରେ ପ୍ରାର୍ଥୀ ଦେବ। କୌଣସି ରାଜନୈତିକ ଦଳ ସହ ସାଲିସ ନକରି ଏକାକି ସ୍ୱାଭିମାନ ମଞ୍ଚ ଜିଲ୍ଲାରେ ସଂଗଠନକୁ ବଢାଇବା ସହ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେବ ବୋଲି ବିଜୁ ସ୍ୱାଭିମାନ ମଞ୍ଚର ଆବାହକ ଭାସ୍କର ରାଓ କହିଛନ୍ତି। ପ୍ରଥମେ ବିଭିନ୍ନ ପଞ୍ଚାୟତ ସ୍ତରୀୟ, ବୁଥ ସ୍ତରୀୟ ଓ ବ୍ଲକ ସ୍ତରୀୟ କମିଟି ଗଠନ କରାଯିବ । କମିଟିର କର୍ମକର୍ତ୍ତା ଗାଁ କୁ ଗାଁ,




ଘରକୁ ଘର ବୁଲି ଲୋକଙ୍କ ସମସ୍ୟା ପଚାରି ବୁଝି ବିଭାଗୀୟ କାର୍ଯ୍ୟାଳୟକୁ ଯାଇ ଲୋକଙ୍କ ସମସ୍ୟା ଦୂର କରିବେ ବୋଲି କହିଛନ୍ତି ଏନ. ଭାସ୍କର ରାଓ । ଏଥିପାଇଁ କମ୍ ଦିନ ମଧ୍ୟରେ ଜିଲ୍ଲାର ୧୧ଟି ବ୍ଲକରେ କର୍ମୀ ମାନଙ୍କୁ ତାଲିମ ଦିଆଯିବ। ୱାର୍ଡମେମ୍ବର ଠାରୁ ଆରମ୍ଭ କରି ଜିଲ୍ଲାର ସମସ୍ତ ସରପଞ୍ଚ,ସମିତି,ଜିଲ୍ଲାପରିଷଦ ପଦବୀ ପାଇଁ ସ୍ୱାଭିମାନ ମଞ୍ଚ ପ୍ରାର୍ଥୀ ଦେବ। ଆଜି କୋଲନରା ବ୍ଲକରେ ଆୟୋଜିତ କର୍ମୀ ସମ୍ମିଳନୀରେ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ରହି ସ୍ୱାଭିମାନ ମଞ୍ଚକୁ ଜିଲ୍ଲାରେ ଆଗକୁ ନେବା ପାଇଁ ଭାସ୍କର ରାଓଙ୍କୁ ନିବେଦନ କରିଥିଲେ। ପରେ ଭାସ୍କର ରାଓ ଆଗାମୀ ସମସ୍ତ ନିର୍ବାଚନରେ ପ୍ରାର୍ଥୀ ଦେବାକୁ ସମର୍ଥନ ଜଣାଇଥିଲେ।

ତେବେ ପ୍ରଥମ ଥର ପାଇଁ କୋଲନରା ବ୍ଲକରେ ବିଜୁ ସ୍ୱାଭିମାନ ମଞ୍ଚର କର୍ମୀ ସମ୍ମିଳନୀ ଆୟୋଜିତ ହୋଇଥିବା ବେଳେ ଭାସ୍କର ରାଓଙ୍କ ସକ୍ରିୟ ରାଜନୈତିକ ଉପସ୍ଥିତି ଉଭୟ ଶାସକ ବିଜେପି,ବିଜେଡି ଓ କଂଗ୍ରେସ ମହଲରେ ଛନକି ପସିଛି। ଏହି କର୍ମୀ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ରାୟଗଡା ସମିତି ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା,ବରିଷ୍ଠ ନେତା ବାନାଗାଡି ତ୍ରିପତିଙ୍କ ସମେତ କୋଲନରା ବ୍ଲକର ଅନେକ ସରପଞ୍ଚ,ସମିତିସଭ୍ୟ ମାନେ ଉପସ୍ଥିତ ଥିଲେ।

# ରାଇପଡ଼ାରେ ବିଜେପିର ମିଶ୍ରଣ ପର୍ବ:ଯୋଗଦେଲେ ବିଭିନ୍ନ ଦଳର ଶତାଧିକ କର୍ମୀ

ରଣପୁର,୩୦।୫ (ନିପ୍ର); ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ତୃଣମୂଳ ସ୍ତରରେ ଦଳକୁ ସଂଗଠିତ କରିବା ଲକ୍ଷ୍ୟରେ ରଣପୁର ବିଜେପି ତରଫରୁ ବିଭିନ୍ନ ସମୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରଣପୁର ବ୍ଲକ ଅଧୀନସ୍ଥ ରାଇପଡା ପଞ୍ଚାୟତ ଠାରେ ଆଉ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଅଛି। ଏହି ମିଶ୍ରଣ ପର୍ବରେ ରାଇପଡା ଗ୍ରାମ ପଞ୍ଚାୟତ ର କଂଗ୍ରେସ, କମ୍ୟୁନିଷ୍ଟ, ବିଜେଡି ର ବହୁ ବରିଷ୍ଠ ନେତା ଓ କର୍ମୀ ମାନେ ନିଜ ଦଳ ଛାଡ଼ି ବିଜେପିରେ ଯୋଗଦାନ କରିଛନ୍ତି । ସେମାନଙ୍କ ମଧ୍ୟରେ ରାଇପଡା ଗ୍ରାମ ପଞ୍ଚାୟତ ସରପଞ୍ଚ ବାସନ୍ତୀ ଦେଇ, ନାଏବ ସରପଞ୍ଚ ଛନ୍ଦମଣି ପ୍ରଧାନ,୮ ନଂ ୱାର୍ଡ ମେମ୍ବର ହଜାରି ଜେନା,୯ ନଂ ୱାର୍ଡ ମେମ୍ବର ସୁକାନ୍ତ ଜେନା,୧୧ ନଂ ୱାର୍ଡ ମେମ୍ବର ଚୈତନ୍ୟ ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଦାସ, ରାଇପଡା ଗ୍ରାମର ସୁଧାକର ପାଇକରାୟ, ପୂର୍ଣ୍ଣଚନ୍ଦ୍ର ମାଝୀ,ଅକ୍ରୁର ମାଝୀ, ପ୍ରଦୀପ ପ୍ରଧାନ, ଧନୁ ବେହେରା, ଭଗବାନ ସାହୁ, କପିଳ ସାମନ୍ତରାୟ, ସୋମନାଥ ପ୍ରଧାନ, ରମାକାନ୍ତ ଜେନା, ଗୁଣନିଧି ପ୍ରଧାନ, ଲିଙ୍ଗରାଜ ବେହେରା, ସୁନୀଲ ସାହୁ, ଗୋପାଳି ସାମନ୍ତରାୟ, ବ୍ରଜବନ୍ଧୁ ଭଟ୍ଟ, କୃଷ୍ଣଚନ୍ଦ୍ର ଭଟ୍ଟ, ନବକିଶୋର ଭଟ୍ଟ, ଅଶୋକ କୁମାର ଭଟ୍ଟ, ନିରଞ୍ଜନ ଭଟ୍ଟ, ରତ୍ନାକର ଭଟ୍ଟ, ରାଣିଗାଡିଆ ଗ୍ରାମର ଅର୍ଜୁନ ଭୁଜୁବଳ, ଗଦାଧର ଜେନା, ଲିଙ୍ଗରାଜ ମହାରଣା,ବରପଲ୍ଲି ଗ୍ରାମର କୈଳାସ ଚନ୍ଦ୍ର ସାହୁ, ସର୍ବେଶ୍ୱର ଦାସ, ରଙ୍କନାଥ ଦାସ, ବଳଭଦ୍ର ସାହୁ, ରବିନ୍ଦ୍ର କୁମାର ମାଝୀ, ରଞ୍ଜନ ନାୟକ, ସୁଦର ନାୟକ, ରମେଶ ମାଝୀ, ଗୋପାଳ ଦାସ, ବଳରାମପୁର ର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁବାଷ ଚନ୍ଦ୍ର ସାହୁ, କୁମର ପରିଡା, ପ୍ରଫୁଲ୍ଲ ସିଂହ ଓ ଅର୍ଜୁନପୁର ଗ୍ରାମ ର ସଦା ନାୟକ, ଲକ୍ଷ୍ମୀଧର ନାୟକ, କୈଳାସ ବେହେରା, ଜମ୍ବେଶ୍ୱର ବେହେରା, ଭରତ ପ୍ରଧାନ,




କିଆପଲ୍ଲୀ ର ଲୋଚନ ଦିହୁଡି, ଗଣେଶ ନାୟକ, ସନ୍ତୋଷ ନାୟକ, ବିନୟ ଦିହୁଡ଼ିଙ୍କ ସହିତ ଶତାଧିକ କଂଗ୍ରେସ, କମ୍ୟୁନିଷ୍ଟ ଓ ବିଜେଡ଼ି ନେତା ଓ କର୍ମୀ ତାଙ୍କ ଦଳ ଛାଡ଼ି ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି,ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଲୋକପ୍ରିୟ ନେତ୍ରୀ ଆମର ବିଧାୟିକା ସୁରମା ପାଢ଼ୀ ଏବଂ ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି ।

# ଦୁଇ ମାସ ହେଲା ବୃଦ୍ଧ ଓ ବୃଦ୍ଧା ପାଇନାହାନ୍ତି ଭତ୍ତା

ଭାପୁର,୩୦।୫ (ନିପ୍ର): ଭତ୍ତା ପାଇଁ ଭାପୁର ବ୍ଲକର ବୃଦ୍ଧ ଓ ବୃଦ୍ଧାଙ୍କୁ ଉହଡହ ଖରାରେ ଛଟପଟ କରୁଛନ୍ତି। ସେମାନେ ପ୍ରତିଦିନ ଦୁଇମାସ ହେଲା ବ୍ୟାଙ୍କକୁ ଧାଇଁଧାଇଁ ନୟାନ୍ତ ହେଲେଣି ପଛେ ରାଜ୍ୟ ସରକାର ଭତ୍ତା ଦେବାର ନାଁ ଧରୁ ନାହାନ୍ତି। କାହିଁକି ଭତ୍ତା ଆସୁନାହିଁ ତାହାର ସଠିକ କାରଣ ବ୍ୟାଙ୍କ କର୍ତ୍ତୃପକ୍ଷ ମଧ୍ୟ କହି ପାରୁନାହାନ୍ତି ।ପ୍ରତ୍ୟେକ ଜିନିଷ ର ଦରଦାମ ହୁହୁ ବଢ଼ି ଚାଲିଥିବାବେଳେ ବୟସ୍କ ତଥା ଦିବ୍ୟାଙ୍ଗମାନଙ୍କର ଭତ୍ତା ନ ମିଳିବାରୁ ରାଜ୍ୟ ସରକାରଙ୍କ ଅପାରଗତାକୁ ପଦାରେ ପକେଇଛି। ହିତାଧିକାରୀମାନଙ୍କର ଏପ୍ରିଲ ଓ ମେ ମାସର ଭତ୍ତା ଏ ପର୍ଯ୍ୟନ୍ତ ମିଳିନାହିଁ। ପରିଣତ ବୟସରେ ବୃଦ୍ଧ ଲୋକମାନେ ଏହି ଭତ୍ତା ଟଙ୍କା କୁ ଚାହିଁ ଜୀବନଧାରଣ କରୁଛନ୍ତି ସେମାନଙ୍କ ପାଇଁ ବଂଚିବା ଦୁର୍ବିସହ ହୋଇଯାଇଛି।

ଏହି ବିଳମ୍ବକୁ ନେଇ ଭାପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପଚାରିବାରେ ରାଜ୍ୟରୁ ଭତ୍ତା ସମ୍ବନ୍ଧୀୟ ଟଙ୍କା ଆସି ନ ଥିବାରୁ ଦିଆଯାଇ ନାହିଁ ବୋଲି କହିଥିଲେ।

# ଶେଷ ହେଲା ମଦ ଦୋକାନ ଟେଣ୍ଡର

ଭାପୁର,୩୦।୫ (ନିପ୍ର): ନୟାଗଡ଼ ଜିଲ୍ଲାରେ ୨୪ ଟି ବିଦେଶୀ ଓ ୧୧ ଟି ଦେଶୀ ମଦ ଦୋକାନ ଖୋଲିବା ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଲଟେରୀ ମାଧ୍ୟମରେ କିଏ କେଉଁ ଦୋକାନର ମାଲିକ ହେବ ଚିହ୍ନଟ ହୋଇଛି।ଟେଣ୍ଡର ପାଇଁ ପ୍ରତି ଦୋକାନ ପିଛା ୩ ଲକ୍ଷ ଟଙ୍କା ଦେବାକୁ ପଡୁଥିଲେ ମଧ୍ୟ ମଦ ବ୍ୟବସାୟୀମାନେ ଖାତିର କରି ନ ଥିଲେ।ଭାଗ୍ୟ ପରୀକ୍ଷା କରିବାକୁ ଯାଇ ମଦ ବ୍ୟବସାୟୀ ମାନେ ଜୁଆ ଖେଳ ପରି କୋଟି କୋଟି ଟଙ୍କା ଉଡେଇ ଦେବାକୁ ପଛେଇ ନ ଥିଲେ। ଟେଣ୍ଡର ପ୍ରକ୍ରିୟା ପୂର୍ବରୁ ଆବେଦନକାରୀ ମାନେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଜିଲ୍ଲାପାଳ ମଧୁମିତା ରଥ,ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମ୍ପଦର ଓ ଜିଲ୍ଲା ଅବକାରୀ ଅଧୀକ୍ଷକ ଜ୍ଞାନ ରଞ୍ଜନ ପାଣ୍ଡେ ଙ୍କ ସମେତ ଅନ୍ୟ ଅଧିକାରୀ ମାନଙ୍କ ଉପସ୍ଥିତି ରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବାହାରେ ଏଲ.ଇ.ଡି. ସ୍କ୍ରିନ ସମ୍ମୁଖରେ ଆବେଦନକାରୀ ମାନେ ବସିଥିଲେ।ଭାପୁର ରେ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ୧୫ ଜଣ ଆବେଦନକାରୀ ଙ୍କ ମଧ୍ୟରୁ ଶ୍ରୀବତ୍ସ ପାଣିଗ୍ରାହୀ ଲଟେରୀ ଜିତିଥିଲେ ଏବଂ ଦେଶୀ ମଦ ଦୋକାନ ଖୋଲିବା ପାଇଁ ଶିଶିର କୁମାର ସାମନ୍ତରାୟ ଲଟେରୀ ଜିତିଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ସମାଜସେବୀଙ୍କୁ ଶ୍ରଦ୍ଧାଞ୍ଜଳି

ନିଆଳ,୩୦।୫ (ନିପ୍ର): ନିଆଳି ଅଂଚଳର ଜଣାଶୁଣା କଂଗ୍ରେସ ନେତା ତଥା ସମାଜସେବୀ ଆର୍ତ୍ତତ୍ରାଣ ମଲ୍ଲିକ୍‌ଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ସ୍ଥାନୀୟ ବାସୁଦେବ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ମହାପାତ୍ର ଧରଣୀଧର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥିଭାବେ ସ୍ଥାନୀୟ ବିଧାୟକ ଇଂ. ଛବି ମଲ୍ଲିକ୍, ବିଜେପି ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ପ୍ରମୋଦ କୁମାର ମଲ୍ଲିକ୍, ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପୁତ୍ର ତଥା ସମାଜସେବୀ ପୃଥ୍ୱୀରାଜ ପଟ୍ଟନାୟକ, ଡ଼ାକ୍ତର ଚିତ୍ତରଞ୍ଜନ ମିଶ୍ର, ଅଧ୍ୟାପକ ଶରତ ଚନ୍ଦ୍ର ବାରିକ, ବିଜେପି ନେତା ଶଶିକାନ୍ତ ଲେଙ୍କା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମଲ୍ଲିକ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସ୍ମୃତିଚାରଣ କରିଥିଲେ।

## ସ୍ୱତନ୍ତ୍ର ସଘନ ସଂଶୋଧନ ନେଇ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ

# ସଠିକ୍ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଜନସହଯୋଗର ଆହ୍ୱାନ

କେନ୍ଦ୍ରାପଡ଼ା,୩୦।୫ (ନିପ୍ର); ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ତା. ୩୦ ମଇ ୨୦୨୬ ଠାରୁ ସାରା ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହେଉଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ। ଏହା ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ୍,ସ୍ୱଚ୍ଛ, ତ୍ରୁଟିମୁକ୍ତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ସଂଶୋଧନ କାର୍ଯ୍ୟକ୍ରମ ଅନୁଯାୟୀ ତା. ୩୦ ମଇରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ବିଏଲୋମାନେ ଘରକୁ ଘର ଯାଇ ନିର୍ବାଚକମାନଙ୍କୁ ଫର୍ମ ପୂରଣରେ ସହଯୋଗ କରିବେ ଏବଂ ପୂରଣ ହୋଇଥିବା ଫର୍ମ ସଂଗ୍ରହ କରିବେ। ଫର୍ମ ଦାଖଲ ପରେ ନିର୍ବାଚକମାନଙ୍କୁ ସ୍ୱୀକୃତି ପତ୍ର ମଧ୍ୟ ପ୍ରଦାନ କରାଯିବ। ଯେଉଁ ନିର୍ବାଚକମାନଙ୍କ ନାମ ବର୍ତ୍ତମାନ ଭୋଟର ତାଲିକାରେ ରହିଛି ସେମାନଙ୍କୁ ଆବଶ୍ୟକ ସୂଚନା ଓ ଦସ୍ତାବିଜ ସହିତ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ସେହିପରି ଯୋଗ୍ୟ ହୋଇଥିଲେ ମଧ୍ୟ ଯେଉଁମାନଙ୍କ ନାମ ଭୋଟର ତାଲିକାରେ ସମ୍ମିଳିତ



ହୋଇନାହିଁ, ସେମାନେ ମଧ୍ୟ ଏହି ସୁଯୋଗରେ ନାମ ଅନ୍ତର୍ଭୁକ୍ତି ପାଇଁ ଆବେଦନ କରିପାରିବେ। ଜିଲ୍ଲାର ସମସ୍ତ ରାଜନୈତିକ ଦଳ, ଜନପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ ଓ ସାଧାରଣ ଜନସାଧାରଣଙ୍କୁ ଏହି ଅଭିଯାନରେ ସକ୍ରିୟ ସହଯୋଗ ପାଇଁ ଅନୁରୋଧ କରିଛନ୍ତି ଜିଲ୍ଲାପାଳ । ସମସ୍ତ ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସମ୍ମିଳିତ କରିବା ଏବଂ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଜିଲ୍ଲାପାଳ କହିଛନ୍ତି ।ଏହା ସହିତ ସମସ୍ତ ନିର୍ବାଚକଙ୍କୁ ସମୟସୀମା ମଧ୍ୟରେ ଫର୍ମ ପୂରଣ କରି ଦାଖଲ କରିବାକୁ ଅନୁରୋଧ କରାଯାଇଛି। ସୂଚନା ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ୫ ଗୋଟି ଆସନରେ ମୋଟ ୧୪୪୯ ଟି ବୁଥ୍ ରହିଛି ।୧୪୪୯ ବୁଥ୍ ପାଇଁ ୧୪୫ ଜଣ ବୁଥ୍ ସ୍ତରୀୟ ସୁପରଭାଇଜର ନିଯୁକ୍ତି ହୋଇଛନ୍ତି । ୧୭ ମଇ ୨୦୨୬ ସୁଦ୍ଧା ୧୨ ଲକ୍ଷ ୫୧ ହଜାର ୧୩୫ ଜଣ ମତଦାତା ଅଛନ୍ତି, ସେଥିରୁ ୬ ଲକ୍ଷ ୫୧ ହଜାର ୫୩୫ ଜଣ ପୁରୁଷ, ୫ ଲକ୍ଷ ୯୯ ହଜାର ୫୫୩ ଜଣ ମହିଳା ଓ ୪୭ ଜଣ ଅନ୍ୟାନ୍ୟ ବର୍ଗର ମତଦାତା ଅଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ୍ ହଲ୍‌ରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଅତିରିକ୍ତ ଉପଜିଲ୍ଲାପାଳ ସନ୍ଧ୍ୟାଞ୍ଜଳି ମାଝୀ,ଡେପୁଟି କଲେକ୍ଟର ଅମୀୟ କେତନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇଏସ୍‌ଆଇ ଲିଙ୍କ୍ ଥିବା ୯ ଆତଙ୍କୀ ଗିରଫ

## ଦିଲ୍ଲୀ, ମୁମ୍ବାଇରେ ଆକ୍ରମଣ ପାଇଁ ଥିଲା ଷଡଯନ୍ତ୍ର



ନୂଆଦିଲ୍ଲୀ,୩୦।୫: ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ଆଇଏସ୍‌ଆଇ ସମର୍ଥିତ ନେଟୱ୍ୱର୍କ ଓ ମୁମ୍ବାଇ ଅଣ୍ଡରୱ୍ୱାର୍ଲ୍ଡ ସହିତ ସମ୍ପର୍କ ଅଭିଯୋଗରେ ନଅ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରିଛି। ଏହି ଗିରଫଦାରୀ ଦ୍ୱାରା ସୀମାପାର ହ୍ୟାଣ୍ଡଲର, ପାଣ୍ଠି ଓ ସମ୍ଭାବ୍ୟ ଟାର୍ଗେଟ ସମ୍ପର୍କରେ ବ୍ୟାପକ ତଦନ୍ତ ଆରମ୍ଭ ହୋଇଛି। ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ଓ ମୁମ୍ବାଇ ଅଣ୍ଡରୱ୍ୱାର୍ଲ୍ଡର ସହିତ ଜଡିତ ଏକ ନେଟୱ୍ୱର୍କର ନଅ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ଅଧିକାରୀମାନେ କହିଛନ୍ତି ଯେ, ଅଭିଯୁକ୍ତମାନେ ଦିଲ୍ଲୀ, ମୁମ୍ବାଇ ଓ ଅନ୍ୟାନ୍ୟ ସହରର ପ୍ରମୁଖ ଅନୁଷ୍ଠାନ ଓ ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ କରିବାକୁ ଯୋଜନା କରୁଥିଲେ। ବିଦେଶରେ ଥିବା ହ୍ୟାଣ୍ଡଲରଙ୍କ ନିର୍ଦ୍ଦେଶ ଏମାନେ କାମ କରୁଥିଲେ। ଦେଶ ଭିତରେ ଆତଙ୍କ ସୃଷ୍ଟି କରିବା ଓ ସୁରକ୍ଷାକୁ ବିପର୍ଯ୍ୟସ୍ତ କରିବାକୁ ବିଭିନ୍ନ ସ୍ଥାନରେ ଟାର୍ଗେଟ କରି ଆକ୍ରମଣ କରିବାକୁ ନିୟୋଜିତ ହୋଇଥିଲେ। ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ଆଧାରରେ ସ୍ୱତନ୍ତ୍ର ସେଲ୍ ଦ୍ୱାରା ସମନ୍ୱିତ ଅପରେସନ୍ ପରେ ଏହି ଗିରଫଦାରୀ କରାଯାଇଥିଲା। ପୁଲିସ ଗିରଫ ଆତଙ୍କବାଦୀଙ୍କ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ କରିଛି। ଜବତ ସାମଗ୍ରୀରେ ଅତ୍ୟାଧୁନିକ ପିସ୍ତଲ, ଗ୍ରେନେଡ ଓ ଆତଙ୍କବାଦୀ କାର୍ଯ୍ୟକଳାପରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଅନ୍ୟାନ୍ୟ ସାମଗ୍ରୀ ରହିଛି। ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତମାନଙ୍କର ପାକିସ୍ତାନ ସମର୍ଥିତ ଆତଙ୍କବାଦୀଙ୍କ ସହିତ ସମ୍ପର୍କ ରହିଥିବା ଓ ସେମାନଙ୍କଠାରୁ ସମ୍ଭାବ୍ୟ ଟାର୍ଗେଟ ନେଇ ନିର୍ଦ୍ଦେଶ ପାଉଥିବା ଜଣାପଡ଼ିଛି। ଗିରଫ ଆତଙ୍କୀ ଦିଲ୍ଲୀ, ମହାରାଷ୍ଟ୍ର ଓ ପଞ୍ଜାବର ବାସିନ୍ଦା ହୋଇଥିବାବେଳେ ସେମାନଙ୍କ ମଧ୍ୟରେ କେତେଜଣ ବିଦେଶୀ ନାଗରିକ ମଧ୍ୟ ଅଛନ୍ତି। ତେବେ ପୁଲିସ ବିଦେଶୀ ନାଗରିକଙ୍କ ପରିଚୟ ସମ୍ପର୍କରେ ଖୋଲତାଡ଼ କରୁଛି। ତଦନ୍ତକାରୀମାନେ ଆତଙ୍କବାଦୀ ଓ ମୁମ୍ବାଇ ଅଣ୍ଡରୱ୍ୱାର୍ଲ୍ଡ ମଧ୍ୟରେ କଥିତ ସମ୍ପର୍କର ମଧ୍ୟ ତଦନ୍ତ କରୁଛନ୍ତି। ସୁରକ୍ଷା ଏଜେନ୍ସି ଅନୁମାନ କରୁଛନ୍ତି ଯେ, ଆତଙ୍କୀ ନେଟୱ୍ୱର୍କ ଲଜିଷ୍ଟିକ୍ସ, ପାଣ୍ଠି ଓ କାର୍ଯ୍ୟକର୍ତ୍ତାଙ୍କ ଗତିବିଧି ପାଇଁ ଅପରାଧିକ ଚ୍ୟାନେଲ ବ୍ୟବହାର କରିଥାଇପାରେ। ପୁଲିସ ସ୍ୱତନ୍ତ୍ର ସେଲ ମଡ୍ୟୁଲ୍ ସହିତ ଜଡିତ ଆର୍ଥିକ ଟ୍ରେଲ୍, ଯୋଗାଯୋଗ ରେକର୍ଡ ଓ ବ୍ୟାପକ ନେଟୱ୍ୱର୍କ ଯାଞ୍ଚ କରୁଛି। ଏ

## ଜାଲ୍ ଦସ୍ତଖତ ମାମଲାରେ ଅଭିଷେକ ବାନାର୍ଜୀଙ୍କୁ ସିଆଇଡିର ସମନ




କୋଲକାତା,୩୦।୫: ଟିଏମସି ସାଂସଦ ତଥା ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଜାଲ ଦସ୍ତଖତ ମାମଲାର ତଦନ୍ତ ପାଇଁ ପଶ୍ଚିମବଙ୍ଗ ପୁଲିସର ଅପରାଧ ତଦନ୍ତ ବିଭାଗ (ସିଆଇଡି) ଶନିବାର ତୃଣମୂଳ କଂଗ୍ରେସର ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କୁ ସମନ କରିଛି। ଅଭିଯୋଗ ହୋଇଥିଲା ଯେ, ମେ ୧୯ ତାରିଖରେ ଟିଏମସି ବିଧାୟକ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କୁ ରାଜ୍ୟ ବିଧାନସଭାରେ ବିରୋଧୀ ଦଳ ନେତା ଭାବରେ ମନୋନୀତ କରି ବିଧାନସଭା ସଚିବାଳୟକୁ ପଠାଯାଇଥିବା ଚିଠିରେ କିଛି ଟିଏମସି ବିଧାୟକଙ୍କ ଜାଲ ଦସ୍ତଖତ ରହିଥିଲା। ବିଧାନସଭା ସଚିବାଳୟ ପକ୍ଷରୁ କୋଲକାତାର ହାରେ ଷ୍ଟ୍ରିଟ୍ ପୁଲିସ୍ ଷ୍ଟେସନରେ ବୁଧବାର ଏ ସମ୍ପର୍କରେ ଅଭିଯୋଗ କରାଯିବା ପରେ ମାମଲା ସିଆଇଡିକୁ ହସ୍ତାନ୍ତର କରାଯାଇଛି। ସିଆଇଡି ଅଧିକାରୀ କହିଛନ୍ତି, ବାନାର୍ଜୀଙ୍କୁ ଏହି ମାମଲାରେ ଶନିବାର ଅପରାହ୍ଣରେ ଚିଠି କରାଯାଇଛି ଓ ତାଙ୍କୁ ଜୁନ୍ ୧ ତାରିଖ (ସୋମବାର ମଧ୍ୟାହ୍ନ ୧୨ଟା)ରେ ହାଜର ହେବାକୁ କୁହାଯାଇଛି। ପୁଲିସ ପୂର୍ବରୁ କହିଥିଲା ଯେ, ଟିଏମସି ମେ ୬ ତାରିଖରେ ବିଧାନସଭା ସଚିବାଳୟରେ ପ୍ରଥମ ଚିଠି ଦାଖଲ କରିଥିଲା ଯେଉଁଥିରେ ଚଟ୍ଟୋପାଧ୍ୟାୟଙ୍କୁ ବିରୋଧୀ ଦଳ ନେତା ଭାବରେ ମନୋନୀତ କରାଯାଇଥିବା ଉଲ୍ଲେଖ ଥିଲା। କିନ୍ତୁ ଚିଠିକୁ ଟିଏମସି ବିଧାୟକ ଦଳ ଦ୍ୱାରା ପଠାଯାଇ ନଥିବାରୁ ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ତେବେ ମେ ୧୯ରେ ଦ୍ୱିତୀୟ ଚିଠି ଆସିଥିବାବେଳେ କେତେକ ଦସ୍ତଖତ ବିଧାନସଭା ରେକର୍ଡ଼ ସହିତ ମିଶି ନଥିଲା।

## ରାଜସ୍ଥାନରେ ଭୟଙ୍କର ଘୂର୍ଣ୍ଣିଝଡ଼



ନୂଆଦିଲ୍ଲୀ,୩୦।୫: ଶନିବାର ରାଜସ୍ଥାନରେ ଏକ ବିରାଟ ବାଲିଝଡ଼ ଆସିବା ପରେ ରାଜ୍ୟର ଅନେକ ଜିଲ୍ଲାରେ ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳିଥିଲା ଏବଂ ବିଶାଳ ଧୂଳି ମେଘ ଯୋଗୁଁ ଆକାଶ ମାଟିଆ ରଙ୍ଗର ହୋଇଯାଇଥିଲା। ଅପରାହ୍ନ ପ୍ରାୟ ୨.୪୫ ସମୟରେ ଝଡ଼ଟି ଆସିଥିଲା, ଯାହା ବିକାନେର, ଚୁରୁ, ଶ୍ରୀଗଙ୍ଗନଗର ଜିଲ୍ଲା ଏବଂ ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକୁ ବଡ଼ ବାଲି ମେଘରେ ଘେରି ଦେଇଥିଲା ଏବଂ ଦୈନନ୍ଦିନ ଜୀବନକୁ ବହୁ ପରିମାଣରେ ବାଧାପ୍ରାପ୍ତ କରିଥିଲା। ପାଗର ହଠାତ୍ ପରିବର୍ତ୍ତନ ଦିନର ପରିସ୍ଥିତିକୁ "ରାତି ଭଳି ଅନ୍ଧକାର" ବୋଲି ବାସିନ୍ଦାମାନେ ବର୍ଣ୍ଣନା କରିଥିଲେ, କାରଣ ସମଗ୍ର ଅଞ୍ଚଳରେ ଦୃଶ୍ୟମାନତା ଦ୍ରୁତ ଭାବରେ ହ୍ରାସ ପାଇଥିଲା। ବିକାନେରରେ, ପ୍ରବଳ ପବନ ବହୁ ପରିମାଣର ବାଲି ବହନ କରି ଅଞ୍ଚଳକୁ ଧୂଳିର ଏକ ଘନ ଆସ୍ତରଣରେ ଆଚ୍ଛାଦିତ କରିଥିଲା, ଯାହା ଫଳରେ ଅପରାହ୍ନ ସମୟରେ ମଧ୍ୟ ଗାଡ଼ି ଚାଳକମାନଙ୍କୁ ସେମାନଙ୍କର ହେଡଲାଇଟ୍ ଜାଳିବାକୁ ପଡ଼ିଥିଲା। ତୀବ୍ର ବାଲିଝଡ଼ ସାଧାରଣ ଜୀବନକୁ ଠପ୍ କରିଦେଇଥିଲା, କମ୍ ଦୃଶ୍ୟମାନତା ଏବଂ କଠୋର ପରିସ୍ଥିତି ମଧ୍ୟରେ ଲୋକମାନେ ବାହାରକୁ ଯିବା ପାଇଁ ସଂଘର୍ଷ କରୁଥିଲେ। ଝଡ଼ ପରେ ବର୍ଷା ହୋଇଥିଲା, ଯାହା ପବନକୁ ଶାନ୍ତ କରିବାରେ ଏବଂ ଧୂଳିକୁ ସ୍ଥିର କରିବାରେ ସାହାଯ୍ୟ କରିଥିଲା। ଗତ କିଛି ଦିନ ଧରି ଅଞ୍ଚଳକୁ କବଳିତ କରିଥିବା ପ୍ରଚଣ୍ଡ ଗରମରୁ ମଧ୍ୟ ବାସିନ୍ଦାମାନେ ଆଶ୍ୱସ୍ତି ଅନୁଭବ କରିଥିଲେ।

## ଆମେରିକା ସାମରିକ ଘାଟି ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼

ୱାଶିଂଟନ,୩୦।୫: ଆମେରିକା ଓ ଇରାନ ମଧ୍ୟରେ ଏକ ସମ୍ଭାବ୍ୟ ଚୁକ୍ତିନାମାକୁ ନେଇ କୂଟନୈତିକ ସ୍ତରରେ ଆଲୋଚନା ଚାଲିଥିବା ବେଳେ, ମଧ୍ୟପ୍ରାଚ୍ୟର ଯୁଦ୍ଧକ୍ଷେତ୍ରରେ ପରିସ୍ଥିତି ଅତି ସମ୍ବେଦନଶୀଳ ଓ ଉତ୍ତେଜନାପୂର୍ଣ୍ଣ ରୂପ ଧାରଣ କରିଛି। କୁଏତରେ ଥିବା ଆମେରିକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ''ଅଲି ଅଲ୍ ସାଲେମ୍'' ବାୟୁସେନା ଘାଟି ଉପରେ ଇରାନର ଏକ ଶକ୍ତିଶାଳୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ଭଗ୍ନାବଶେଷ ପଡ଼ିବା ଫଳରେ ଅନେକ ଆମେରିକୀୟ ସାମରିକ କର୍ମଚାରୀ ଆହତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ହିଁ ଏହି ଘଟଣା ଘଟିଛି। ଗୁରୁବାର ଦିନ ଆମେରିକା ପକ୍ଷରୁ ଇରାନ ଉପରେ ହୋଇଥିବା ଏକ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଇରାନ ଏହି କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା। ଯଦିଓ କୁଏତର ଆଧୁନିକ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏହି ମିସାଇଲକୁ ମଝି ଆକାଶରେ ସଫଳତାର ସହ ଅଟକାଇ ଧ୍ୱଂସ କରିଦେଇଥିଲା।

## ୟୁପିରେ ପ୍ରଳୟଙ୍କରୀ କାଳବୈଶାଖୀ ଓ ବଜ୍ରପାତ : ୧୬ ମୃତ

ନୂଆଦିଲ୍ଲୀ,୩୦।୫: ଅସହ୍ୟ ଗ୍ରୀଷ୍ମ ପ୍ରବାହ ଓ ପ୍ରଚଣ୍ଡ ଖରା ମଧ୍ୟରେ ଉତ୍ତର ପ୍ରଦେଶର ବିଭିନ୍ନ ପ୍ରାନ୍ତରେ ହଠାତ୍ ପ୍ରକୃତିର ତାଣ୍ଡବ ଦେଖିବାକୁ ମିଳିଛି। ରାଜ୍ୟର ପଶ୍ଚିମ, ପୂର୍ବ, ତେରାଇ ଓ ରାଜଧାନୀ ଲକ୍ଷ୍ନୌ ସମେତ ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ଓ ବଜ୍ରପାତ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଗତ ଦୁଇଦିନ ମଧ୍ୟରେ ୧୬ ଜଣଙ୍କର ମୃତ୍ୟୁ ଘଟିଛି। ଏହି କାଳବୈଶାଖୀ ଝଡ଼ ଯୋଗୁଁ ସାରା ରାଜ୍ୟରେ ଶତାଧିକ ଗଛ, ଟିଣ ଛପର ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବା ବେଳେ ବଜ୍ରପାତ ଓ ଅକସ୍ମାତ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରବଳ ପବନ ଯୋଗୁଁ ରେଳଧାରଣା ଉପରେ ଗଛ ପଡ଼ିଯିବା ଏବଂ ଓଭରହେଡ୍ ବିଦ୍ୟୁତ୍ ତାର ଛିଣ୍ଡିଯିବା ହେତୁ କାନପୁର-ଓରାଇ ସେକ୍ସନ ଏବଂ ଗୋରଖପୁର ଅଞ୍ଚଳରେ ରେଳ ଚଳାଚଳ ସମ୍ପୂର୍ଣ୍ଣ ସ୍ଥଗିତ ହୋଇପଡ଼ିଛି। ଚଳିତ ବିପର୍ଯ୍ୟୟରେ ବୁନ୍ଦେଲଖଣ୍ଡ ଅଞ୍ଚଳ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି, ଯେଉଁଠାରେ ସର୍ବାଧିକ ୧୦ ଜଣଙ୍କର ପ୍ରାଣହାନି ଘଟିଛି। ଏହି ଅଞ୍ଚଳର ବାନ୍ଦା ଏବଂ ହାକିମପୁରରେ ତିନି ଜଣ ଲେଖାଏଁ ଲୋକଙ୍କର ମୃତ୍ୟୁ ହୋଇଛି। ଏହା ବ୍ୟତୀତ ରାୟବରେଲି, ଆମ୍ବେଦକରନଗର, କୌଶାମ୍ବୀ, ପ୍ରତାପଗଡ଼, ଆଜମଗଡ଼, ବାଲିଆ, ଭଦୋହୀ, ଦେଓରିଆ, ଆଗ୍ରା, ମଥୁରା, ଉନ୍ନାଓ ଓ ଫତେହପୁର ଭଳି ଏକାଧିକ ଜିଲ୍ଲାରୁ ଆସିଥିବା ଅନ୍ୟାନ୍ୟ ମୃତ୍ୟୁ ଖବରର ସତ୍ୟାସତ୍ୟ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଉଛି।

## ସିୟୁଇଟି ୟୁଜି ପରୀକ୍ଷାରେ ତ୍ରୁଟି: ଏନଟିଏ କ୍ଷମା ମାଗିଲା



ନୂଆଦିଲ୍ଲୀ,୩୦।୫: ଦେଶରେ ପୂର୍ବରୁ ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟିକୁ ନେଇ ଏକ ବଡ଼ ସମସ୍ୟା ସୃଷ୍ଟି ହୋଇଛି । ଏନେଇ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ବିବାଦରେ ଫସି ରହିଛି । ଏହି ସମୟରେ, ଆଜି ଆଉ ଏକ ଏନଟିଏ ପରୀକ୍ଷା ସିୟୁଇଟି ୟୁଜି ୨୦୨୬ ପରୀକ୍ଷା ସମୟରେ କେନ୍ଦ୍ରଗୁଡ଼ିକରେ ବ୍ୟାପକ ବିଶୃଙ୍ଖଳା ଦେଖାଦେଇଛି । ସାରା ଦେଶର ଅନେକ କେନ୍ଦ୍ରରେ ସକାଳ ସିଫ୍ଟର ପ୍ରଶ୍ନପତ୍ର ସମୟସୀମାରେ ଆରମ୍ଭ ହୋଇପାରିନାହିଁ । ଯାହା ଫଳରେ ପ୍ରଚଣ୍ଡ ଖରାରେ କେନ୍ଦ୍ର ବାହାରେ ଠିଆ ହୋଇଥିବା ପ୍ରାର୍ଥୀ ଏବଂ ସେମାନଙ୍କ ଅଭିଭାବକଙ୍କ କ୍ରୋଧ ପ୍ରକାଶ ପାଇଥିଲା । ଏହି ଉତ୍ତେଜନା ପରେ ଏନଟିଏ ଶୀଘ୍ର ଏକ ନୋଟିସ୍ ଜାରି କରି ସ୍ପଷ୍ଟୀକରଣ ଦେଇଛି । ଏନଟିଏ ନୋଟିସରେ ପ୍ରକାଶ କରିଛି ଯେ, ସିୟୁଇଟି ୟୁଜି ପରୀକ୍ଷା ପରିଚାଳନା କରୁଥିବା ବୈଷୟିକ ଅଂଶୀଦାର କମ୍ପାନି ଟାଟା କନସଲଟାନ୍ସି ସର୍ଭିସେସ୍ ପକ୍ଷରୁ ଏକ ବଡ଼ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି । ଏହି ଯାନ୍ତ୍ରିକ ତ୍ରୁଟି ସକାଳ ସିଫ୍ଟ ପରୀକ୍ଷାକୁ ବିଳମ୍ବ କରିଛି । ଏହି ବଡ଼ ତ୍ରୁଟି ବର୍ତ୍ତମାନ ସିଧାସଳଖ ଅପରାହ୍ନ ସିଫ୍ଟକୁ ମଧ୍ୟ ପ୍ରଭାବିତ କରିଛି, ଯାହା ଫଳରେ ଏନଟିଏ ଅପରାହ୍ନ ଅଧିବେଶନକୁ ଘୁଞ୍ଚାଇବାକୁ ବାଧ୍ୟ ହୋଇଛି। ଅସୁବିଧା ପାଇଁ ଏଜେନ୍ସି ଛାତ୍ର ଏବଂ ଅଭିଭାବକଙ୍କୁ କ୍ଷମା ପ୍ରାର୍ଥନା କରିଛି ଏବଂ ସେମାନଙ୍କୁ ଆଶ୍ୱାସନା ଦେଇଛି ଯେ କୌଣସି ପ୍ରାର୍ଥୀଙ୍କୁ ହଇରାଣ ହେବାକୁ ଦିଆଯିବ ନାହିଁ । ତ୍ରୁଟି ଯୋଗୁ କମ୍ପ୍ୟୁଟର ସ୍କ୍ରିନ୍ ଏବଂ ସର୍ଭରଗୁଡ଼ିକ ଖରାପ ହୋଇଯିବାରୁ ଛାତ୍ରଛାତ୍ରୀମାନେ ସେମାନଙ୍କ ସିଟରେ ପରୀକ୍ଷା ପାଇଁ ପ୍ରଶ୍ନ ପତ୍ରକୁ ଅପେକ୍ଷା କରି ବସି ରହିଥିଲେ । ଏନଟିଏ ଦାବି କରିଛି ଯେ, ଯାନ୍ତ୍ରିକ ତ୍ରୁଟି ଏବେ ସମ୍ପୂର୍ଣ୍ଣ ସମାଧାନ ହୋଇଛି ଏବଂ ପ୍ରଭାବିତ କେନ୍ଦ୍ରଗୁଡ଼ିକରେ ପରୀକ୍ଷା ସୁରୁଖୁରୁରେ ଆରମ୍ଭ ହୋଇଛି ।

### ବିଶ୍ୱଗୁରୁ ହେବାର ଦାବି କରୁଛନ୍ତି, ଦେଶରେ ଗୋଟିଏ ବି ପରୀକ୍ଷା କରାଇପାରୁ ନାହାନ୍ତି: ରାହୁଲ

ନୂଆଦିଲ୍ଲୀ,୩୦।୫: ଦେଶର ବହୁ ସେଣ୍ଟରରେ କମନ୍ ୟୁନିଭରସିଟି ଏଣ୍ଟ୍ରାନ୍ସ ଟେଷ୍ଟ-ୟୁଜି (ସିୟୁଇଟି) ୨୦୨୬ ପରୀକ୍ଷାରେ ବିଳମ୍ବ ହେବା ଯୋଗୁଁ ଦେଶର ଅନେକ କେନ୍ଦ୍ରରେ ହଙ୍ଗାମା ହୋଇଥିଲା। ପରେ ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ଯାନ୍ତ୍ରିକ ତ୍ରୁଟି ଦର୍ଶାଇଥିଲା ଏବଂ ପରୀକ୍ଷା ଟିକେ ବିଳମ୍ବରେ ଆରମ୍ଭ ହୋଇଥିଲା। ଏହା ରାଜନୈତିକ ବିତର୍କ ସୃଷ୍ଟି କରିଥିଲା। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସରକାରଙ୍କୁ ତାଚ୍ଛଲ୍ୟ କରି କହିଥିଲେ,ଆଜି 'ନିଟ୍, ସିବିଏସଇ,ଏସଏସସି ଏବଂ ସିୟୁଇଟି ଚାରୋଟି ପରୀକ୍ଷା, ଏକ କୋଟି ଛାତ୍ର, ଗୋଟିଏ ବି ସଠିକ ଭାବରେ ପରିଚାଳନା ହୋଇନି। ରାହୁଲ ଏକ୍ସରେ ଲେଖିଛନ୍ତି,ବିଶ୍ୱଗୁରୁ ହେବାର ଦାବି କରୁଛନ୍ତି, କିନ୍ତୁ ଦେଶରେ ଗୋଟିଏ ବି ପରୀକ୍ଷା କରାଇ ପାରୁନାହାନ୍ତି। ମୋଦି ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଦେଇଛନ୍ତି। ଯେଉଁ ପିଢ଼ିର ଭବିଷ୍ୟତ ଆପଣ ନଷ୍ଟ କରୁଛନ୍ତି, ସେହି ପିଢ଼ି ଆପଣଙ୍କର ହିସାବ କରିବ।'

## ଡିଜିଟାଲ ସ୍ୱାସ୍ଥ୍ୟ ମିଶନରେ ଭାରତ ଏକ ମାଇଲଖୁଣ୍ଟ ହାସଲ କରିଛି

ନୂଆଦିଲ୍ଲୀ,୩୦।୫: ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ଅଧୀନରେ ୯୦ କୋଟିରୁ ଅଧିକ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଆକାଉଣ୍ଟ ସୃଷ୍ଟି କରି ଭାରତ ଡିଜିଟାଲ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛି। ଆଭା ହେଉଛି ଏକ ୧୪-ଅଙ୍କ ବିଶିଷ୍ଟ ଡିଜିଟାଲ ସ୍ୱାସ୍ଥ୍ୟ ଆଇଡି ଯାହା ନାଗରିକମାନଙ୍କୁ ଆବଶ୍ୟକ ହେଲେ ସେମାନଙ୍କର ସମ୍ମତି ସହିତ ସୁରକ୍ଷିତ ଭାବରେ ସେମାନଙ୍କର ସ୍ୱାସ୍ଥ୍ୟ ରେକର୍ଡ ଯୋଡିବାକୁ, ଦେଖିବାକୁ ଏବଂ ସେୟାର କରିବାକୁ ଅନୁମତି ଦିଏ। ଏହା ରୋଗୀମାନଙ୍କୁ ବାରମ୍ବାର ଡାକ୍ତରୀ ଡକ୍ୟୁମେଂଟ ବହନ କରିବାର ଆବଶ୍ୟକତାକୁ ହ୍ରାସ କରେ ଏବଂ ଚିକିତ୍ସା ପ୍ରକ୍ରିୟାକୁ ସୁଗମ କରିଥାଏ। ଶନିବାର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଗତ ପାଂଚ ବର୍ଷ ପାଇଁ ତଥ୍ୟ ପ୍ରକାଶ କରିଛି। ଏହି ତଥ୍ୟ ଅନୁଯାୟୀ, ୨୦୨୧ ରେ ୧୪.୭ କୋଟି ଆକାଉଂଟ ଥିଲେ ମଧ୍ୟ, ୨୦୨୨ ରେ ଏହି ସଂଖ୍ୟା ୩୦.୪ କୋଟି , ୨୦୨୩ ରେ ୫୦.୬ କୋଟି, ୨୦୨୪ ରେ ୭୨.୨ କୋଟିଟି ଏବଂ ୨୦୨୫ ରେ ୮୪.୫ କୋଟିକୁ ବୃଦ୍ଧି ପାଇଛି। ବର୍ତ୍ତମାନ, ୨୦୨୬ ରେ, ଏହି ସଂଖ୍ୟା ୯୦ କୋଟି ଅତିକ୍ରମ କରିଛି।

## ଅବସର ନେଲେ ସିଡିଏସ ଅନିଲ ଚୌହାନ



ନୂଆଦିଲ୍ଲୀ, ୩୦।୫: ଭାରତୀୟ ସେନାର ସର୍ବୋଚ୍ଚ ସାମରିକ ଅଧିକାରୀ ତଥା ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ) ଜେନେରାଲ ଅନିଲ ଚୌହାନ ଶନିବାର ନିଜ ପଦବୀରୁ ଅବସର ଗ୍ରହଣ କରିଛନ୍ତି । ସେନା ବାହିନୀରେ ତାଙ୍କର ଏହି କାର୍ଯ୍ୟକାଳ ଅତ୍ୟନ୍ତ ସନ୍ତୋଷଜନକ ଏବଂ ଗୌରବମୟ ଥିଲା ବୋଲି ସେ ପ୍ରକାଶ କରିଛନ୍ତି । ନୂଆଦିଲ୍ଲୀସ୍ଥିତ ଜାତୀୟ ଯୁଦ୍ଧ ସ୍ମାରକୀ ପରିସରରେ ଶେଷ ଥର ପାଇଁ ବର୍ଦ୍ଦି ପିନ୍ଧି ଶହୀଦ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତିନି ସେନା ପକ୍ଷରୁ ଦିଆଯାଇଥିବା ଭବ୍ୟ 'ଗାର୍ଡ ଅଫ୍ ଅନର' ଗ୍ରହଣ କରି ସେ ସାମରିକ ସେବାରୁ ବିଦାୟ ନେଇଛନ୍ତି । ଅବସର ପରେ ନିଜ ପ୍ରତିକ୍ରିୟା ପ୍ରକାଶ କରି ଜେନେରାଲ ଚୌହାନ କହିଛନ୍ତି, 'ସ୍ଥଳ, ନୌ ଓ ବାୟୁସେନା ତିନି ସେନା ବାହିନୀ ଦ୍ୱାରା ପ୍ରଦତ୍ତ ଏହି ସମ୍ମାନଜନକ ଗାର୍ଡ ଅଫ୍ ଅନର ଗ୍ରହଣ କରିବା ମୋ ପାଇଁ ଗର୍ବର ବିଷୟ । ଏଥିପାଇଁ ମୁଁ ତିନି ସେନା ଏବଂ ମୁଖ୍ୟାଳୟଆଇଡିଏସ କୁ ଧନ୍ୟବାଦ ଜଣାଉଛି । ଏହି ବିଦାୟ ସମାରୋହ ସହିତ ମୁଁ ମୋର ବର୍ଦ୍ଦିଧାରୀ ସହକର୍ମୀ ଓ ବନ୍ଧୁମାନଙ୍କୁ ସଦାସର୍ବଦା ପାଇଁ ବିଦାୟ ଦେଉଛି ।'ନିଜର ଭାବପୂର୍ଣ୍ଣ ସମ୍ବୋଧନରେ ଜେନେରାଲ ଅନିଲ ଚୌହାନ କହିଛନ୍ତି ଯେ, ବର୍ଦ୍ଦିରେ ଥାଇ ଶେଷ ଥର ପାଇଁ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିବା ଦେଶ ପାଇଁ ପ୍ରାଣବଳୀ ଦେଇଥିବା ବୀର ସପୁତମାନଙ୍କ ପ୍ରତି ଏକ ନମ୍ର ଶ୍ରଦ୍ଧାଞ୍ଜଳି ଥିଲା ।

## ଭାରତୀୟ ଡାକ୍ତରଙ୍କ କମାଲ୍ ଚୀନ୍‌ରେ ବସି ହାଇଦ୍ରାବାଦରେ କଲେ ସଫଳ ସର୍ଜରୀ

ନୂଆଦିଲ୍ଲୀ,୩୦।୫: ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା । ଚୀନ୍‌ରେ ବସି ଭାରତର ହାଇଦ୍ରାବାଦରେ ସଫଳ ଅପରେସନ୍ କଲେ ଡାକ୍ତର । ହାଇଦ୍ରାବାଦରେ ଜଣେ ମହିଳା ରୋଗୀଙ୍କର ଅପରେସନ୍ ପ୍ରାୟ ୩,୯୦୦ କିଲୋମିଟର ଦୂର ଚୀନ୍‌ର ଉହାନ ସହରରେ ବସି ଜଣେ ଭାରତୀୟ ଡାକ୍ତର ସଫଳତାର ସହ କରିଛନ୍ତି। ଏହି ବିରଳ ଏବଂ ଚମତ୍କାର ଅପରେସନ୍ ହାଇଦ୍ରାବାଦ ସ୍ଥିତ 'ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ନେଫ୍ରୋଲୋଜି ଆଣ୍ଡ ୟୁରୋଲୋଜି' ର ବରିଷ୍ଠ ୟୁରୋଲୋଜି ଡାକ୍ତର ସୟଦ ମହମ୍ମଦ ଗୌସ ସମ୍ପାଦନ କରିଛନ୍ତି । ସେ ଏକ ସମ୍ମିଳନୀରେ ଯୋଗଦେବା ପାଇଁ ଉହାନରେ ଥିଲେ। ୫୭ ବର୍ଷୀୟା ଜଣେ ମହିଳାଙ୍କର ମୂତ୍ରବାହୀ ନଳୀରେ ଅବରୋଧ ଥିଲା। ଡାକ୍ତର ଗୌସ ଉହାନରେ ଥାଇ ଅତ୍ୟାଧୁନିକ ରୋବୋଟିକ୍ ପ୍ରଯୁକ୍ତିବିଦ୍ୟା ଓ କନସୋଲ୍ ସାହାଯ୍ୟରେ ସୁଦୂର ହାଇଦ୍ରାବାଦର ଅପରେସନ ଥିଏଟରରେ ଥିବା ମେସିନ୍‌କୁ ନିୟନ୍ତ୍ରଣ କରି ଏହି ଜଟିଳ ସର୍ଜରୀ କରିଥିଲେ। ଅପରେସନ ସମୟରେ ଯୋଗାଯୋଗ ଠିକ୍ ରଖିବା ଏବଂ କୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ହାଇଦ୍ରାବାଦରେ ରୋଗୀଙ୍କ ନିକଟରେ ଜଣେ ସହଯୋଗୀ ଡାକ୍ତରୀ ଦଳଙ୍କୁ ମଧ୍ୟ ମୁତୟନ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଏହି ସମ୍ପୂର୍ଣ୍ଣ ଅପରେସନ୍ ପ୍ରକ୍ରିୟା ସଫଳ ହୋଇଥିଲା ଏବଂ ଏହାକୁ ଶେଷ କରିବା ପାଇଁ ମାତ୍ର ୯୦ ମିନିଟ୍ ସମୟ ଲାଗିଥିଲା। ସର୍ଜରୀ ପରେ ମହିଳା ସୁସ୍ଥ ହୋଇ ନିଜ ଘରକୁ ଫେରିଛନ୍ତି ।

## ବିଶ୍ୱର ପଞ୍ଚମ ବୃହତ୍ ଡିଜିଟାଲ ଅର୍ଥନୀତି ପାଲଟିଲା ଭାରତ

ନୂଆଦିଲ୍ଲୀ,୩୦/୫: ଭାରତ ବୈଶ୍ୱିକ ଡିଜିଟାଲ୍ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦୌଡ଼ରେ ଜର୍ମାନୀ, ଫ୍ରାନ୍ସ, ଜାପାନ, ବ୍ରିଟେନ ଏବଂ କାନାଡା ଭଳି ଦେଶଗୁଡ଼ିକୁ ପଛରେ ପକାଇ ଦେଇଛି। 'ଷ୍ଟେଟ୍ ଅଫ୍ ଇଣ୍ଡିଆଜ ଡିଜିଟାଲ୍ ଇକୋନୋମୀ ୨୦୨୬' ନାମକ ସଦ୍ୟତମ ରିପୋର୍ଟ ଅନୁଯାୟୀ, ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ତମ ଡିଜିଟାଲ୍ ଅର୍ଥନୀତି ହୋଇସାରିଛି। ଏହା ବ୍ୟତୀତ, ଏଆଇ କାର୍ଯ୍ୟଦକ୍ଷତା ଦୃଷ୍ଟିରୁ, ଭାରତ ଏବେ ବିଶ୍ୱରେ ଆମେରିକା, ଚୀନ୍ ଏବଂ ସିଙ୍ଗାପୁର ପରେ ଚତୁର୍ଥ ସ୍ଥାନରେ ଅଛି। ଇଣ୍ଡିଆନ୍ କାଉନସିଲ୍ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନେଟ୍ ଇକୋନୋମିକ୍ ରିଲେସନ୍ସର ସେଣ୍ଟର ଫର୍ ଇଣ୍ଟରନେଟ୍ ଆଣ୍ଡ ଡିଜିଟାଲ୍ ଇକୋନୋମି ଦ୍ୱାରା ପ୍ରକାଶିତ ଷ୍ଟେଟ୍ ଅଫ୍ ଇଣ୍ଡିଆଜ୍ ଡିଜିଟାଲ୍ ଇକୋନୋମି (ଏସଆଇଡିଇ) ୨୦୨୬ ରିପୋର୍ଟ ଅନୁଯାୟୀ, ଭାରତ ୨୦୨୫ ରେ ଏହି କ୍ଷେତ୍ରରେ ଅଷ୍ଟମ ସ୍ଥାନରେ ଥିବା ବେଳେ ଏହା ଏଥିରେ ବଡ଼ ଲମ୍ଫ ମାରି ବିଶ୍ୱର ପଞ୍ଚମ ବୃହତ୍ତମ ଡିଜିଟାଲ୍ ଅର୍ଥନୀତି ହୋଇସାରିଛି। ଏହା ଏଆଇ ସୂଚକାଙ୍କରେ ମଧ୍ୟ ଆମେରିକା, ଚୀନ୍ ଏବଂ ସିଙ୍ଗାପୁର ପରେ ଚତୁର୍ଥ ସ୍ଥାନ ଅଧିକାର କରିଛି। ଭାରତର ସଫଳତା ଉନ୍ନତ ଡିଜିଟାଲ ସଂଯୋଗୀକରଣ, ଫିନଟେକ୍ ଅଭିବୃଦ୍ଧି ଏବଂ ନବସୃଜନ କ୍ଷମତାର ପରିଣାମ। ବିଶ୍ୱ ଜିଡିପିର ୯୬% ଅନ୍ତର୍ଭୁକ୍ତ କରୁଥିବା ୭୧ଟି ଦେଶରେ କରାଯାଇଥିବା ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ, ଡିଜିଟାଲ କାର୍ଯ୍ୟଦକ୍ଷତା କ୍ଷେତ୍ରରେ ଭାରତ ଜର୍ମାନୀ, ଫ୍ରାନ୍ସ, ଜାପାନ ଏବଂ କାନାଡା ସମେତ ପ୍ରମୁଖ ବିକଶିତ ଅର୍ଥନୀତିଗୁଡ଼ିକୁ ପଛରେ ପକାଇ ଦେଇଛି। ଡିଜିଟାଲ୍ ଭାବରେ ପ୍ରଦାନ କରାଯାଇଥିବା ସେବା ମାଧ୍ୟମରେ ଭାରତ ପ୍ରାୟ ୩୧ ଲକ୍ଷ କୋଟି ଟଙ୍କାର ବାଣିଜ୍ୟ କରିଥିଲା। ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଏଆଇ ଟ୍ୟାଲେଣ୍ଟ ପୁଲ୍ ଦେଶ ହୋଇସାରିଛି। ତଥାପି, ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ମଧ୍ୟରେ, ବିଶେଷଜ୍ଞମାନେ ଦେଶର ଏଆଇ ନିବେଶ ଏବଂ ଭିତ୍ତିଭୂମିର ଅଭାବକୁ ଏକ ପ୍ରମୁଖ ଚ୍ୟାଲେଞ୍ଜ ଭାବରେ ଉଲ୍ଲେଖ କରିଛନ୍ତି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟ ଆମେ କେତେ ପ୍ରଭାବଶାଳୀ ଭାବରେ ଏଆଇ ବ୍ୟବହାର କରୁ ତାହା ଉପରେ ନିର୍ଭର କରେ। ଉଲ୍ଲେଖଯୋଗ୍ୟ ଯେ, ଭାରତ ଏବଂ ଚୀନ୍ ମିଳିତ ଭାବରେ ବିଶ୍ୱର ଏଆଇ ବ୍ୟବହାରର ପ୍ରାୟ ୪୦% ଯୋଗଦାନ କରୁଛନ୍ତି।

## ଶରଣାର୍ଥୀଙ୍କ ଟ୍ରକ ଓଲଟି ୧୮ ମୃତ, ୩୫ ଆହତ

ଆଫଗାନିସ୍ତାନ,୩୦।୫: ଆଫଗାନିସ୍ତାନରେ ଟ୍ରକ ଓଲଟିବା ଯୋଗୁଁ ଶରଣାର୍ଥୀଙ୍କ ଜୀବନ ଚାଲିଯାଇଛି । ଘଟଣାରେ ୧୮ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୩୫ ଜଣ ଆହତ ହୋଇଛନ୍ତି । ଏମାନେ ସମସ୍ତେ ପାକିସ୍ତାନରୁ ଫେରୁଥିଲେ । ଘଟଣାରେ ଆହତ ହୋଇଥିବା ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ମୁତାବକ, ପୂର୍ବ ଆଫଗାନିସ୍ତାନର ଜାତୀୟ ରାଜପଥରେ ଏହି ଦୁର୍ଘଟଣା ହୋଇଛି । ଏମାନେ ସବୁ ପାକିସ୍ତାନରୁ ଫେରୁଥିବା ଆଫାଗନ ଶରଣାର୍ଥୀଙ୍କୁ ନେଇ ଏକ ଟ୍ରକ ଯାଉଥିବା ବେଳେ ଓଲଟି ପଡିଥିଲା । ଘଟଣାରେ ୧୮ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୩୫ ଜଣ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ଏବଂ ପିଲା ରହିଛନ୍ତି । ମୃତକଙ୍କ ମଧ୍ୟରେ ୧୦ ପିଲା ଏବଂ ୫ ମହିଳା ରହିଛନ୍ତି। ତାଲିବାନ ସରକାର ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି । ଏହାସହିତ ପୀଡିତ ପରିବାର ପ୍ରତି ସମବେଦନା ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୩ରେ ପାକିସ୍ତାନ ଅବୈଧ ପ୍ରବାସୀଙ୍କୁ ନିର୍ବାସିତ କରୁଛି । ଦେଶ ଛାଡି ଯିବାକୁ ବାଧ କରୁଛି ।

## ପରମାଣୁ କ୍ଷେପଣାସ୍ତ୍ର ସାଇଲୋ ନିକଟରେ ଲଞ୍ଚ୍ ପ୍ୟାଡ୍ ନିର୍ମାଣ କରୁଛି ଚୀନ୍



ନୂଆଦିଲ୍ଲୀ,୩୦।୫: ବର୍ତ୍ତମାନ ଚୀନ୍ ଏବଂ ଆମେରିକା ମଧ୍ୟରେ ସବୁକିଛି ଶାନ୍ତ ଥିବାଭଳି ମନେହେଉଛି। କିନ୍ତୁ ଏହି ଶାନ୍ତସ୍ଥିତି ତଳେ ଏକ ଅଶାନ୍ତ ଝଡ଼ ସୃଷ୍ଟି ହେଉଥିବା କୁହାଯାଉଛି । ଉଭୟ ପାର୍ଶ୍ୱରେ ବ୍ୟାପକ ସ୍ତରରେ ପ୍ରସ୍ତୁତି ଚାଲିଛି । ହୁଏତ ସଠିକ୍ ମୁହୂର୍ତ୍ତକୁ ଉଭୟ ଦେଶ ଅପେକ୍ଷା କରିଛନ୍ତି । ଚୀନ୍ ମରୁଭୂମିରେ ଏକ ବିଶାଳ ସାମରିକ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି, ଯାହା ପରମାଣୁ ଅସ୍ତ୍ରାଗାରର ସୁରକ୍ଷାକୁ ସୁଦୃଢ଼ କରିବ। ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି ଯେ, ଚୀନ୍ ୮୦ ରୁ ଅଧିକ ଲଞ୍ଚ୍ ପ୍ୟାଡ୍ ଏବଂ ସାମରିକ ସୁବିଧା ନିର୍ମାଣ କରିଛି ।ଏହି ନେଟୱ୍ୱାର୍କ ଚୀନର ପ୍ରତି-ଆକ୍ରମଣ କ୍ଷମତାକୁ ବୃଦ୍ଧି କରିବା ଏବଂ ପରମାଣୁ କ୍ଷେପଣାସ୍ତ୍ରକୁ ସୁରକ୍ଷା ଦେବା ପାଇଁ ଡିଜାଇନ୍ କରାଯାଇଛି। ସୁରକ୍ଷା ବିଶେଷଜ୍ଞଙ୍କ ଅନୁସାରେ, ଚୀନ୍ ପରମାଣୁ ଅସ୍ତ୍ରାଗାର ଉପରେ ଆମେରିକାର ପ୍ରଥମ ଆକ୍ରମଣ ଯେଉଁଭଳି ବେଜିଂର ପ୍ରତିଶୋଧର କ୍ଷମତାକୁ ସମ୍ପୂର୍ଣ୍ଣ ନଷ୍ଟ ନ କରିପାରିବ ତାହା ନିଶ୍ଚିତ କରିବା ପାଇଁ ଏହା ନିର୍ମାଣ କରାଯାଉଛି । ଚୀନର ପରମାଣୁ କ୍ଷେପଣାସ୍ତ୍ରଗୁଡ଼ିକ ଆମେରିକାର ଯେକୌଣସି ସହରକୁ ଆକ୍ରମଣ କରିବାର କ୍ଷମତା ରଖିଛି । ରଏଟର୍ସ ଦ୍ୱାରା ସମୀକ୍ଷା କରାଯାଇଥିବା ସାଟେଲାଇଟ୍ ଚିତ୍ରଗୁଡ଼ିକ ଦର୍ଶାଉଛି ଯେ, ବେଜିଂ ପୃଥକ ପରମାଣୁ ସାଇଲୋ ନିକଟରେ ଲଞ୍ଚ୍ ପ୍ୟାଡ୍, ବଙ୍କର ଏବଂ ଯୋଗାଯୋଗ କେନ୍ଦ୍ରଗୁଡ଼ିକର ଏକ ବିଶାଳ ନେଟୱ୍ୱାର୍କ ନିର୍ମାଣ କରୁଛି ଯେଉଁଥିରେ ଏହାର ସାମରିକ ବାହିନୀର ସବୁଠାରୁ ଦୂରଗାମୀ କ୍ଷେପଣାସ୍ତ୍ର ରହିଛି । ଏହି ସାଟେଲାଇଟ୍ ଚିତ୍ରଗୁଡ଼ିକ ଚୀନର ବର୍ଦ୍ଧିତ ମୋବାଇଲ୍ ମିସାଇଲ୍ ଲଞ୍ଚର୍ ଏବଂ ବାୟୁ ପ୍ରତିରକ୍ଷା ବ୍ୟାଟେରୀ ବ୍ୟବହାର ପାଇଁ ଲଞ୍ଚ୍ ପ୍ୟାଡ୍ ନିର୍ମାଣ କରିଛି । ରଏଟର୍ସ ପାଇଁ ଚିତ୍ରଗୁଡ଼ିକର ସମୀକ୍ଷା କରିଥିବା ତିନି ଜଣ ସୁରକ୍ଷା ବିଶ୍ଲେଷକଙ୍କ ଅନୁଯାୟୀ,ଏହାକୁ ଇଲେକ୍ଟ୍ରୋନିକ୍ ଯୁଦ୍ଧ, ସାଟେଲାଇଟ୍ ଯୋଗାଯୋଗ ଏବଂ କମାଣ୍ଡ୍ ଅପରେସନ୍ ପାଇଁ ବ୍ୟବହାର କରାଯାଇପାରିବ । ଏହି ନିର୍ମାଣ ଚୀନର ପରମାଣୁ ଶକ୍ତିକୁ ସୁରକ୍ଷା ଏବଂ ପରିଚାଳନା କରିବା ପାଇଁ ଡିଜାଇନ୍ କରାଯାଇଥିବା ଦୃଢ଼ ଭିତ୍ତିଭୂମିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥିତିକୁ ସୂଚିତ କରୁଛି। ସାମଗ୍ରିକ ଭାବରେ, ଏହି ନେଟୱ୍ୱାର୍କ ବେଜିଂର ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥିତିକୁ ପ୍ରତିନିଧିତ୍ୱ କରୁଛି। ଏହା ମଧ୍ୟ ସୂଚିତ କରୁଛି ଯେ, ତାଇୱାନ ପ୍ରସଙ୍ଗରେ ଆମେରିକା ଦ୍ୱାରା ଯେକୌଣସି ଆକ୍ରମଣ ପାଇଁ ଚୀନ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ।

## ବସ୍ ଧକ୍କାରେ ଯୁବତୀ ମୃତ

କଟକ(ନିପ୍ର) : ସହରର ବିପର୍ଯ୍ୟସ୍ତ ଯାନ ବାହନ ପରିଚାଳନା ବ୍ୟବସ୍ଥାରେ ଆଜି ସକାଳେ ବଳି ପଡ଼ିଗଲା ଗୋଟିଏ ଝିଅ । ବସ ଧକ୍କାରେ ଚାଲିଗଲା ଝିଅଟିର ଜୀବନ । ମୃତକ କଟକ ତୁଳସୀପୁର ଅଞ୍ଚଳର ସ୍ୱାଗତିକା ମହାନ୍ତି (୨୪)। ଆଜି ସକାଳ ପ୍ରାୟ ୯ଟା ବେଳେ ଯେତେବେଳେ ସେ ନିଜର ଟିଭିଏସ୍‌ଆଇ କ୍ୟୁବ ଗାଡ଼ିରେ ଆସୁଥିଲେ ସେହି ସମୟରେ ଓବିସିସିର କାର୍ଯ୍ୟରେ ଲାଗିଥିବା ଘରୋଇ ବସ୍ ଦ୍ରୁତ ଗତିରେ ଆସି ଯୋବ୍ରା ଆଇ ଲଭ କଟକ ନିକଟରେ ତାଙ୍କୁ ଧକ୍କା ଦେଇଥିଲା। ଖବର ପାଇ ମାଲଗୋଦାମ ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ଉଭୟ ବସ ଓ ସ୍କୁଟିକୁ ଜବତ କରିବା ସହ ସ୍ୱାଗତିକାଙ୍କୁ ଚିକିତ୍ସା ପାଇଁ ଏସସିବିକୁ ପଠାଇ ଥିଲେ କ୍ଷ ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାଗତିକାଙ୍କ ବାପା ପୋଲିସ ବିଭାଗରେ କାର୍ଯ୍ୟ କରୁଥିବା ବେଳେ ସେ ଅତି ଭଦ୍ର ଓ ମେଳାପୀ ମଧ୍ୟ।ବାପାଙ୍କ ଭଳି ସ୍ୱାଗତିକା ମଧ୍ୟ ଛୋଟ ବେଳରୁ ଅତି ଭଦ୍ର,ନମ୍ର ଓ ମେଳାପୀ। ଏନ୍ ସି ସି ଠାରୁ ଆରମ୍ଭ କରି ସମାଜସେବା ସବୁଥିରେ ସେ ଆଗୁଆ । ସେ ସ୍କିଲିଙ୍ଗ ୟଥ କୋଅରଡିନେଟର ଭାବେ ଲାଇଟ ହାଉସରେରେ କାର୍ଯ୍ୟ କରୁଥିଲେ। କଟକ ସହର ମଧ୍ୟରେ ଯାନ ବାହନ ପରିଚାଳନା ଓ ନିୟନ୍ତ୍ରଣରେ ଅନେକ ତ୍ରୁଟି ହେଉଥିବା ପରିଲକ୍ଷିତ ହେଉଛି । ଟ୍ରାଫିକ ପୋଲିସ ଯାନବାହାନ ନିୟନ୍ତ୍ରଣ କରିବା ପରିବର୍ତ୍ତେ ଫାଇନ ପାଇଁ ଫଟୋ ଉଠାଇବାରେ ବ୍ୟସ୍ତ ରହୁଛି। ଏପରିକି ଫାଇନ ପାଇଁ ସେମାନଙ୍କୁ ଟାର୍ଗେଟ ଦିଆଯାଉଥିବାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ଫୋନ ଲୁଟେରା ବନ୍ଧାହେଲା

ଭୁବନେଶ୍ୱର(ନିପ୍ର): କ୍ୟାପିଟାଲ ଥାନା ପୋଲିସ ଶନିବାର ଜଣେ ମୋବାଇଲ ଲୁଟେରାକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଜଗନ ସାହୁ ଓ ତାଙ୍କ ଘର ମସଜିଦ କଲୋନୀରେ ବୋଲି ଜଣାପଡ଼ିଛି। ଏନେଇ ରମାକାନ୍ତ ବଳିଆର ସିଂହ ଥାନାରେ ଲିଖିତ ଅଭିଯୋଗ କରିଥିଲେ।ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଣେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ବେଳେ ଓଲା ଓ ଉବର ମାଧ୍ୟମରେ ଗାଡ଼ି ବୁକିଂ ପାଇଥାନ୍ତି। ଶୁକ୍ରବାର ସେ କଂଗ୍ରେସ ଭବନ ଲେନ ନିକଟରେ ନିଜର ମାରୁତି ସୁଜୁକି ଏର୍ଟିଗା ଗାଡ଼ି ଭିତରେ ବିଶ୍ରାମ ନେଉଥିଲେ। କୌଣସି ବୁକିଂ ନ ମିଳିବାରୁ ସେ ନିଜର ମୋବାଇଲ ଫୋନକୁ ଚାର୍ଜିଂରେ ଲଗାଇ ଗାଡ଼ିର କାଚକୁ ସାମାନ୍ୟ ଖୋଲା ରଖିଥିଲେ। ଅପରାହ୍ନ ପ୍ରାୟ ୪ଟା ସେ ବିଶ୍ରାମ ନେଉଥିବା ସମୟରେ କୌଣସି ଅଜଣା ବ୍ୟକ୍ତି ତାଙ୍କ ମୋବାଇଲ ଫୋନ ଚୋରି କରି ନେଇଯାଇଥିବାର ଜାଣିବାକୁ ପାଇଥିଲେ। ଏନେଇ ସେ ଥାନାରେ ଲିଖ ?ତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଜଗନଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ଜଣାପଡ଼ିଥିଲା ଯେ, ତାଙ୍କ ବିରୋଧରେ ଖାରବେଳନଗର ଥାନାର ୩ଟି ଏବଂ ମଞ୍ଚେଶ୍ୱର ଥାନାର ୧ଟି ମାମଲା ସମେତ ମୋଟ ୪ଟି ଅପରାଧିକ ମାମଲା ରହିଛି।

## କାଳବୈଶାଖୀରେ ଗଛ ପଡ଼ି ଭାଙ୍ଗିଲା ସ୍କୁଲ୍ ପାଚେରି ; ରାସ୍ତା ଅବରୋଧ

ବେଲଗୁଣ୍ଠା,(ନିପ୍ର): ଆଜି ସନ୍ଧ୍ୟା ସମୟରେ ହଠାତ କାଳବୈଶାଖୀ ବର୍ଷା ହେବା ଫଳରେ ବେଲଗୁଣ୍ଠା ସହର ବାଙ୍କୀ ବଜାର ସ୍ଥିତ ପଟେଲ୍ ରୋଡ ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ଏକ ଶାଗୁଆନ ଗଛ ମୂଳରୁ ଉପୁଡି ଯାଇ ବିଦ୍ୟାଳୟର ପାଚେରୀ କାନ୍ଥ ଉପରେ ପଡ଼ିବା ଫଳରେ କାନ୍ଥ ଭାଙ୍ଗିଯିବା ସହ ନିକଟରେ ଯାଇଥିବା ବିଦ୍ୟୁତ୍




ତାର ମଧ୍ୟ ଓହଳିକି ରହିଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ବେଲଗୁଣ୍ଠାରେ ବିଦ୍ୟୁତ୍ ବିଛିନ୍ନ ମଧ୍ୟ ହୋଇଛି। ତେବେ ବାଙ୍କୀ ବଜାର ବେଲଗୁଣ୍ଠା ସହରର ମୁଖ୍ୟ ବାଣିଜ୍ୟିକ ସ୍ଥଳୀ ହୋଇଥିବା ବେଳେ ସନ୍ଧ୍ୟା ସାତଟା ତିରିଶିସମୟରୁ ଗଛ ପଡ଼ିବା ସହ ବିଦ୍ୟୁତ୍ ତାର ଗୁଡ଼ିକ ଓହଳି ରହିଥିଲେ ମଧ୍ୟ ଏଗୁଡ଼ିକୁ ରାସ୍ତାରୁ ହଟାଇବାକୁ କୌଣସି ପଦକ୍ଷେପ ନିଆଯାଇନଥିବା ଯୋଗୁଁ ବର୍ତ୍ତମାନ ସେଠାରେ ଯାତାୟାତ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଛି।

## କାର୍ ଧକ୍କାରେ ଯୁବକ ଗୁରୁତର

ପିପିଲି (ନିପ୍ର): ଶନିବାର ଅପରାହ୍ନରେ ସାତଶଙ୍ଖ - ବଳଙ୍ଗା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ରୁପଡେଇପୂର ସ୍ଥିତ ବିଦେଶୀ ହୋଟେଲ ସାମ୍ନାରେ ଏକ କାର ଧକ୍କାରେ ଜଣେ ଯୁବକ ଗୁରୁତର ହେଇଛନ୍ତି। ଯୁବକଜଣଙ୍କ ବଳଙ୍ଗା ଥାନା ଅନ୍ତର୍ଗତ ବିରାଟ ସାହି ଗ୍ରାମର ପପୁ ବିଶ୍ୱାଳ (୨୪) ବୋଲି ଜଣାପଡିଛି। ସ୍ଥାନୀୟ ଲୋକେ ପପୁକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ଦୁର୍ଘଟଣା ପରେ କାର ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା ବେଳେ ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଚାଳକ ଘର ଗଣ୍ଡସାହି ଗ୍ରାମରୁ ଦୁର୍ଘଟଣା ଘଟାଇ ଥିବା ଗାଡି ଜବତ କରିବା ସହ ଚାଳକକୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଆରମ୍ଭ କରିଛି । ସୂଚନା ମୁତାବକ ପପୁ ଅପରାହ୍ନ ସମୟରେ ବିଦେଶୀ ହୋଟେଲରୁ ଖାଇ ସାରି ହୋଟେଲ ସାମ୍ନାରେ ଠିଆ ହୋଇଥିଲା ବେଳେ ବଳଙ୍ଗା ରୁ ସାତସଂଖ ଅଭିମୁଖେ ଯାଉଥିବା ଏକ କାର ପପୁକୁ ଧକ୍କା ଦେଇଥିଲା। ଫଳରେ ପପୁର ମୁଣ୍ଡରେ ଗୁରୁତର ଆଘାତ ଲାଗିବା ସହ ସେ ରାସ୍ତା ପାର୍ଶ୍ୱକୁ ଛିଟିକି ପଡ଼ିଥିଲା।

## ମିଥ୍ୟା ଡାକ୍ତର ପରିଚୟ ଦେଇ ପ୍ରେମ ଓ ଶାରୀରିକ ସମ୍ପର୍କ : ଯୁବକ ଗିରଫ

କଟକ(ନିପ୍ର) : ଡାକ୍ତର ପରିଚୟ ଦେଇ ସମ୍ପର୍କ ସ୍ଥାପନ କରି ପ୍ରେମ ଓ ବିବାହ ପ୍ରତିଶୃତି ଦେଇ ଶାରୀରିକ ସମ୍ପର୍କ ରଖି ଧୋକା ଦେବା ଓ ବ୍ଲାକମେଲ କରି ଶାରୀରିକ ଆକ୍ରମଣ କରିବା ଅଭିଯୋଗରେ ଜଗତପୁର ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ଗୋପକୁଦର ଭେଙ୍କଟେଶ୍ୱର ସେଠୀ ଓରଫ ଚିନୁ (୨୨) । ମିଳିଥିବା ସୂଚନା ଅନୁଯାୟୀ ଜଗତପୁର ଥାନା ଅନ୍ତର୍ଗତ ମହତାନପୁରର ଧରଣୀଧର ସେଠୀଙ୍କ କନ୍ୟା ୨୦୨୪ରୁ ଖଲିକୋଟ ବିଶ୍ୱବିଦ୍ୟାଳୟରେ ପିଜି କରୁଛନ୍ତି । ଏହି ସମୟରେ ଇନଷ୍ଟାଗ୍ରାମ ମାଧ୍ୟମରେ ଅଭିଯୁକ୍ତ ଚିନୁ ନିଜକୁ ଡାକ୍ତର ପରିଚୟ ଦେଇ ସମ୍ପର୍କ ସ୍ଥାପନ କରିଥିଲା । ପରେ ଏହି ସମ୍ପର୍କ ପ୍ରେମରେ ପରିଣତ ହୋଇଥିଲା । ଚିନୁ ବିବାହର ପ୍ରତିଶୃତି ଦେଇ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲା। ପରେ ଚିନୁ ଏହିପରି ଅନେକ ଯୁବତୀଙ୍କ ସହ ସମ୍ପର୍କ ରଖିଥିବା ଜାଣିବା ପରେ ଯୁବତୀ ଜଣକ ତାଙ୍କ ଠାରୁ ନିଜକୁ ଦୁରେଇଥିଲେ । ଏଥିରେ ଚିନୁ ରାଗିଯାଇ ତାଙ୍କୁ ମାଡ଼ ମାରିବା ସହ ବିବାହ ନକଲେ ଆପତ୍ତି ଜନକ ଫଟୋ ଓ ଭିଡିଓ ଭାଇରାଲ କରିଦେବାର ଧମକ ଦେଇଥିଲା । ଯୁବତୀ ଏ ନେଇ ଚିନୁର ବାପାଙ୍କୁ ଜଣାଇଥିଲେ ମଧ୍ୟ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନଥିଲା। ଶାରୀରିକ ଓ ମାନସିକ ନିର୍ଯାତନା ସହି ନପାରି ଯୁବତୀ ଜଣକ ବିପି ବଟିକା ଖାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ଏସସିବିରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା ଚାଲୁଛି । ଧରଣୀଧର ଏ ନେଇ ଗତ ୨୮ ତାରିଖରେ ଜଗତପୁର ଥାନାରେ ଅଭିଯୋଗ କରିଥିଲେ । ଗତ ୨୯ ତାରିଖରେ ସମ୍ପୃକ୍ତ ଯୁବତୀଙ୍କର ଡାକ୍ତରୀମାଇନା କରାଯିବା ସହ ବୟାନ ରେକର୍ଡ କରାଯାଇଥିଲା । ଆଜି ଅଭିଯୁକ୍ତକୁ ଗିରଫ କରାଯାଇ ଡାକ୍ତରୀମାଇନା କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି ।

### ରାଜଧାନୀ ଛାତିଥରା ଦୁର୍ଘଟଣା

# କାର୍‌କୁ ୫ଶହ ମିଟର ଘୋଷାଡି ନେଲା ହାଇୱା: ଡ୍ରାଇଭର ଗିରଫ



ଭୁବନେଶ୍ୱର,(ନିପ୍ର): ରାଜଧାନୀରେ ପୁଣି ଘଟିଛି ଛାତିକୁ ଥରାଇ ଦେବା ଭଳି ଦୁର୍ଘଟଣା । ଆତଙ୍କ ଖେଳାଇଲା ହାଇୱା ଟ୍ରକ, କାରକୁ ୫୦୦ ମିଟର ଯାଏଁ ଘୋଷାଡି ନେଲା ହାଇୱା ଟ୍ରକ । ଏନଏଚ ୧୬ ରେ ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଦୃଶ୍ୟ । ଶୁକ୍ରବାର ବିଳମ୍ବିତ ରାତ୍ରିରେ ମଞ୍ଚେଶ୍ୱରରୁ ପାହାଳ ଆଡ଼କୁ ଯାଉଥିବା ଏକ ହାଇୱା ଟ୍ରକ ଖେଳାଇଛି ଆତଙ୍କ । ଏକ କାରରେ ଦାଦା ଝିଆରୀ କଟକ ଅଭିମୁଖେ ଯାଉଥିବା ବେଳେ କାରଟିକୁ ଧକ୍କା ଦେଇ ଘୋଷାଡି ନେଇଥିଲା ହାଇୱା ଟ୍ରକ। ଟ୍ରକଟି ଦ୍ରୁତ ଗତିରେ ଘୋଷାଡି ନେବାରୁ ରାସ୍ତାରେ ନିଆଁ ଦେଖିବାକୁ ମିଳିଥିଲା । ଏହି ଦୁର୍ଘଟଣାରେ ଦାଦା ସୁବ୍ରତ ପଟ୍ଟନାୟକ ଓ ଝିଆରି ଆଦ୍ୟାଶା ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଘଟଣା ପରେ ପିସିଆର ଟିମ୍ ଟ୍ରକକୁ ପିଛା କରି ପାହାଳ ନିକଟରୁ ଅଭିଯୁକ୍ତ ଡ୍ରାଇଭରକୁ ଗିରଫ କରିବା ସହିତ ଟ୍ରକକୁ ଜବତ କରିଛି । ଗିରଫ ହାଇୱା ଡ୍ରାଇଭର ହେଲେ ବୌଦ୍ଧର ପୁରୁଣା କଟକର ଜଗମୋହନ ଭୁକ୍ତା(୩୬)। ତାଙ୍କୁ ଶନିବାର ଦିନ କୋର୍ଟଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଯେ, ମଞ୍ଚେଶ୍ୱର ଥାନା ଅନ୍ତଗର୍ତ ଗଙ୍ଗୁଆ ନାଳ ପୋଲ ନିକଟରେ ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧୨ଟା ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଥିଲା । ଘଟଣା ପରେ ସଂପୃକ୍ତ ଟ୍ରକ୍‌ଟି ଘଟଣାସ୍ଥଳରୁ ଚାଲିଯିବାକୁ ଚେଷ୍ଟା କରିଥିଲା । ଘଟଣାର ସୂଚନା ପାଇ ପିସିଆର-୬ ଟିମ୍‌ର କନଷ୍ଟେବଲ କଂଗ୍ରେସ ନାୟକ, ପ୍ରଦୀପ କହଁର ଏବଂ ହୋମଗାର୍ଡ ଅନିଲ ସାହୁ ତୁରନ୍ତ ପଦକ୍ଷେପ ନେଇଥିଲେ । ପରିସ୍ଥିତିର ଗୁରୁତ୍ୱ ବୁଝି ସେମାନେ ସିଧାସଳଖ ଟ୍ରକ୍‌କୁ ଅଟକାଇବା ପରିବର୍ତ୍ତେ ଏକ ରଣନୀତି ପ୍ରସ୍ତୁତ କରିଥିଲେ । କାରଣ ଏଭଳି ପ୍ରୟାସରେ ପୋଲିସ କର୍ମଚାରୀ ଓ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରୁଥିଲା। ପିସିଆର ଟିମ୍ ଚତୁରତାର ସହ ଟ୍ରକ୍‌କୁ ଅତିକ୍ରମ କରି ଆଗକୁ ଯାଇ ପାହାଳ ଥାନା ଅନ୍ତଗର୍ତ ମଦର୍ସ ପବ୍ଲିକ ସ୍କୁଲ ନିକଟରେ ଅନ୍ୟ ଏକ ହାଇୱା ଟ୍ରକ୍ ସହାୟତାରେ ରାସ୍ତାରେ କୃତ୍ରିମ ଯାତାୟାତ ଜାମ୍ ସୃଷ୍ଟି କରିଥିଲେ । ଫଳରେ ଅଭିଯୁକ୍ତ ଟ୍ରକ୍ ଚାଳକ ଗାଡ଼ି ଅଟକାଇବାକୁ ବାଧ୍ୟ ହୋଇଥିଲା। ପରେ ପୋଲିସ ତାଙ୍କୁ କାବୁ କରିବା ସହ ଟ୍ରକ୍‌କୁ ଜବତ କରିଥିଲା। ଅଭିଯୁକ୍ତ ଜଣକ ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅନ୍ତର୍ଗତ କଣ୍ଟିଆପଡ଼ା ଗ୍ରାମର ଜଗମୋହନ ଭୁକ୍ତା। ତାଙ୍କର ବ୍ରେଥ ଆନାଲାଇଜର ପରୀକ୍ଷା କରାଯାଇଥିବାବେଳେ ମଦ୍ୟପାନର କୌଣସି ପ୍ରମାଣ ମିଳିନଥିଲା । ପଚରାଉଚରା ବେଳେ ସେ ଦୁର୍ଘଟଣା ପରେ ସାଧାରଣ ଲୋକଙ୍କ ଆକ୍ରମଣ ଭୟରେ ଗାଡ଼ି ନଅଟକାଇ ପଳାଇଥିବା କଥା କହିଥିଲେ । ଘଟଣାରେ ଏଫ୍‌ଆଇଆର ରୁଜୁ କରାଯାଇ ଆଇନ ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟକୁ ଚାଲାଣ କରାଯାଇଛି।

## ରାସ୍ତା କଡ଼ରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

### ଘଟଣା ପରେ ଶଶୁର ଘରେ ଥିବା ଦିଲ୍ଲୀ ଜ୍ୱାଇଁ ଫେରାର



ଅସ୍ତରଙ୍ଗ,(ନିପ୍ର): ଅସ୍ତରଙ୍ଗ ବ୍ଲକ ସରିପୁର ପଞ୍ଚାୟତ ସିଦ୍ଧିପୁର ଗ୍ରାମରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା । ମୁଦୁଗଲ ଗ୍ରାମର ୭୦ ବର୍ଷୀୟ ବୃଦ୍ଧ ଭ୍ରମର ନାୟକ ଯିଏ ନିକଟରେ ସିଦ୍ଧିପୁର ଗ୍ରାମରେ ଜାଗା କିଣି ସେଠି ଏକ ଗୃହ ନିର୍ମାଣ କରୁଥିଲେ। ତାଙ୍କ ତିନି ନମ୍ବର ଝିଅ ଦିଲ୍ଲୀ ରେ ପୂର୍ବରୁ କାମ କରି ସେଠି ଜଣକୁ ବିବାହ କରିଥିଲେ, ତାଙ୍କ ଜ୍ୱାଇଁ ତାଙ୍କ ଝିଅକୁ ବାରମ୍ବାର ଅତ୍ୟାଚାର କରିବାରୁ ତାଙ୍କ ଝିଅ ଆସି ବାପାଙ୍କ ନିକଟରେ ଆଶ୍ରୟ ନେଉଥିଲେ। ମାତ୍ର କିଛି ମାସ ହେବ ଭ୍ରମରଙ୍କ ଦିଲ୍ଲୀ ଜ୍ୱାଇଁ ତାଙ୍କ ନାମ ସୁଫି ବୋଲି ଜଣାପଡିଛି। ଆଉ ସେ ଜଣେ ମୁସଲିମ ସମ୍ପ୍ରଦାୟର ବୋଲି ଯାହା ଚର୍ଚ୍ଚା ହେଉଛି। ସେ ସିଦ୍ଧିପୁରରେ ନିଜ ସ୍ତ୍ରୀ ଓ ଗୋଟେ ଛୋଟ ପୁଅ ସହ ଶଶୁର ଭ୍ରମରଙ୍କ ଘରେ ରହିଥିଲେ। ସେଠି ତାଙ୍କ ଜ୍ୱାଇଁ ଦିନ ମଜୁରୀ କାମ କରୁଥିବା ଜଣାପଡିଛି। ଏଠାରେ ସୂଚନା ଥାଉ କି ଗତକାଲି ଜ୍ୱାଇଁ ଓ ଶଶୁର ନୂଆ ଘର ପାଖରେ ଥିଲେ ହେଲେ ଶନିବାର ସକାଳୁ ଉଲଗ୍ନ ଅବସ୍ଥାରେ ଗଛ ବୁଦା ନିକଟରେ ଭ୍ରମରଙ୍କ ମୃତ ଶରୀର ପଡ଼ିଥିବା ଗ୍ରାମବାସୀ ଦେଖି ପୋଲିସ କୁ ସୂଚନା ଦେଇଥିଲେ। ଭ୍ରମରଙ୍କର କୌଣସି ପୁଅ ନାହାନ୍ତି ନିଜସ୍ୱ ସ୍ଥାନରୁ ଉଠି ନୂତନ ସ୍ଥାନ ରେ ଘର ନିର୍ମାଣ କରୁଥିଲେ। ଗତକାଲି ଘର କାମ ପାଇଁ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଉଠାଇଛନ୍ତି ବୋଲି ଶୁଣିବାକୁ ମିଳୁଛି। ଘର ନିକଟରେ ଥିବା ଗୋଡି ଗଦା ନିକଟରେ ଭ୍ରମରଙ୍କର ଲୁଙ୍ଗି ଆଉ ଗୋଡି ଉପରେ ରକ୍ତ ର ଦାଗ ମଧ୍ୟ ଦେଖିବାକୁ ମିଳିଛି। ବର୍ତ୍ତମାନ ଭ୍ରମରଙ୍କ ଅନ୍ୟ ଝିଅମାନେ ଦିଲ୍ଲୀ ଜ୍ୱାଇଁଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଛନ୍ତି କାରଣ ଘଟଣା ପରଠୁ ତାଙ୍କ ଜ୍ୱାଇଁ ଫେରାର ଅଛି ବ୍ୟାଙ୍କ ରୁ ଉଠିଥିବା ଟଙ୍କା କିମ୍ବା ଅନ୍ୟ ସମ୍ପତି କି ଅନ୍ୟ କେଉଁ କାରଣ ପାଇଁ ଦିଲ୍ଲୀ ଜ୍ୱାଇଁ ଏହି ଜଘନ୍ୟ ଘଟଣା ଘଟାଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ଅନ୍ୟ ପଟେ ଫରେନସିକ ଟିମ୍ ଘଟଣା ସ୍ଥଳରେ ଯାଞ୍ଚ କରୁଥିବା ବେଳେ ମୃତକଙ୍କ ସାନ ଝିଅ ରୀନା ସ୍ୱାଇଁ ଙ୍କ ଏତଲା କୁ ନେଇ ଅସ୍ତରଙ୍ଗ ଥାନା ପୋଲିସ ତରଫରୁ ୧୪୭/୨୬ ରେ ମାମଲା ହୋଇଛି ଓ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛନ୍ତି ।

## ଯୌତୁକ ହତ୍ୟା ମାମଲାରେ ସ୍ୱାମୀକୁ ଦଣ୍ଡାଦେଶ

ପିପିଲି,(ନି ପ୍ର ): ଜଣେ ବ୍ୟକ୍ତି ତାର ସ୍ତ୍ରୀକୁ ଯୌତୁକ ନିର୍ଯାତନା ଓ ହତ୍ୟା ଘଟଣାରେ ଦଣ୍ଡାଦେଶ ମିଳିଛି। ଏହି ଦଣ୍ଡାଦେଶ ପିପିଲି ସହକାରୀ ଦୌରା ଜଜ ଶୁଣାଇଛନ୍ତି। ଦଣ୍ଡାଦେଶ ପରେ ହତ୍ୟାକାରୀ ସ୍ୱାମୀକୁ କୋର୍ଟ ନିମାପଡା ସୁଧାର ଗୃହକୁ ପଠାଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ମୋକଦ୍ଦମା ବିଚାର ସମୟରେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଛଅ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଖଲାସ କରି ଦେଇଛନ୍ତି । ଖାଲି ସେତିକି ନୁହେଁ କୋର୍ଟ ଦଣ୍ଡାଦେଶରେ ଆଦେଶ ହୋଇଥିବା ଜୋରିମାନା ଅର୍ଥ ମୃତ ମହିଳାଙ୍କ ଝିଅକୁ ଦିଆଯିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ସୂଚନାଅନୁଯାୟୀ ଡେଲାଙ୍ଗ ଥାନା ମଳିଗାଁ ଗ୍ରାମର ମୃତ ଝୁନାମଣି ସ୍ୱାଇଁଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଉକ୍ତ ଗ୍ରାମର ଅଭିମନ୍ୟୁ ସ୍ୱାଇଁଙ୍କୁ ୨୦୦୫ ମାର୍ଚ୍ଚ ୧୬ ତାରିଖରେ ବିବାହ କରିଥିଲେ। ବାହାଘର ସମୟରେ ସ୍ୱାମୀ ଘର ପରିବାର ଯୌତୁକ ଦାବୀ ମୁତାବକ ୫୦ ହଜାର ଟଙ୍କା. ସୁନା ଚେନ. ସୁନା ମୁଦି ଏବଂ ମୃତ ଅଭିଯୋଗ କାରିଣୀ ୫ ଭରି ସୁନା ଗହଣା ନେଇ ଥିଲେ। କିଛି ଦିନ ଭଲରେ ଚଳିବା ପରେ ସ୍ୱାମୀଙ୍କ ଔରସରୁ ଏବଂ ମୃତ ଅଭିଯୋଗ କାରିଣୀଙ୍କ ଗର୍ଭରୁ ଏକ କନ୍ୟା ସନ୍ତାନ ଜନ୍ମ ଗ୍ରହଣ କରିଥିଲେ। ଝିଅ ହେବା ଜାଣି ସ୍ୱାମୀ ଓ ପରିବାର ସଦସ୍ୟ ନିର୍ଯ୍ୟାତନା ଦେବା ସହିତ ଅଧିକ ୪୦ ହଜାର ଟଙ୍କା ଦାବି କରିଥିଲେ। ଯାହାକି ଏନେଇ ବୁଢାପଡା ସୋମନାଥଦେବଙ୍କ ପ୍ରାଙ୍ଗଣରେ ସମାଧାନ ହୋଇଥିଲା। ଅଭିଯୋଗ କାରିଣୀ ୨୦୧୨ ମସିହାରେ ସ୍ୱାମୀଙ୍କ ଘରକୁ ଯାଇ ଥିବା ବେଳେ ସ୍ୱାମୀ ଓ ପରିବାର ନିର୍ଯ୍ୟାତନା ଦେଇ ଥିଲେ । ଏହାରି ମଧ୍ୟରେ ସ୍ୱାମୀ ୨୦୧୨ ମସିହାରେ ପିପିଲି ଥାନା ଅଞ୍ଚଳରେ ଦ୍ୱିତୀୟ ବିବାହ କରିବା ନେଇ ଥାନାରେ ଆଠ ଜଣକ ନାମରେ ଅଭିଯୋଗ ହୋଇ ଥିଲା। ସେ ସମୟର ଡେଲାଙ୍ଗ ଥାନା ଆଇ ଆଇ ସି ସନତ କୁମାର ନାଥ ଶର୍ମା ଡେଲାଙ୍ଗ ଥାନା କେଶ ନଂ ୪୦/୨୦୧୨ ରେ ମାମଲା ଆଗତ କରି ମାମଲାର ତଦନ୍ତ ଦାୟିତ୍ୱ ଏ ଏସ ଆଇ ପି. କେ ଯୁଝିଆରସିଂଙ୍କୁ ଦାୟିତ୍ୱ ଦେଇ ଥିଲେ। ଏହା ପରେ ସ୍ୱାମୀର ନିର୍ଯାତନା ସହି ନପାରି ମହିଳା ଅଭିଯୋଗ କାରିଣୀ ନିଜର ଝିଅକୁ ଛାଡି ଆତ୍ମହତ୍ୟା କରି ଥିବା ବେଳେ ପୋଲିସ ତଦନ୍ତ ସମୟରେ ବର୍ଦ୍ଧିତ ଦଫା ଲଗାଇ କୋର୍ଟରେ ଚାର୍ଜ ସିଟ ଦାଖଲ କରିଥିଲା। ଏହି ମାମଲାରେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ମାନ୍ୟବର କୋର୍ଟ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ମୃତ୍ୟୁ ବରଣ କରି ଥିବା ବେଳେ ଅନ୍ୟ ଛଅ ଜଣକୁ ନିର୍ଦୋଷରେ ଖଲାସ କରିଛନ୍ତି। ସ୍ୱାମୀ ଅଭିମନ୍ୟୁ ସ୍ୱାଇଁଙ୍କୁ ଦଫା -୩୦୬ ରେ ୫ ବର୍ଷ ଦଣ୍ଡାଦେଶ ଦେବା ସହିତ ୧୦ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି।

## ୭ ବର୍ଷୀୟା ଶିଶୁ କନ୍ୟାକୁ ବଳାତ୍କାର ଉଦ୍ୟମ ଅଭିଯୋଗ

### ଅଭିଯୁକ୍ତ ସମ୍ପର୍କୀୟ ଅଜା ଗିରଫ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅଞ୍ଚଳରେ ଏକ ଲଜ୍ୟାକର ଘଟଣା ଘଟିଛି। ଜଣେ ସମ୍ପର୍କୀୟ ଅଜା ୭ ବର୍ଷର ନାତୁଣୀଙ୍କୁ ବଳାତ୍କାର ଉଦ୍ୟମ କରି ପୋଲିସ ଦ୍ୱାରା ଗିରଫ ହେବା ଘଟଣା ଆଲୋଡନ ସୃଷ୍ଟି କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋବିନ୍ଦପୁର ଥାନା ଅଞ୍ଚଳର ସରୋଜ ଭାଘ(୨୫)ଓରଫ ସଜିତ। ପିଡିତାଙ୍କ ପରିବାରର ରିପୋର୍ଟ ଆଧାରରେ ପୋଲିସ ଗୋବିନ୍ଦପୁର ଥାନା କେଶ ନଂ ୭୬/୨୦୨୬ ବିଏନଏସ ଦଫା. ୬୪/୬୨/୭୪/ ୧୨୬(୨)/୧୧୫(୨) /୩(୫) ପକସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ସମ୍ବଲପୁର ପକସୋ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ପୀଡ଼ିତା ଶିଶୁ କନ୍ୟା ଜଣକ ହେଉଛନ୍ତି ରାଜସ୍ଥାନ ରାଜ୍ୟ ଖାଟୁଶ୍ୟାମ ଅଞ୍ଚଳର। କିଛିଦିନ ପୂର୍ବରୁ ପୀଡ଼ିତା ନିଜ ମା'ଙ୍କ ସହ ବାମରା ଅଞ୍ଚଳର ଆଇ ଘରକୁ ଆସିଥିଲେ। ୨୭ ତାରିଖ ସକାଳେ ପୀଡ଼ିତାଙ୍କ ମା'ଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ସୁନ୍ଦରଗଡ଼ ମେଡିକାଲକୁ ନିଆଯାଇଥିଲା। ଏହି ସମୟରେ ଘରେ କେହି ନଥିବା ସୁଯୋଗ ନେଇ ଅଭିଯୁକ୍ତ ସରୋଜ ପିଡିତା ଶିଶୁଙ୍କୁ ଥଣ୍ଡା ପିଆଇବା ପ୍ରଲୋଭନ ଦେଖାଇ ଗ୍ରାମ ନିକଟସ୍ଥ ଆମ୍ବ ତୋଟାକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ପିଡିତା ଶିଶୁ ଦୀର୍ଘ ସମୟ ଧରି ଘରେ ନଥିବାରୁ ତାଙ୍କ ମାଉସୀ ଓ ଆଇ ଖୋଜାଖୋଜି କରି ଆମ୍ବ ତୋଟା ନିକଟରେ ପହଞ୍ଚିଥିଲେ। ସେମାନଙ୍କୁ ଦେଖି ଅଭିଯୁକ୍ତ ଜଣକ ସେଠାରୁ ଦୌଡ଼ି ପଳାଇଥିଲେ। ପରେ ଅଭିଯୁକ୍ତଙ୍କ ଭାଇଙ୍କୁ ସେମାନେ ଘଟଣା ସମ୍ପର୍କରେ ଜଣାଇଥିଲେ। ପୀଡିତାଙ୍କ ମା ସୁସ୍ଥ ହୋଇ ଘରକୁ ଫେରିବା ପରେ ଘଟଣା ସମ୍ପର୍କରେ ଜାଣି ପରିବାର ପକ୍ଷରୁ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

## ଭତ୍ତା ଟଙ୍କା ପାଇଁ ଚିନ୍ତାରେ ହିତାଧିକାରୀ

### ୩ ମାସ ଧରି ଆକାଉଣ୍ଟକୁ ଆସିନି ଟଙ୍କା

ଜଟଣୀ(ନିପ୍ର): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅସହାୟ ବୃଦ୍ଧ ଓ ବୃଦ୍ଧା ହିତାଧିକାରୀ ମାନଙ୍କୁ ମାସିକ ଭତ୍ତା ଯୋଗାଇ ଦିଆଯାଏ । ରାଜ୍ୟ ସରକାରଙ୍କ ତରଫରୁ ମଧୁବାବୁ ପେନସନ ଯୋଜନା ହିତାଧିକାରୀ ମାନଙ୍କୁ ଭତ୍ତା ସଠିକ ସମୟରେ ପ୍ରତ୍ୟକ ମାସରେ ପ୍ରତ୍ୟକ ୱାର୍ଡକୁ ପୌରପରିଷଦର କର୍ମୀ ଗସ୍ତ କରି ବଣ୍ଟନ କରିଥାନ୍ତି । ସୂଚନା ମୁତାବକ କେନ୍ଦ୍ର ସରକାରଙ୍କ ଦ୍ୱାରା ଯେଉଁ ଭତ୍ତା ଅସହାୟ ବୃଦ୍ଧ ଏବଂ ବୃଦ୍ଧା ମାନଙ୍କୁ ଦିଆଯାଏ ତାହା ହିତାଧିକାରୀ ମାନଙ୍କ ଆକାଉଣ୍ଟକୁ ସିଧା ସଳଖ ଡିପୋଜିଟ ହୋଇଥାଏ । କିନ୍ତୁ ଅତି ଦୁଃଖର ବିଷୟ ଆଜକୁ ୩ ମାସ ଧରି ଏହି ଭତ୍ତା ପାଇବାରେ ବଂଚିତ ଅଛନ୍ତି ଅସହାୟ ବୃଦ୍ଧବୃଦ୍ଧା ଗଣ । ପୌରପରିଷଦରେ କାର୍ଯ୍ୟରତ କର୍ମଚାରୀଙ୍କୁ ପଚାରିଲେ ଉତ୍ତର ମିଳେ ଆମ ପାଖରେ ଥିବା ହିତାଧିକାରୀଙ୍କ ସମସ୍ତ ଚିଠା ଆମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଚିଠି କରିଅଛୁ । ଏହା ଜିଲ୍ଲାପାଳଙ୍କ ପକ୍ଷରୁ ଦସ୍ତଖତ ହୋଇ ଆସିଲା ପରେ ହିତାଧିକାରୀ ମାନେ ଉପକୃତ ହୋଇ ପାରିବେ । କିନ୍ତୁ ହିତାଧିକାରୀ କେବେ ଏହା ପାଇବେ ତାହା ଆମ ପାଖରେ କୌଣସି ସୂଚନା ନାହିଁ ।ଯାହାକୁ ନେଇ ହିତାଧିକାରୀ ମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି । ଭତ୍ତା ଟଙ୍କା ଉପରେ ନିର୍ଭର କରି ଜୀବନ ଜୀବିକା ଚଳାଉଥିବା ଶତାଧିକ ବୃଦ୍ଧବୃଦ୍ଧା ପୌରପରିଷଦ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ।ଜଟଣୀ ପୌରାପରିଷଦର ୨୩ ୱାର୍ଡରେ ପ୍ରାୟ ୧୯୦୦ ରୁ ଅଧିକ ହିତାଧିକାରୀ ନିୟମିତ ଭାବେ ମାସିକ ଭତ୍ତା ପାଇଥାନ୍ତି।

## ଜମନକିରା ସାପ୍ତାହିକ ହାଟରେ ଚାଷୀନେତାଙ୍କୁ ମରଣାନ୍ତକ ଆକ୍ରମଣ

### ସାତଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ଦାବି

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ସାପ୍ତାହିକ ହାଟରେ ଗତ ୨୨ ତାରିଖରେ ପ୍ରମୋଦ ପଟେଲ ଓ ତାଙ୍କ ପୁଅ ହିତେଶଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। କଟଙ୍ଗପାଣି ଗଜଲକ୍ଷ୍ମୀ କୃଷକ ସଂଘ ସଭାପତି ପ୍ରମୋଦ ପଟେଲ ଗତ ଖରିଫ ଧାନକ୍ରୟ ସମୟରେ ମଣ୍ଡିରେ କଟନି ଛଟନିକୁ ବିରୋଧ କରିଥିଲେ। ଏଣୁ ଏଥିରେ କିଛି ବ୍ୟବସାୟୀଙ୍କ ସ୍ୱାର୍ଥରେ ବାଧା ସୃଷ୍ଟି ହୋଇଥିଲା। ଗତ ୨୨ ତାରିଖ ଦିନ ପ୍ରମୋଦ ପଟେଲ ଓ ତାଙ୍କ ପୁଅ ପରିବା ବିକ୍ରି କରିବା ପାଇଁ ଜମନକିରା ସାପ୍ତାହିକ ହାଟକୁ ଯାଇଥିଲେ। ସେଠାରେ ମିଲର ଏଜେଣ୍ଟ କହୁଥିବା ଧାନ ବ୍ୟବସାୟୀ ଭରତ ବଢେଇ ଓ ତାଙ୍କ କିଛି ସାଥି ପୂର୍ବ ଧାନକ୍ରୟ ଘଟଣାକୁ ନେଇ ଆକ୍ରୋଶମୂଳକ ଭାବେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏଥିରେ ପ୍ରମୋଦ ଓ ତାଙ୍କ ପୁଅ ଗୁରୁତର ଆହତ ହୋଇଥିଲେ। ଏନେଇ ଜମନକିରା ଥାନାରେ ମାମଲା ରୁଜୁ ହୋଇଛି। ମାତ୍ର ଅଭିଯୁକ୍ତମାନେ ଗିରଫ ହୋଇନାହାନ୍ତି। ଏଣୁ ଗୁରୁବାର ମିଳିତ କୃଷକ ସଂଘ ପକ୍ଷରୁ କଟଙ୍ଗପାଣି ଗ୍ରାମୀଣ ପାର୍କ ଠାରେ ବରିଷ୍ଠ ଚାଷୀ ନେତା ଚୁଡାମଣି ପଟେଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏହି ଘଟଣାକୁ ନିନ୍ଦା କରିବା ସହ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ଭରତ ବଢ଼େଇ ଏବଂ ତାଙ୍କ ସାଥି ମାନଙ୍କୁ ସାତ ଦିନ ମଧ୍ୟରେ ଗିରଫ କରାନଗଲେ ମିଳିତ କୃଷକ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଛି। ଏହି ମର୍ମରେ ଏକ ଦାବିପତ୍ର ସମ୍ବଲପୁର ଜିଲ୍ଲାପାଳ ଓ ଏସପିଙ୍କୁ ପ୍ରଦାନ କରିଯିବା ପାଇଁ ସର୍ବ ସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ କରାଯାଇଛି।

## ଲୋକଙ୍କ ହାତରେ ଧରାପଡ଼ିଲେ ଦୁଇ ଲୁଟେରା

ଭୁବନେଶ୍ୱର(ନିପ୍ର): କ୍ୟାପିଟାଲ ଥାନା ପୋଲିସ ଶନିବାର ଦୁଇଜଣ ସୁନା ଚେନ ଲୁଟେରାଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଗିରଫ ଦୁଇ ଲୁଟେରା ହେଉଛନ୍ତି,ଖୋର୍ଦ୍ଧା ବାଣପୁରର ରାଜେଶ ନାୟକ (୩୨) ଓ ସନ୍ତୋଷ ନାୟକ (୩୫)। ଏନେଇ ପୁଷ୍ପାଞ୍ଜଳି ବେହେରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଶୁକ୍ରବାର ତାରିଖ ରାତି ପ୍ରାୟ ୧୦ଟା୪୫ ସମୟରେ କ୍ୟାପିଟାଲ ଥାନା ଅଞ୍ଚଳରେ ପୁଲିସ ପାଟ୍ରୋଲିଂ ଡ୍ୟୁଟି ଚାଲିଥିବା ବେଳେ ପିସିଆର କର୍ମଚାରୀଙ୍କଠାରୁ ସୂଚନା ମିଳିଥିଲା ଯେ, ୟୁନିଟ୍-୨ ସ୍ଥିତ ଜୋତା ଗଳି ନିକଟରେ ଦୁଇ ଜଣ ବ୍ୟକ୍ତିଙ୍କୁ ଏକ ସ୍କୁଟି ସହ ସ୍ଥାନୀୟ ଲୋକେ ଅଟକ ରଖିଛନ୍ତି। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ପରେ ଜଣାପଡ଼ିଥିଲା ଯେ, ଉକ୍ତ ଦୁଇ ଜଣ ବ୍ୟକ୍ତି ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଝାଂପି ନେବାକୁ ଉଦ୍ୟମ କରିଥିଲେ। ମାତ୍ର ସେମାନେ ଉଦ୍ୟମରେ ବିଫଳ ହେବା ପରେ ଦ୍ରୁତ ଗତିରେ ସ୍କୁଟି ଚଳାଇ ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ସ୍ଥାନୀୟ ଲୋକମାନେ ସେମାନଙ୍କୁ କାବୁ କରି ଅଟକ ରଖିଥିଲେ। ପରେ ପୁଲିସ ସେମାନଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ସ୍କୁଟିର ଯାଞ୍ଚ ସମୟରେ ଆଗ ଓ ପଛ ନମ୍ବର ପ୍ଲେଟରେ ଉଲ୍ଲେଖ ଥିବା ରେଜିଷ୍ଟ୍ରେସନ୍ ନମ୍ବର ମଧ୍ୟରେ ସମନ୍ୱୟ ନଥିବା ଦେଖାଯାଇଥିଲା।

## ଲିଫ୍ଟ ମାଗି ମୋଟର ସାଇକେଲ ଛଡ଼ାଇ ନେଲେ; ଆସାମୀ ଗିରଫ



ନିମାପଡ଼ା, (ନି.ପ୍ର.): ନିମାପଡ଼ା ପୋଲିସ ଆକ୍ସନ ମୋଡ଼ରେ କାମ କରି ଚର୍ଚ୍ଚାକୁ ଆସିଛି । ଅସ୍ତରଙ୍ଗ ଅଞ୍ଚଳର ଜଣେ ଯୁବକ ରତିକାନ୍ତ ବାରିକ (୨୨)ଙ୍କ ପଲସର ମୋଟର ସାଇକେଲକୁ ଛଡ଼ାଇ ନେଇଥିବା ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନା ଅନ୍ତର୍ଗତ ଅଡ଼ଙ୍ଗ ଅଣଖିଆ ଗ୍ରାମର ସୌରଭ ଦାସ (୨୮)କୁ ଦକ୍ଷତାର ସହ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଥିବା ଥାନା ନିରୀକ୍ଷକ ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି । ଆସାମୀ ରତିକାନ୍ତକୁ ପିପିଲି ଠାରେ ଲିଫ୍ଟ ଦେବା ପାଇଁ ଅନୁରୋଧ କରି ନିମାପଡ଼ା ନୂଆ ବସ୍‌ଷ୍ଟାଣ୍ଡରେ ପାଣି ପିଇବା ବାହାନରେ ଅଟକାଇ ଥିଲେ । ପାଣି ପିଉଥିବା ବେଳେ ଆସାମୀ ହଠାତ୍ ଗାଡ଼ି ଷ୍ଟାର୍ଟ କରି ପିପିଲି ଅଭିମୁଖେ ପଳାଇ ଥିଲେ । ବହୁ ଖୋଜାଖୋଜି ପରେ ଗାଡ଼ି ନ ପାଇବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ । ଥାନା ଅଧିକାରୀଙ୍କ ଯୋଜନା ମୁତାବକ ୨ ଜଣ ଅଫିସର ବିଭିନ୍ନ ସ୍ଥାନରେ ବଜାଜ ପଲସର ଗାଡ଼ି ଉପରେ ନଜର ରଖିବା ସାଙ୍ଗକୁ ଆସାମୀଙ୍କ ଫୋନ୍ ଟ୍ରାକିଂ କରିଥିଲେ। ପିପିଲିରୁ ନିମାପଡ଼ା ଆସୁଥିବା ଜାଣି ତଳ ଅଣ୍ଟିଆ ଛକରେ ପୋଲିସ ମୁତୟନ ଥିବା ସତ୍ୱେ ସେ ଦ୍ରୁତ ଗତିରେ ପାଟପୁର ଗ୍ରାମରେ ପହଂଚି ଜଣଙ୍କ ଘରେ ଲୁଚି ଯାଇଥିଲେ। ଥାନା ଷ୍ଟାଫ୍ ସଦଳବଳେ ସେଠାରେ ପହଂଚି ଗାଡ଼ି (ଓଡ଼ି ୩୩ ଏୟୁ ୭୯୧୪) ଜବତ କରି ଆସାମୀକୁ ଗିରଫ କରିଥିଲେ । ଏକ ମୋକଦ୍ଦମା ୧୭୩/୨୬ ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

# ବାଲୁକା କଳା ମାଧ୍ୟମରେ ସୁଦର୍ଶନଙ୍କ ଏସଆଇଆର ସଚେତନତା ବାର୍ତ୍ତା




ପୁରୀ/ଭୁବନେଶ୍ୱର,୩୦।୫(ନିପ୍ର): ଏସଆଇଆର ଶୁଭାରମ୍ଭ ପୂର୍ବରୁ ପୁରୀ ବେଳାଭୂମିରେ ଭୋଟର ସଚେତନତା କାର୍ଯ୍ୟକ୍ରମର ଝଲକ୍ ଦେଖାଯାଇଛି । ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ନିଜର ଆକର୍ଷଣୀୟ ବାଲୁକା କଳା ମାଧ୍ୟମରେ ଏସଆଇଆର ସମ୍ପର୍କରେ ସଚେତନତା ସୃଷ୍ଟି କରିଛନ୍ତି । ପ୍ରଥମ ଦିନରେ ୨ ଲକ୍ଷ ୫୯ ହଜାର ୧୬୬ ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇଛି । ବିଏଲଓଙ୍କୁ ସହଯୋଗ ପାଇଁ ୩୩ ହଜାରରୁ ଅଧିକ କର୍ମୀ ନିୟୋଜିତ ହୋଇଛନ୍ତି ।

# ମାଲେସିଆକୁ ୨-୧ରେ ହରାଇଲା ଭାରତ



କାକାମିଘାରା,୩୦।୫: ଜାପାନର କାକାମିଘାରାଠାରେ ଆୟୋଜିତ ୧୮ ବର୍ଷରୁ କମ୍ ଏସିଆ କପ୍‌ରେ ବିଜୟରୁ ନିଜର ଅଭିଯାନ ଆରମ୍ଭ କରିଛି ଭାରତ । ଉଭୟ ବାଳକ ଓ ବାଳିକା ଦଳ ନିଜ ନିଜର ପ୍ରଥମ ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି । ଶନିବାର ପୁଲ୍ 'ଏ' ମ୍ୟାଚ୍‌ରେ ଭାରତ ୨-୧ ଗୋଲ୍‌ରେ ମାଲେସିଆକୁ ପରାସ୍ତ କରିଛି । ଭାରତ ପକ୍ଷରୁ ନୌସିନ୍ ନାଜ୍ ଦୁଇଟି ଗୋଲ୍ ଦେଇଥିଲେ । ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର ଗୋଲ୍ ଶୂନ୍ୟ ରହିବା ପରେ ୧୯ ତମ ମିନିଟ୍‌ରେ ନୌସିନ୍ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିବର୍ତ୍ତନ କରିବାକୁ ସଫଳ ହୋଇଥିଲେ । ଏହା ସହିତ ଭାରତ ୧-୦ରେ ଅଗ୍ରଣୀ ହୋଇଥିଲା । ୨୮ ତମ ମିନିଟ୍‌ରେ ପୁଣିଥରେ ନୌସିନ୍ ଆଉ ଏକ ଗୋଲ୍ ଦେଇ ସ୍କୋରକୁ ୨-୦କୁ ନେଇଯାଇଥିଲେ । ତେବେ ୪୧ତମ ମିନିଟ୍‌ରେ ମାଲେସିଆର ନୂର ଆଜ୍‌ଲି ଭାରତର ପ୍ରତିରକ୍ଷାକୁ ଭେଦ କରିବାକୁ ସଫଳ ହେବା ସହ ଏକ ଗୋଲ୍ ଦେଇଥିଲେ । ଏହା ସହିତ ସେ ବ୍ୟବଧାନକୁ ୨-୧କୁ କମାଇବାରେ ସଫଳ ହୋଇଥିଲେ । ଚତୁର୍ଥ କ୍ୱାର୍ଟରରେ ମାଲେସିଆର ଘନ ଘନ ଆକ୍ରମଣକୁ ଭାରତୀୟ ପ୍ରତିରକ୍ଷା ବିଫଳ କରିବା ସହ ମ୍ୟାଚ୍‌କୁ ଜିତିବାରେ ସଫଳ ହୋଇଥିଲା । ଦୁଇଟି ଗୋଲ୍ ପାଇଁ ନୌସିନ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା ।

### ଡକାୟତି ଯୋଜନା ପଣ୍ଡ

# ପୋଲିସ ଏନ୍‌କାଉଣ୍ଟରରେ ଜୟ ଚୌହାନ ଆହତ

## ୫ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

ଝାରସୁଗୁଡ଼ା,୩୦।୫(ନିପ୍ର): ଝାରସୁଗୁଡ଼ା ଜିଲ୍ଲା ପୋଲିସ ଏକ ବଡ଼ ସଫଳତା ହାସଲ କରିଛି । ରେଙ୍ଗାଲି ଥାନା ଅଞ୍ଚଳରେ ସକ୍ରିୟ ଥିବା ଏକ ସଶସ୍ତ୍ର ଡକାୟତି ଗ୍ୟାଙ୍ଗର ଯୋଜନାକୁ ପଣ୍ଡ କରିବା ସହ ୫ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରିଛି । ଏହି ଅପରେସନ ସମୟରେ ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ଗ୍ୟାଙ୍ଗର ସଦସ୍ୟ ଜୟ ଚୌହାନ (୩୦) ଆହତ ହୋଇଛି । ଏସପିଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପୋଲିସକୁ ଗୁପ୍ତ ସୂତ୍ରରୁ ଖବର ମିଳିଥିଲା ଯେ, ଏକ ସଶସ୍ତ୍ର ଡକାୟତି ଦଳ ରେଙ୍ଗାଲି ଅଞ୍ଚଳରେ ପ୍ରବେଶ କରି ଏକ ଆର୍ଥିକ ପ୍ରତିଷ୍ଠାନ ଉପରେ ଡକାୟତି କରିବାକୁ ଯୋଜନା କରୁଛି । ପରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇ ଗ୍ୟାଙ୍ଗ ଉପରେ ନଜର ରଖାଯାଇଥିଲା । ଅପରେସନ ବେଳେ ଲଖନପୁର ବ୍ଲକ କଦମଘାଟ ମା' ଘଣ୍ଟେଶ୍ୱରୀ ମନ୍ଦିର ନିକଟରେ ଏକ ସନ୍ଦିଗ୍ଧ ପିକଅପ୍ ଭ୍ୟାନକୁ ପୋଲିସ ଚିହ୍ନଟ କରିଥିଲା । ପୋଲିସ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିବାରୁ ଅପରାଧୀମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ । ପରେ ପୋଲିସ ପକ୍ଷରୁ ଗାଡ଼ିର ପଛ ଭାଗକୁ ଲକ୍ଷ୍ୟ କରି ନିୟନ୍ତ୍ରିତ ଗୁଳି ଚାଳନା କରାଯାଇଥିଲା । ଏହି ସମୟରେ ଜୟ ଚୌହାନ ପୋଲିସ ଟିମ୍ ଉପରକୁ ଗୁଳି ଚଳାଇଥିବା ଅଭିଯୋଗ ହୋଇଛି । ବାରମ୍ବାର ଆତ୍ମସମର୍ପଣ କରିବାକୁ ସତର୍କ କରାଯାଇଥିଲେ ମଧ୍ୟ ସେ ଗୁଳି ଚଳାଇବା ଜାରି ରଖିବାରୁ ପୋଲିସ ଆତ୍ମରକ୍ଷାର୍ଥେ ପାଲଟା ଗୁଳି ଚଳାଇଥିଲା । ଫଳରେ ଜୟର ଡାହାଣ ଗୋଡ଼ରେ ଗୁଳି ବାଜିଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ଜୟ ଚୌହାନ (୩୦), କରନ ଚୌହାନ (୨୮), ବିଶ୍ୱଜିତ ନାୟକ (୨୭), ସନ୍ତୋଷ ମହାତୋ ଓରଫ ବାଡେ (୨୮) ଏବଂ ରୋହିତ କୁମାର ସିଂ ଓରଫ ରବି ଓରଫ ବାରୁଦ (୩୦) ।

# ଭିନ୍ନ ଭିନ୍ନ ସ୍ଥାନରେ ଦୁଇଜଣଙ୍କୁ ହତ୍ୟା

ରାୟଗଡ଼ା/ଟିଟିଲାଗଡ,୩୦।୫: ରାୟଗଡ଼ା ଜିଲ୍ଲାର ପଦ୍ମପୁର ଥାନା ଅନ୍ତର୍ଗତ ବଲ୍ଲଭପୁର ଗାଁରେ ଏକ ବିବାହ ଭୋଜି ବେଳେ ଜଣେ ମଦ୍ୟପ ଯୁବକ ଅନ୍ୟ ଜଣଙ୍କୁ ଟାଙ୍ଗିଆ ଚୋଟରେ ଆକ୍ରମଣ କରି ହତ୍ୟା କରିଥିବା ଆଲୋଡ଼ନ ସୃଷ୍ଟି କରିଛି । ୩୭ ବର୍ଷୀୟ ରବି ଶବର ଅନ୍ୟମାନଙ୍କ ସହିତ ଭୋଜିରେ ଥିବା ସମୟରେ ଅଭିଯୁକ୍ତ ଶ୍ୟାମ ପରଜା ନିଶାସକ୍ତ ଅବସ୍ଥାରେ ପହଞ୍ଚି ଟାଙ୍ଗିଆରେ ଆକ୍ରମଣ କରିବାରୁ ରବିଙ୍କ ମୃତ୍ୟୁ ଘଟିଛି । ସେହିପରି ଟିଟିଲାଗଡ଼ ଅନ୍ତର୍ଗତ ମଦଭାଟିପଡ଼ାରେ ଜିତେନ୍ ମାଝୀ ନାମକ ଜଣେ ୩୫ ବର୍ଷୀୟ ଯୁବକଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତକ ଜଣକ ଟିଟିଲାଗଡ଼ଠାରେ ପୋଲିସର ଏକ ଗାଡ଼ିରେ ଚୁକ୍ତିଭିତ୍ତିକ ଡ୍ରାଇଭର ଭାବରେ କାର୍ଯ୍ୟ କରୁଥିଲେ ।

# ରଥଯାତ୍ରା ଅବସରରେ ରେଳବାଇ ପରିଚାଳନା ସମ୍ପର୍କରେ ସମୀକ୍ଷା



ପୁରୀ,୩୦।୫(ନିପ୍ର): ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ରେଳବାଇର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଶନିବାର ଅପରାହ୍ନ ରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ସମୟରେ ରେଳବାଇର ବିବିଧ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ । ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀମାନଙ୍କ ଯାତାୟତ ପାଇଁ ରେଳବାଇ ଏକ ପ୍ରମୁଖ ମାଧ୍ୟମ । ତେଣୁ ଯାତ୍ରୀ ସୁବିଧା, ସୁରକ୍ଷା, ବିବିଧ ସୂଚନା ପ୍ରଦାନ, ସେମାନଙ୍କ ରହଣି ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ରେଳବାଇ କର୍ତ୍ତୃପକ୍ଷଙ୍କ ର ଆୟୋଜନ ସମ୍ପର୍କରେ ବିଷଦ ଭାବେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଅତିରିକ୍ତ ଡିଜି ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି ଅରୁଣ ବୋଥ୍ରା,କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ, ଆଇଜି ଆରପିଏଫ ଅଶୋକ ବେହେରା,ଏସପି ପ୍ରତୀକ ସିଂ, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା,ରେଳୱେ ଷ୍ଟେସନ ଡାଇରେକ୍ଟର ପ୍ରମୁଖ ଯୋଗ ଦେଇ ପୁରୀଠାରୁ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧା ରୋଡକୁ ଅଧିକ ରେଳ ଚଲାଯିବା ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ । ଏହା ଦ୍ୱାରା ଯାତ୍ରୀ ମାନଙ୍କର ଭିଡ ହ୍ରାସ ହୋଇ ପାରିବ । ସେହିପରି ଯାତ୍ରୀ ବିଶ୍ରାମ ସ୍ଥଳ, ଶୌଚାଳୟ, ଅଧିକ ଟିକେଟ କାଉଁଟର ଖୋଲିବା, ବର୍ଷା ହେଲେ ଯେଉଁ ଠାରେ ଜଳ ଜମିବା ଆଶଙ୍କା ରହୁଛି ତାହାକୁ ଚିହ୍ନଟ ସହ ତ୍ୱରିତ ଜଳ ନିଷ୍କାସନ ବ୍ୟବସ୍ଥା କରିବା, ଯାତ୍ରୀମାନଙ୍କୁ ଅଧିକରୁ ଅଧିକ ଅପ ଟୁ ଡେଟ ସୂଚନା ପ୍ରଦାନ କରିବା, ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ଅନ୍ନଦାନ ବ୍ୟବସ୍ଥା କରିବା ଯାହା ଫଳରେ ପରିବେଶ ଅସ୍ୱଚ୍ଛ ରହିବ ନାହିଁ, ପାନୀୟ ଜଳର ବ୍ୟବସ୍ଥା କରିବା, ଯାତ୍ରୀ ସୁରକ୍ଷା ପାଇଁ ଆରପିଏଫଙ୍କୁ ଦାୟିତ୍ୱ ସହ ସିସିଟିଭିର ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ରେଳବାଇ ର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା । ରେଳବାଇ ପକ୍ଷରୁ ବିଭିନ୍ନ କାର୍ଯ୍ୟ ର ଅଗ୍ରଗତି ଓ ରଥଯାତ୍ରା ଲାଗି ଗ୍ରହଣ କରାଯିବା ପାଇଁ ଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଷ୍ଟେସନ ଡାଇରେକ୍ଟର ସୂଚନା ଦେଇଥିଲେ ।

# ସମ୍ବଲପୁର ଶୀତଳ ଷଷ୍ଠୀ ପାଇଁ ୧ କୋଟି ୮ଲକ୍ଷ ଅନୁଦାନ

ଭୁବନେଶ୍ୱର,୩୦।୫(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦେଶ କ୍ରମେ ସମ୍ବଲପୁର ଜିଲ୍ଲା ଶୀତଳ ଷଷ୍ଠୀ ପର୍ବ ପାଳନ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ୮ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ । ଚଳିତ ବର୍ଷ ସମ୍ବଲପୁର ଜିଲ୍ଲାର ସର୍ବମୋଟ ୨୧ଟି କମିଟିଙ୍କୁ ୧ କୋଟି ୮ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତିକୁ ସ୍ୱାଗତ କରିବା ସହ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, 'ସମ୍ବଲପୁରର ଶୀତଳ ଷଷ୍ଠୀ ପର୍ବ ଆମ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଶୀତଳ ଷଷ୍ଠୀକୁ ଭବ୍ୟତାର ସହ ପାଳନ କରିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତି ନେଇଛନ୍ତି । ଆମ ଓଡ଼ିଶାର ପର୍ବପର୍ବାଣି ଓ ଯାନିଯାତ୍ରାକୁ ବିଶ୍ୱ ଦରବାରରେ ଏକ ଅନନ୍ୟ ପରିଚୟ ପ୍ରଦାନ କରିବା ନିମନ୍ତେ ଆମ ସରକାର ପ୍ରତିଶ୍ରୁତିବଦ୍ଧ', ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ।

# ତୃଣମୂଳ ସ୍ତରରେ ଫୁଟବଲକୁ ପ୍ରୋତ୍ସାହିତ କରୁଛି ଏନଟିପିସି



ଭୁବନେଶ୍ୱର, ୩୦।୫: ତୃଣମୂଳ ସ୍ତରରେ ଫୁଟବଲକୁ ପ୍ରୋତ୍ସାହିତ କରିବା ଏବଂ ଯୁବ କ୍ରୀଡ଼ା ପ୍ରତିଭାକୁ ପୋଷଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏନଟିପିସି ବୋଙ୍ଗାଇଗାଓଁ କ୍ରୀଡ଼ା ପରିଷଦ ସହିତ ମିଳିତ ଭାବରେ, କୋକରାଝାର ଜିଲ୍ଲା କ୍ରୀଡ଼ା ସଂଘ ଫୁଟବଲ୍ ଲିଗ୍ ୨୦୨୬ ରେ ଅଂଶଗ୍ରହଣ କରିବା ପାଇଁ ବୋଙ୍ଗାଇଗାଓଁ ଦ୍ୱାରା ପ୍ରାୟୋଜିତ ପାୱାର ୱାରିୟର୍ସର ୧୩ ବର୍ଷରୁ କମ୍ ବୟସର ପୁଅମାନଙ୍କୁ କ୍ରୀଡ଼ା କିଟ୍ ବଣ୍ଟନ କରିଛି । ବୋଙ୍ଗାଇଗାଓଁର ପ୍ରକଳ୍ପ ମୁଖ୍ୟ ଅର୍ଣ୍ଣବ ମୈତ୍ର, ବୋଙ୍ଗାଇଗାଓଁର ମାନବ ସମ୍ବଳ ମୁଖ୍ୟ ଅମିତ କୁମାର ଆସ୍ଥାନା, କ୍ରୀଡ଼ା ପରିଷଦ, ମାନବ ସମ୍ବଳ ବିଭାଗ ଅଧିକାରୀ, ପ୍ରଶିକ୍ଷକ ଏବଂ ଯୁବ ଫୁଟବଲ୍ ଖେଳାଳିଙ୍କ ଉପସ୍ଥିତିରେ ଏହି କିଟ୍ ବଣ୍ଟନ କରିଥିଲେ । ଦଳର ଅଂଶଗ୍ରହଣ ଏକ ବିଶେଷ ମାଇଲଖୁଣ୍ଟ ଅଟେ କାରଣ ଏହା ଲିଗରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଏନଟିପିସି ବୋଙ୍ଗାଇଗାଓଁ ଦ୍ୱାରା ସମର୍ଥିତ ପ୍ରଥମ ୧୩ ବର୍ଷରୁ କମ୍ ବୟସର ଫୁଟବଲ୍ ଦଳ । ଏହି ପଦକ୍ଷେପ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା, ଯୁବ ବିକାଶ ଏବଂ ଅଞ୍ଚଳର ଆକାଂକ୍ଷୀ ଫୁଟବଲ୍ ଖେଳାଳିଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ପାଇଁ ବୋଙ୍ଗାଇଗାଓଁର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଦଳର ଏକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ହେଉଛି ପାଞ୍ଚ ଜଣ ଖେଳାଳି ବୋଙ୍ଗାଇଗାଓଁ କର୍ମଚାରୀଙ୍କ ପରିବାରର ସଦସ୍ୟ, ଯେଉଁମାନେ ପ୍ରଥମ ଥର ପାଇଁ ଏକ ୧୩ ବର୍ଷରୁ କମ୍ ଲିଗ୍ ପ୍ରତିଯୋଗିତାରେ ଷ୍ଟେସନର ପ୍ରତିନିଧିତ୍ୱ କରିବେ । ସେମାନଙ୍କ ଅଂଶଗ୍ରହଣ ଟାଉନସିପ୍ ମଧ୍ୟରେ ବଢୁଥିବା କ୍ରୀଡ଼ା ସଂସ୍କୃତି ଏବଂ ଶିକ୍ଷା ସହିତ କ୍ରୀଡ଼ା ପାଇଁ ପିଲାମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରେ ।

# ବେଦାନ୍ତ ଆଲୁମିନିୟମ ଯୁବ ନିଯୁକ୍ତିକୁ ସୁଦୃଢ଼ କରିଛି




ଝାରସୁଗୁଡ଼ା,୩୦।୫: ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ପ୍ରମୁଖ ଦକ୍ଷତା ବିକାଶ ପଦକ୍ଷେପ ଦକ୍ଷତା ମାଧ୍ୟମରେ ଝାରସୁଗୁଡ଼ାରେ ଯୁବକମାନଙ୍କ ନିଯୁକ୍ତି କ୍ଷମତାକୁ ବୃଦ୍ଧି କରିଛି । ସଂରଚିତ ତାଲିମ ଅଧିବେଶନ, ବ୍ୟାବହାରିକ ଶିକ୍ଷ ସମ୍ବୋଧନ ଏବଂ ନିଯୁକ୍ତି ସହାୟତା ମାଧ୍ୟମରେ, ଏହି କାର୍ଯ୍ୟକ୍ରମ ସେମାନଙ୍କୁ ଶିଳ୍ପ-ପ୍ରାସଙ୍ଗିକ କ୍ଷମତା ସହିତ ସଶକ୍ତ କରିବା ଲକ୍ଷ୍ୟ ରଖିଛି ଯାହାକି ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ନିଯୁକ୍ତି ସମ୍ଭାବନାକୁ ବୃଦ୍ଧି କରିବା ସହିତ ସ୍ଥାୟୀ ଜୀବିକା ପାଇଁ ନୂତନ ପଥ ଖୋଲିଥାଏ । ସାମାଜିକ ସଶକ୍ତିକରଣ ଏବଂ ଅର୍ଥନୈତିକ ବିକାଶ ସମାଜ ଏନଜିଓ ସହିତ ସହଭାଗିତାରେ କାର୍ଯ୍ୟକାରୀ, ଭେଦକ୍ଷତା ହେଉଛି ଗ୍ରାମୀଣ ଯୁବକମାନଙ୍କ ମଧ୍ୟରେ ବୈଷୟିକ ଦକ୍ଷତା, କର୍ମକ୍ଷେତ୍ର ପ୍ରସ୍ତୁତି ଏବଂ ଆତ୍ମବିଶ୍ୱାସ ନିର୍ମାଣ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ଆବାସିକ ଦକ୍ଷତା ବିକାଶ ପଦକ୍ଷେପ । ଏହି ଅଞ୍ଚଳର ପ୍ରଥମ ଉତ୍ସର୍ଗୀକୃତ ଆବାସିକ ଦକ୍ଷତା କେନ୍ଦ୍ର ମଧ୍ୟରୁ ଗୋଟିଏ ଭାବରେ, ଏହା ବର୍ତ୍ତମାନ ଖାଦ୍ୟ ଏବଂ ପାନୀୟ ସେବା, ମୋବାଇଲ୍ ମରାମତି ଏବଂ ହାର୍ଡୱେର୍ ଟେକ୍ନିସିଆନ୍ ଟ୍ରେଡ୍ରେ ତାଲିମ ପ୍ରଦାନ କରୁଛି, ଯାହା ଯୁବକମାନଙ୍କୁ ଆତିଥ୍ୟ, ଇଲେକ୍ଟ୍ରୋନିକ୍ସ ଏବଂ ଉତ୍ପାଦନ କ୍ଷେତ୍ରରେ ଜୀବିକା ନିର୍ବାହର ସୁଯୋଗ ପାଇବାକୁ ସକ୍ଷମ କରିଛି । ସମ୍ପ୍ରତି, କମ୍ପାନୀ ଏହି ପଦକ୍ଷେପ ଅଧୀନରେ ୬୦ ଜଣ ଯୁବକଙ୍କ ପାଇଁ ତାଲିମର ସଫଳ ସମାପ୍ତିକୁ ଚିହ୍ନିତ କରି ମୋବାଇଲ୍ ମରାମତି ଟେକ୍ନିସିଆନ୍ ଏବଂ ଖାଦ୍ୟ ଏବଂ ପାନୀୟ ଟ୍ରେଡ୍ ପ୍ରଶିକ୍ଷାର୍ଥୀଙ୍କ ପାଇଁ ବିଦାୟ ସମାରୋହ ଆୟୋଜନ କରିଥିଲା । ଏହି କାର୍ଯ୍ୟକ୍ରମ ଛାତ୍ର, ସେମାନଙ୍କର ପ୍ରଶିକ୍ଷକ ଏବଂ ବେଦାନ୍ତ ନେତୃତ୍ୱକୁ ଏକାଠି କରିଥିଲା, ଯେଉଁଠାରେ ଅଂଶଗ୍ରହଣକାରୀ ମାନେ ସେମାନଙ୍କର ଶିକ୍ଷଣ ଯାତ୍ରା ଏବଂ ଆତ୍ମବିଶ୍ୱାସ ଉପରେ ଆଲୋକପାତ କରିଥିଲେ ଏବଂ କମ୍ପାନୀ ସେମାନଙ୍କୁ ସେମାନଙ୍କ କ୍ୟାରିଅରରେ ବୃଦ୍ଧି ପାଇବା ସହିତ ଏହି ଭିତ୍ତିଭୂମି ଉପରେ ନିର୍ମାଣ କରିବାକୁ ଉତ୍ସାହିତ କରିଥିଲେ । ଏହି ଅବସରରେ, ବେଦାନ୍ତ ଆଲୁମିନିୟମର ସିଇଓ ସି ଚନ୍ଦ୍ରୁ, ଝାରସୁଗୁଡା କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ ଅର୍ଥପୂର୍ଣ୍ଣ ବିକାଶ ଦୀର୍ଘକାଳୀନ ଅଭିବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତାର ସୁଯୋଗ ମାଧ୍ୟମରେ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବା ସହିତ ଆରମ୍ଭ ହୁଏ ।

# ୧୭ତମ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦ୍‌ଯାପିତ




ଭୁବନେଶ୍ୱର,୩୦।୫(ନିପ୍ର): ୧୭ତମ କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ, ୨୦୨୬ କିଟ୍ ୟୁନିଭରସିଟିଠାରେ ଉଦ୍‌ଯାପିତ ହୋଇଯାଇଛି । ଇଣ୍ଟରନ୍ୟାସନାଲ ଚେସ୍ ଫେଡେରେସନ ଓ ଅଲଇଣ୍ଡିଆ ଚେସ୍ ଫେଡେରେସନ ଅଧୀନରେ ମେ ୨୩ରୁ ଏହା ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏହି ମହୋତ୍ସବରେ ରେକର୍ଡ ପାଣ୍ଠି ୧.୩୧ କୋଟିର ଅର୍ଥରାଶି ପୁରସ୍କାର ସ୍ୱରୂପ ଦିଆଯାଇଛି । ୪୦ରୁ ଅଧିକ ଦେଶରୁ ୪ ହଜାରରୁ ଅଧିକ ଖେଳାଳି ଏଥିରେ ଯୋଗ ଦେଇଥିଲେ । ଏଥିସହିତ ୨୫ ଗ୍ରାଣ୍ଡମାଷ୍ଟର, ୫୦ ଇଣ୍ଟରନ୍ୟାସନାଲ ମାଷ୍ଟର ଓ ୮୫ରୁ ଅଧିକ ଇଣ୍ଟରନ୍ୟାସନାଲ ଟାଇଟଲ ହୋଲଡର ଉପସ୍ଥିତ ଥିଲେ । ଉଦ୍‌ଯାପନୀରେ କମନୱେଲଥ ଚେସ୍ ଆସୋସିଏସନ ଚେୟାରମ୍ୟାନ ଭାରତ ସିଂ ଚୌହାନ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ, କିଟ୍, କିସ, କିମସ ଓ ଆର୍ଟ ଅଫ୍ ଗିଭିଂର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ । ଅନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ଥିଲେ, ରଂଜନ ମହାନ୍ତି, ସତ୍ୟରଂଜନ ପଟ୍ଟନାୟକ, ଜି.ସି. ମହାପାତ୍ର, ବସନ୍ତ ବି.ଏଚ, ପ୍ରଫେସର ଗଗନେନ୍ଦୁ ଦାସ ଓ ପ୍ରଫେସର ଜ୍ଞାନରଂଜନ ମହାନ୍ତି ।

# ପେଶାରେ ଡାକ୍ତର,ନିଶା ହେଉଛି ସମାଜସେବା



ଭାପୁର,୩୦।୫(ନିପ୍ର): ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡଃ ପ୍ରଦୀପ୍ତ କିଶୋର ପାଇକରାୟ ପେସାରେ ଜଣେ ଡାକ୍ତର ହେଲେ ମଧ୍ୟ ନିଶା ତାଙ୍କର ସମାଜସେବା । ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ କେଉଁଠି କ୍ରିକେଟ ଖେଳ କି ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ହେଲେ ସେ ସ୍ଥାନରେ ଡଃ ପାଇକରାୟ ପହଞ୍ଚି ଯାଇ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥାନ୍ତି । ସାଧାରଣ ଲୋକଙ୍କ ପାଇଁ ଡଃ ପାଇକରାୟ ଦରଦୀ ବନ୍ଧୁ । ରୋଗୀଟିଏ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଲେ ଚିକିତ୍ସା ପାଇଁ ପ୍ରଥମେ ଡଃ ପାଇକରାୟଙ୍କୁ ଖୋଜିଥାନ୍ତି । ଶନିବାର ଡଃ ପାଇକରାୟ ଭାପୁର ସଦର ମହକୁମାସ୍ଥ ବସଷ୍ଟାଣ୍ଡ ମଧ୍ୟରେ ଯାତ୍ରୀ ତଥା ବାଟୋଇ ମାନଙ୍କ ପାଇଁ ଜଳଛତ୍ର ଖୋଲି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ପ୍ରଥମଦିନ ସେ ନିଜେ ଅନ୍ୟମାନଙ୍କୁ ଜଳ ବଣ୍ଟନ କରି ଦୃଷ୍ଟି ଆକର୍ଷଣର ପାତ୍ର ହୋଇଥିଲେ । ସମାଜସେବା ପାଇଁ ଭାପୁର ଅଂଚଳରେ ସେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ।

# ଜାତୀୟସ୍ତରୀୟ ସୁନ୍ଦରୀ ପ୍ରତିଯୋଗିତା: ଭାଗ ନେଲେ ୮୦ ପ୍ରତିଯୋଗୀ





ଭୁବନେଶ୍ୱର,୩୦।୫: ଜାତୀୟସ୍ତରୀୟ ସୁନ୍ଦରୀ ପ୍ରତିଯୋଗିତା ସ୍ଥାନୀୟ ହୋଟେଲ ହିନ୍ଦୁସ୍ତାନ ଇଣ୍ଟରନ୍ୟାସନାଲରେ ଅନୁଷ୍ଠିତ ହୋଇଛି । ଏହାର ସେମିଫାଇନାଲ ଖୋର୍ଦ୍ଧା ସ୍ଥିତ କେଟି ଗ୍ଲୋବାଲ ସ୍କୁଲରେ ଅନୁଷ୍ଠିତ ହୋଇଥିଲା । ଏହାକୁ ସୁଚାରୁ ଭାବରେ ଆୟୋଜନ କରିଥିଲେ ମିସେସ୍ ଇଣ୍ଡିଆର ନିର୍ଦ୍ଦେଶିକା ସୁଶ୍ରୀ ଅୟନା ରାଉତରାୟ ଏବଂ ଏହାର ପରିଚାଳନା ନିର୍ଦ୍ଦେଶିକା ଜ୍ୟୋତିର୍ମୟୀ ମହାପାତ୍ର । ଦେଶର ବିଭିନ୍ନ ପ୍ରାନ୍ତରୁ ୮୦ ଜଣ ପ୍ରତିଯୋଗୀ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଦୁଇ ଦିନ ଧରି ଚାଲିଥିଲା ପ୍ରତିଯୋଗିତା । ବିଭିନ୍ନ ରାଉଣ୍ଡ ଯଥା: ରାଉଣ୍ଡ ଟ୍ୟାଲେଣ୍ଟେଡ, ପର୍ସନାଲ ଇଣ୍ଟରଭିଉ, ଫିଟନେସ , ଫୋଟୋ ସୁଟ ଅନୁଷ୍ଠିତ ହୋଇଥିଲା । ହୋଟେଲ ହିନ୍ଦୁସ୍ତାନ ଇଣ୍ଟରନ୍ୟାସନାଲରେ ନ୍ୟାସନାଲ କଷ୍ଟ୍ୟୁମ ରାଉଣ୍ଡ ଓ ପ୍ରଶ୍ନ-ଉତ୍ତର ରାଉଣ୍ଡ ହୋଇଥିଲା । ଏଥିରେ ଜୁରୀ ଭାବରେ ବିଶାଖାପାଟନମର ଲିୟନ ପ୍ରିନ୍ସ, ଫେମିନା ମିସେସ ଇଣ୍ଡିଆ ଓଡ଼ିଶା ଟପ ୫ - ମିସ କେ. ଆର୍ ସନ୍ତୋଷିନୀ, ମିସ୍ ଓଡ଼ିଶା, କୋକୋ ବେରୀ, ମିସେସ ଦିଗଦର୍ଶୀ ମିଶ୍ର, କସମେଟିକ ସର୍ଜନ ଡାକ୍ତର ଜୟନ୍ତ କୁମାର ଦାଶ ଓ ସେଲିବ୍ରିଟି ଡିଜାଇନର ଜୀତ ଜଗଜୀତ ଓ ଫ୍ୟାସନ ଫଟୋଗ୍ରାଫର - ଅଭିଷେକ ପଟ୍ଟନାୟକ ବିଚାରକ ଭାବରେ ଯୋଗ ଦେଇ ଥିଲେ । ଏଥିରେ ଅଭିନେତ୍ରୀ ଶିବାନୀ ସଂଗୀତା , ଦେବଯାନୀ, ଲିପିକା ପରିଡା, ଗୁରୁ ଶାଶ୍ୱତ ଯୋଶୀ, ଓଡ଼ିଆ ଟୋକା ଆକାଶ ହୋତା, ପ୍ରଡ୍ୟୁସର ରମେଶ ବାରିକ, ଡାକ୍ତର ପ୍ରକାଶ ଶ୍ରୀଚନ୍ଦନ, ଆଦିତ୍ୟ ଦାଶ, ଚେୟାରମାନ ସୂର୍ଯ୍ୟ ଉଦ୍ୟୋଗ ଏବଂ ଶୁଭମ ମହାନ୍ତି, ପରିଚାଳନା ନିର୍ଦ୍ଦେଶକ ରାଧା ଗୋବିନ୍ଦ ହୋମ୍‌ସ,ଅତିଥି ଭାବେ ଯୋଗ ଦେଇ ଥିଲେ । ଏଥିରେ ୩ ଜଣ ସେଲିବ୍ରିଟି ଡିଜାଇନର ତାଙ୍କର ସୁନ୍ଦର ପୋଷାକ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁଚାରୁ ଭାବରେ ପରିଚାଳନା କରିଥିଲେ, ଛାତ୍ର ନେତା ଓ ସମାଜସେବୀ ସୁଜଳ ପୂର୍ଣ୍ଣଶ୍ଲୋକ ମହାପାତ୍ର ଏବଂ ଆଶିଷ ମଲିକ ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ